

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର, ୨୯ ମାର୍ଚ୍ଚ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 29 MARCH 2022
Vol.No. 33 ■ No. 83 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶ ପାଇଲା
ଡଃ ଭାଗବତ ବେହେରାଙ୍କର
ବହୁ ପ୍ରତୀକ୍ଷିତ ଆଧ୍ୟାତ୍ମିକ,
ଚେତନାମୂଳକ ଉପନ୍ୟାସ
ବନ୍ଧୁ ମହାନ୍ତି
ପ୍ରାପ୍ତିସ୍ଥାନ :
ତାରିଣୀ ବିଦ୍ୟା ଭଣ୍ଡାର
ଷ୍ଟେସନ ରୋଡ,
ବାଲେଶ୍ୱର-୧
ମୂଲ୍ୟ ଟ୧୫୦/-


## ରାଜପଥ ଅବରୋଧ ସହ ରେଳରୋକ କଲେ ଆନ୍ଦୋଳନକାରୀ




ନୂଆଦିଲ୍ଲୀ, ୨୮/୦୩ : କେନ୍ଦ୍ର ସରକାରଙ୍କ ବିଭିନ୍ନ ପ୍ରସଙ୍ଗକୁ ବିରୋଧ କରି ଆଜିଠୁ ଦୁଇ ଦିନିଆ ଭାରତ ବନ୍ଦ ପାଳନ କରୁଛି ଟ୍ରେଡ୍ ୟୁନିଅନ । ସକାଳ ୬ରୁ ସନ୍ଧ୍ୟା ୬ଟା ଯାଏଁ ହେଉଥିବା ଏହି ଧର୍ମଘଟକୁ ଅନେକ ସଂଗଠନ ସମର୍ଥନ କରିଛନ୍ତି । ଅନ୍ୟପଟେ କେରଳ ହାଇକୋର୍ଟ ଏହି ପ୍ରସଙ୍ଗରେ ରାୟ ଦେଇ କହିଛନ୍ତି, କୌଣସି ସରକାରୀ କର୍ମଚାରୀ ଏହି ଦୁଇ ଦିନିଆ ଆନ୍ଦୋଳନରେ ସାମିଲ ହୋଇପାରିବେନି । ଦରଦାମ ବୃଦ୍ଧି, କେନ୍ଦ୍ରର ବିଭିନ୍ନ ନୀତିକୁ ବିରୋଧ କରି କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଆଜିଠୁ ଦୁଇ ଦିନିଆ ଦେଶବ୍ୟାପୀ ଧର୍ମଘଟ କରୁଛି । ଆଜି ପ୍ରଥମ ଦିନରେ ଏହାର ମିଶ୍ରିତ ପ୍ରଭାବ ଦେଖିବାକୁ ମିଳିଛି । ରାଜଧାନୀ ଦିଲ୍ଲୀ, ୟୁପି, ହିନ୍ଦୀ ହାର୍ଟଲ୍ୟାଣ୍ଡ ସମେତ ଅନେକ ସ୍ଥାନରେ ଏହାର ପ୍ରଭାବ ମିଶ୍ରିତ ଦେଖିବାକୁ ମିଳିଛି । ବନ୍ଦର ପ୍ରଭାବ ଯୋଗୁଁ ଦେଶର ଅନେକ ସ୍ଥାନରେ ରେଳ ଓ ଗାଡିମଟର ଚଳାଚଳ ବନ୍ଦ ରହିଥିବା ଦେଖିବାକୁ ମିଳିଛି । ଫଳରେ ଯାତାୟତ ଠପ ହୋଇପଡିଥିଲା । ରାଷ୍ଟ୍ରୀୟ ସଂସ୍ଥାକୁ ଘରୋଇକରଣର ବିରୋଧ, ଜନ ବିରୋଧୀ ଯୋଜନା ଓ ଦରବୃଦ୍ଧି ଭଳି ପ୍ରସଙ୍ଗକୁ ନେଇ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଧର୍ମଘଟକୁ ଓହ୍ଲାଇଛି । ଏହି ୧୨ ଘଂଟିଆ ଧର୍ମଘଟକୁ ହିନ୍ଦ ମଜଦୁର ସଙ୍ଘ, ଲେବର ପ୍ରୋଗ୍ରେସିଭ ଫେଡେରେସନ ଭଳି ଅନେକ ସଂଗଠନ ସମର୍ଥନ କରିଛନ୍ତି । ସଙ୍ଘର କର୍ମକର୍ତା ମାନେ ରାଜରାସ୍ତାକୁ ଓହ୍ଲାଇ ପ୍ରଦର୍ଶନ କରିବା ସହ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ନାରାବାଜି କରିଛନ୍ତି । ସେପଟେ ଧର୍ମଘଟ ଯୋଗୁଁ ବ୍ୟାଙ୍କ ଓ ଡାକଘର ସେବା ସମେତ ଅନେକ ଜରୁରୀକାଳିନ ସେବା ମଧ ପ୍ରଭାବିତ ହୋଇଛି । ସେପଟେ ଦରଦାମକୁ ନେଇ କେନ୍ଦ୍ର ସରକାରଙ୍କୁ ଘେରିଛନ୍ତି ବିରୋଧୀ । ଦେଶବ୍ୟାପୀ ଦୁଇ ଦିନିଆ ଧର୍ମଘଟକୁ ଅନେକ ରାଜନୈତିକ ଦଳ ମଧ ସମର୍ଥନ ଜଣାଇଛନ୍ତି । ବ୍ୟାଙ୍କ ଓ ଡାକଘର ସେବା ବନ୍ଦ ହେବା ଫଳରେ ୫୦ କୋଟିରୁ ଅଧିକ କାରବାର ପ୍ରଭାବିତ ହୋଇଥିବା ଜଣାପଡିଛି ।

## ଶେଷ ହୋଇପାରେ ଯୁଦ୍ଧ : ଆଲୋଚନା ପାଇଁ ରାଜି ଜେଲେନସ୍କି



କିଭ୍, ୨୮/୦୩ : ରୁଷ ଓ ୟୁକ୍ରେନ୍ ଯୁଦ୍ଧକୁ ଦୀର୍ଘ ଏକ ମାସ ବିତିଗଲାଣି । ତଥା ଥମୁନି ରୁଷର ଆକ୍ରମଣ । ମିସାଇଲ ଓ ରକେଟ୍ ମାଡରେ ୟୁକ୍ରେନର ଅନେକ ସହର ଛାରଖାର ହୋଇଗଲାଣି । ଆଜି ବି ୟୁକ୍ରେନର ବିଭିନ୍ନ ସହରରେ ରୁଷ ପକ୍ଷରୁ ଆକ୍ରମଣ କରାଯାଉଛି । ଏହାରି ଭିତରେ ପୁଣି ଥରେ ରୁଷ ସହ ଶାନ୍ତି ଆଲୋଚନା କରିବାକୁ ରାଜି ହୋଇଛନ୍ତି ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନସ୍କି । ତେବେ ରୁଷ ସହ ଆଲୋଚନା ପାଇଁ ପୁଣି ଏକ କେଁ ରଖିଛନ୍ତି ୟୁକ୍ରେନ୍ ରାଷ୍ଟ୍ରପତି । ସେ ପୁଟିନଙ୍କ ସମ୍ମୁଖରେ ସର୍ତ୍ତ ରଖିଛନ୍ତି । ରୁଷର ଏକ ସାମ୍ବାଦିକଙ୍କୁ ଦେଇଥିବା ଏକ ସାକ୍ଷାତକାରରେ ୟୁକ୍ରେନର ରାଷ୍ଟ୍ରପତି ଜେଲେନସ୍କି କହିଛନ୍ତି ଯେ 'ରୁଷ ସହିତ ଶାନ୍ତି ଚୁକ୍ତିର ଏକ ଅଂଶ ଭାବରେ ନିରପେକ୍ଷ ଆଭିମୁଖ୍ୟ ଗ୍ରହଣ କରିବାକୁ ୟୁକ୍ରେନ ପ୍ରସ୍ତୁତ ଅଛି । ସେ କହିଛନ୍ତି ଯେ ତୃତୀୟ ପକ୍ଷଙ୍କୁ ଏହା ଉପରେ ନିଶ୍ଚିତ କରିବାକୁ ପଡିବ ଏବଂ ଏଥିପାଇଁ ଏକ ଉପନିର୍ବାଚନ ମଧ କରିବାକୁ ପଡିବ ।' ସେ ଆହୁରି କହିଛନ୍ତି, ୟୁକ୍ରେନ୍‌କୁ ଦୁଇ ଭାଗରେ ବିଭକ୍ତ କରିବାକୁ ଚାହୁଁଛନ୍ତି ପୁଟିନ । ଉତ୍ତର ଏବଂ ଦକ୍ଷିଣ କୋରିଆ ପରି ରୁଷ ଦେଶକୁ ବିଭାଜନ କରିବାକୁ ଚେଷ୍ଟା କରୁଛି । ଯାହାକି ଆମେ କଦାପି କରିବାକୁ ଦେବୁନାହିଁ । ସେହିପରି ମସ୍କୋ ପ୍ରତି ପାଶ୍ଚାତ୍ୟ ରାଷ୍ଟ୍ରମାନେ ଭୟଭୀତ ଥିବା ୟୁକ୍ରେନୀୟ ରାଷ୍ଟ୍ରପତି ଜେଲେନ୍‌ସ୍କିଙ୍କର ସନ୍ଦେହ ହେଉଛି । ରୁଷ୍ ସେନା ସହ ମୁକାବିଲା କରିବା ଲାଗି ସେ ସେମାନଙ୍କୁ କମାଣ, ଲଢୁଆ ବିମାନ ଏବଂ କ୍ଷେପଣାସ୍ତ୍ର ଦେବାକୁ ଅନୁରୋଧ କରିଛନ୍ତି । ସୂଚନା ମୁତାବକ, ଆଜି ତୁର୍କୀରେ ରୁଷ ଓ ୟୁକ୍ରେନ୍ ପ୍ରତିନିଧିଙ୍କ ମଧ୍ୟରେ ଶାନ୍ତି ଆଲୋଚନା ହେବ । ଏହି ଆଲୋଚନା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି । ତେବେ ଏହି ଆଲୋଚନା ପରେ ଯୁଦ୍ଧ ଶାନ୍ତ ପଡିବ ବୋଲି ଆଶଙ୍କା କରାଯାଉଛି । ୟୁକ୍ରେନ୍ ଯୁଦ୍ଧରେ ବର୍ତ୍ତମାନ ସୁଦ୍ଧା ରୁଷର ୧୬ ହଜାରରୁ ଅଧିକ ସୈନ୍ୟ ନିହତ ହୋଇଥିବା ଦାବି କରିଛି ୟୁକ୍ରେନ । ଏହା ସହ ୫୮୨ଟି ଟ୍ୟାଙ୍କ ଧ୍ୱଂସ ହୋଇଥିବା ୟୁକ୍ରେନ୍ ଦାବି କରିଛି । କିନ୍ତୁ ରୁଷର ୧୩୫୧ ଜଣ ସୈନ୍ୟ ନିହତ ହୋଇଥିବା ବେଳେ ୩ ହଜାର ୮୨୫ ଜଣ ଆହତ ହୋଇଥିବା ମସ୍କୋର ପକ୍ଷରୁ କୁହାଯାଇଛି ।

## ଚାଇନାକୁ ଫେଂରିଲା ଲକଡାଉନ : ଦ୍ରୁତ ଗତିରେ ବ୍ୟାପୁଛି ସଂକ୍ରମଣ



ନୂଆଦିଲ୍ଲୀ, ୨୮/୦୩ : କରୋନା ଯନ୍ତାରେ ଚୀନ୍ । ସଂକ୍ରମଣ ବଢୁଥିବାରୁ ଆର୍ଥିକ ରାଜଧାନୀ ସାଂଘାଇକୁ ଲକଡାଉନ ଘୋଷଣା କରିଛି ସ୍ଥାନୀୟ ପ୍ରଶାସନ । ଏହାଦ୍ୱାରା ୨ କୋଟି ୫୦ ଲକ୍ଷ ଲୋକ ଗୃହବନ୍ଦୀ ହୋଇ ରହିଥିବା ଜଣାପଡିଛି । ସେହିପରି ଅନେକ ବ୍ୟବସାୟିକ ସଂସ୍ଥା, ଶିକ୍ଷାନୁଷ୍ଠାନ ଆଦିରେ ତାଲା ପଡିଛି । ସ୍ଥାନୀୟ ପ୍ରଶାସନ ସଂକ୍ରମଣକୁ ରୋକିବା ପାଇଁ ଟେଷ୍ଟିଂ ଉପରେ ଗୁରୁତ୍ୱ ଦେଉଛି । ଚାଇନାକୁ ଫେଂରିଲା ଲକଡାଉନ । ଘରବନ୍ଦୀରେ ୨ କୋଟି ୫୦ ଲକ୍ଷ ଲୋକ । ସାରା ଦୁନିଆକୁ କରୋନା ମହାମାରି ବାଂଟି ଥିବା ଚୀନ ଏବେ କୋଭିଡ ସଂକ୍ରମଣରେ ପୁଣି ଛନ୍ଦି ହୋଇରହିଛି । କରୋନାର ଓମିକ୍ରନ ଭାରିଆଂଟ ଚୀନରେ ଅନେକ ସହରରେ ଦୃତ ଗତିରେ ବ୍ୟାପିବାରେ ଲାଗିଛି । ବଢୁଥିବା ସଂକ୍ରମଣକୁ ନିୟନ୍ତ୍ରଣକୁ ଆଣିବା ପାଇଁ ଚୀନର ଆର୍ଥିକ ରାଜଧାନୀ କୁହାଯାଉଥିବା ସାଙ୍ଘାଇରେ ଲକଡାଉନ ଜାରି କରିଛି ଚୀନ । ବେସରକାରୀ ଅନୁଷ୍ଠାନ, ଦୋକାନ ବଜାର ସମେତ ସାର୍ବଜନିକ ପରିବହନ ସେବାକୁ ମଧ ବନ୍ଦ କରିଦିଆଯାଇଛି । ଚୀନର ଏହି କଠୋର ନୀତି ଯୋଗୁଁ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି । ଲକଡାଉନ ଯୋଗୁଁ ୨ କୋଟି ୫୦ ଲକ୍ଷ ଲୋକ ଘରବନ୍ଦି ହୋଇ ରହିଥିବା ଜଣାପଡିଛି । ଦୃତ ଗତିରେ ବ୍ୟାପୁଛି ସଂକ୍ରମଣ । ସାଂଘାଇ କରୋନାର ହଟସ୍ପଟ ! ଦେଶରେ ଲଗାତାର ଭାବରେ କରୋନା ସଂକ୍ରମଣ ବଢିବାରେ ଲାଗିଛି । ସଂକ୍ରମଣକୁ ▶▶ପୃଷ୍ଠା ୭

## ଅଧୀକ୍ଷଣ ଯନ୍ତ୍ରୀ ଭିଜିଲାନ୍ସ ଜାଲରେ : ୧ କେଜି ସୁନା ସହ ଜବତ ହେଲା ୮ କୋଟିରୁ ଅଧିକ ସମ୍ପତ୍ତି

ଭୁବନେଶ୍ୱର, ୨୮/୦୩ (ନି.ପ୍ର): ଜଣେ ଅଧୀକ୍ଷଣ ଯନ୍ତ୍ରୀଙ୍କ ଘରୁ ନଗଦ ୧ କୋଟି ୩୯ ଟଙ୍କା ଦେଖି କାବା ହୋଇ ଯାଇଛନ୍ତି ଭିଜିଲାନ୍ସ ଅଧିକାରୀ । ଭିଜିଲାନ୍ସ ଇତିହାସରେ ପ୍ରଥମ ଥର ପାଇଁ ଏତେ ପରିମାଣର ନଗଦ ଟଙ୍କା ଜବତ ହୋଇଛି । କେବଳ ନଗଦ ଟଙ୍କା ନୁହେଁ, ତାଙ୍କ ବାସଭବନରୁ ୧ କେଜି ୨ଶହ ଗ୍ରାମ ସୁନା ମୁଦ୍ରା ଓ ଅଳଙ୍କାର ଜବତ କରିଛି ଭିଜିଲାନ୍ସ । ମାଲକାନଗିରି ଗ୍ରାମ୍ୟ ନିର୍ମାଣ ଡିଭିଜନ-୧ର କୁବେର ଅଧୀକ୍ଷଣ ଯନ୍ତ୍ରୀ ଆଶିଷ କୁମାର ଦାସଙ୍କ ବିଭିନ୍ନ ସ୍ଥାନରେ ବାସଭବନରେ ୪ ଦିନ ହେଲା ଚଢାଉ ଚାଲିଛି । ଯେତେ ଚଢାଉ ଚାଲିଛି, ସେତେ ସଂପତିର ସନ୍ଧାନ ମିଳୁଛି । ଭିଜିଲାନ୍ସ ଇତିହାସରେ ପ୍ରଥମ ଥର ଏତେ ▶▶ପୃଷ୍ଠା ୭

## ସପ୍ତମ ବେତନ କମିଶନର ଶେଷ ୨୦% ବକେୟା ଦେୟ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର, ୨୮/୦୩ (ନି.ପ୍ର): ସପ୍ତମ ବେତନ କମିଶନ ବାବଦ ଆଉ ୨୦ ପ୍ରତିଶତ ବକେୟା ଅର୍ଥ ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ନେଇଛନ୍ତି । ମୁଖ୍ୟମନ୍ତ୍ରୀ ଙ୍କ ନିର୍ଦ୍ଦେଶ କ୍ରମେ ଆଜି ଏ ସଂକ୍ରାନ୍ତରେ ସରକାରୀ ଘୋଷଣା ନାମା ପ୍ରକାଶ ପାଇଛି । ଏହାଦ୍ୱାରା କର୍ମଚାରୀମାନେ ସପ୍ତମ ବେତନ କମିଶନ ଦରମା ବାବଦ ସଂପୂର୍ଣ୍ଣ ବକେୟା ରାଶି ପାଇପାରିବେ । ପୂର୍ବରୁ ଏହି ବକେୟାର ୮୦ ପ୍ରତିଶତ ପ୍ରଦାନ କରାଯାଇଛି । ଏହି ନିଷ୍ପତି ଦ୍ୱାରା ରାଜ୍ୟ ସରକାରଙ୍କ ୪ ଲକ୍ଷ କର୍ମଚାରୀ ଉପକୃତ ହେବେ । ଏଥିପାଇଁ ୨୦୨୧-୨୨ ଅତିରିକ୍ତ ବଜେଟ୍ ରେ ୮୫୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । କର୍ମଚାରୀମାନେ ଏହି ବକେୟା ଅର୍ଥ ଚଳିତ ମାର୍ଚ୍ଚ ମାସ ଦରମାରେ ପାଇପାରିବେ । ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ସପ୍ତମ ବେତନ କମିଶନର ସୁପାରିଶକୁ ▶▶ପୃଷ୍ଠା ୭

## ପ୍ରଶାନ୍ତ ଜଗଦ୍ଦେବଙ୍କ ମାଡମରା ଘଟଣା : ୯ ଗିରଫ

ଭୁବନେଶ୍ୱର, ୨୮/୦୩ (ନି.ପ୍ର): ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ମାରପିଟ୍ ଘଟଣାରେ ୯ ଜଣଙ୍କୁ ଗିରଫ କରିଛି ପୋଲିସ । ବାଣପୁର ବ୍ଲକ ପରିସରରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ମାଡ ମାରିଥିଲେ ଅଭିଯୁକ୍ତ । ବିଭିନ୍ନ ସ୍ଥାନରେ ଚଢାଉ କରି ୯ ଜଣଙ୍କୁ ଧରିଛି ସ୍ୱତନ୍ତ୍ର ସ୍କ୍ୱାର୍ଡ । ଖୋର୍ଦ୍ଧା ଏସପିଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ପୋଲିସ ଟିମର ଖାନତଲାସୀ ଜାରି ରହିଛି । ୯ ଜଣ ଅଭିଯୁକ୍ତଙ୍କୁ ନୀଳାଦ୍ରୀପ୍ରସାଦର ପୁରୁଣା ବଙ୍କଡାଗଡରୁ ଗିରଫ କରାଯାଇଛି । ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ପକ୍ଷରୁ ଚଢାଉ ଜାରି ରହିଛି । ଗତ ୧୨ ତାରିଖରେ ବାଣପୁର ବ୍ଲକ ନିକଟରେ ଲୋକଙ୍କ ଉପରେ ଚିଲିକା ବିଧାୟକ ଗାଡି ମଡାଇଦେବାକୁ ଉଦ୍ୟମ କରିଥିବା ନେଇ ଅଭିଯୋଗ ହୋଇଥିଲା । ଆଉ ଏଥିପାଇଁ ଉତ୍ୟକ୍ତ ଲୋକେ ବିଧାୟକଙ୍କୁ ନିର୍ଦ୍ଧୁମ ମାଡ ମାରିଥିଲେ । ବିଧାୟକଙ୍କୁ ରକ୍ତାକ୍ତ ଅବସ୍ଥାରେ ପୋଲିସ ଉଦ୍ଧାର କରିଥିଲା । ବିଧାୟକଙ୍କ ନାଁରେ ମଧ ମାମଲା ରୁଜୁ ହୋଇଥିଲା । ଆଉ ମେଡିକାଲରୁ ଡିସଚାର୍ଜ ହେବା ପରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ଗିରଫ କରିଛି ପୋଲିସ ।

## ସମିତି ସଭ୍ୟାଙ୍କ ସ୍ୱାମୀଙ୍କ ଗୁଳିମାଡରେ ମୃତ୍ୟୁ

ଭୁବନେଶ୍ୱର, ୨୮/୦୩ (ନି.ପ୍ର): ପାଟଣାଗଡରେ ଫୁଟିଲା ଗୁଳି । ଗୁଳିମାଡରେ ବାଗଦୋର ସମିତି ସଭ୍ୟାଙ୍କ ସ୍ୱାମୀ ମୃତ । ପଲସରରେ ଆସି ୩ ରାଉଣ୍ଡ ଗୁଳିମାଡ କଲେ ୩ ଦୁର୍ବୃତ୍ତ । ଗୁଳିମାଡ ପରେ ସମିତି ସଭ୍ୟାଙ୍କ ସ୍ୱାମୀ ଲୋକନାଥ ବିଶ୍ୱାଳଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ମାତ୍ର ସମିତି ସଭ୍ୟା ବନିତା ବିଶ୍ୱାଳଙ୍କ ସ୍ୱାମୀଙ୍କୁ ମୃତ ଘୋଷଣା କରିଛନ୍ତି ଡାକ୍ତର । ତେବେ ଘଟଣାରେ ୨ ଜଣଙ୍କୁ ଅଟକ ରଖି ପଚରା ଉଚରା କରାଯାଉଥିବା ବେଳେ କେଉଁ କାରଣରୁ ଏ ହତ୍ୟାକାଣ୍ଡ ହୋଇଛି ତାହା ଜଣାପଡିନାହିଁ ।

## ପଦ୍ମ ପୁରସ୍କାର ପାଇଲେ ପ୍ରତିଭା ରାୟ, ପ୍ରମୋଦ ଭଗତ



ନୂଆଦିଲ୍ଲୀ/ଭୁବନେଶ୍ୱର, ୨୮/୦୩ (ନି.ପ୍ର): ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଠାରୁ ପଦ୍ମ ପୁରସ୍କାର ଗ୍ରହଣ କରିଛନ୍ତି ବିଶିଷ୍ଟ ସାହିତ୍ୟିକା ତଥା ଶିକ୍ଷାବିତ୍ ଡ.ପ୍ରତିଭା ରାୟ ଓ ପାରା ଅଲମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ପ୍ରମୋଦ ଭଗତ । ସୋମବାର ଦିନ ରାଷ୍ଟ୍ରପତି ଭବନରେ ଏକ ସ୍ୱତନ୍ତ୍ର ସମାରୋହରେ ଡ.ପ୍ରତିଭା ରାୟଙ୍କୁ 'ପଦ୍ମଭୂଷଣ' ଓ ପାରା ଅଲମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ପ୍ରମୋଦ ଭଗତଙ୍କୁ 'ପଦ୍ମଶ୍ରୀ' ପୁରସ୍କାର ପ୍ରଦାନ କରାଯାଇଛି । ଏମାନଙ୍କ ସହ ବିଭିନ୍ନ ରାଜ୍ୟର ସମୁଦାୟ ୭୪ ଜଣ ସଫଳ ବ୍ୟକ୍ତଙ୍କୁ ଆଜିର ସମାରୋହରେ ପୁରସ୍କୃତ କରାଯାଇଛି । ଏହି ପୁରସ୍କାର ପ୍ରଦାନ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହମନ୍ତ୍ରୀ ଅମିତ ଶାହ ଉପସ୍ଥିତ ଥିଲେ । ପ୍ରତିଭା ରାୟ ଏଥିପୂର୍ବରୁ ୨୦୦୭ ମସିହାରେ ପଦ୍ମଶ୍ରୀରେ ସମ୍ମାନିତ ହୋଇଥିଲେ । ସାହିତ୍ୟ କ୍ଷେତ୍ରକୁ ଅବଦାନ ଲାଗି ସେ ୨୦୦୦ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଏବଂ ୨୦୧୧ରେ ଜ୍ଞାନପୀଠ ପୁରସ୍କାର ଭଳି ଶୀର୍ଷ ପୁରସ୍କାର ଲାଭ କରିଥିଲେ । ସେହିପରି ପାରା ଅଲମ୍ପିକ୍ସରେ ବ୍ୟାଡମିଂଟନରେ ଦେଶ ପାଇଁ ସ୍ୱର୍ଣ୍ଣପଦକ ଆଣିଥିବା ପାରା ଆଥଲେଟ୍ ପ୍ରମୋଦ ଭଗତଙ୍କୁ ଆଜି ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି ।

## 'ନୀଳପ୍ରଭା ସାହିତ୍ୟ ପରିଷଦ'ର ୨୯ତମ ବାର୍ଷିକ ସାରସ୍ୱତ ସମାରୋହ

### ଉନ୍ମୋଚିତ ହେଲା 'ଏକପଦୀ ଶତକ', 'ଦିଦାଂ ଦାଦନ ଦିଦାଂ' ଓ 'ନୀଳପ୍ରଭା'




ବାଲେଶ୍ୱର, ୨୮/୦୩ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ବଣ ପାହାଡ଼ ଘେରା ନୀଳଗିରି ସବ୍‌ଡିଭିଜନ୍‌ର ମଫସଲ ଗାଁ ଅଁଳାପାଳଠାରେ କବି ଗଙ୍ଗାଧର ଦାସଙ୍କ ପ୍ରତିଷ୍ଠିତ ସାହିତ୍ୟ ଅନୁଷ୍ଠାନ 'ନୀଳପ୍ରଭା ସାହିତ୍ୟ ପରିଷଦ'ର ୨୯ତମ ବାର୍ଷିକ ସାରସ୍ୱତ ସମାରୋହ ୨୭ତାରିଖରେ ଦିବସବ୍ୟାପୀ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପରିଷଦର ବାର୍ଷିକ ମୁଖପତ୍ର ନୀଳପ୍ରଭା-୨୦୨୨ ସମେତ କବି ଗଙ୍ଗାଧର ଦାସଙ୍କ 'ଏକପଦୀ ଶତକ' କବିତା ସଂକଳନ, କବି ବିଜୟ ଉପାଧ୍ୟାୟଙ୍କ 'ଦିଦାଂ ଦାଦନ ଦିଦାଂ' କବିତା ପୁସ୍ତକ' ଉନ୍ମୋଚିତ ହୋଇଛି । ଉତ୍ସବକୁ ଉଦ୍‌ଘାଟନ କରିଥିଲେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଦସ୍ୟ କବି କାଳୀପଦ ପଣ୍ଡା । ପ୍ରଥମ ଅଧିବେଶନ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ପଞ୍ଚଲିଙ୍ଗେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ ବେହେରା । କବିତାଗୁଡ଼ିକୁ ସଂଯୋଜନା କରିଥିଲେ କବୟିତ୍ରୀ ତାନଶ୍ରୀ ପାଣିଗ୍ରାହୀ, ପଦ୍ମଲୋଚନ ପ୍ରଧାନ ଓ ରାମଚନ୍ଦ୍ର ମାଝୀ ଏବଂ ସଭାପତିତ୍ୱ କରିଥିଲେ କବି ଗଙ୍ଗାଧର ଦାସ । ଏଥିରେ ଧନ୍ୟବାଦ ଦେଇଥିଲେ ଭକ୍ତଶ୍ରୀ ଦାସ । ଦ୍ୱିତୀୟ ଅଧିବେଶନ ପୁସ୍ତକ ଉନ୍ମୋଚନ ଓ ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହରେ ଅଧକ୍ଷତା କରିଥିଲେ ରତ୍ନାକର ଟାଉନ୍‌ହାଇସ୍କୁଲ୍ ନୀଳଗିରିର ପ୍ରଧାନଶିକ୍ଷକ ବିନୋଦ ବିହାରୀ ପଣ୍ଡା, ଉଦ୍‌ଘାଟକ ଥିଲେ ବରିଷ୍ଠ କବି ଡ.ଭରତ ବେହେରା । ମୁଖ୍ୟଅତିଥି ଭାବେ 'ରେବତୀ' ପତ୍ରିକାର ସମ୍ପାଦିକା ସୁବାସିନୀ ଜେନା, ମୁଖ୍ୟବକ୍ତା ଭାବେ ବରିଷ୍ଠକବି ବିଜୟ ଉପାଧ୍ୟାୟ, ବରେଣ୍ୟ ଅତିଥି ଭାବେ 'ଧ୍ୱନିପ୍ରତିଧ୍ୱନି'ର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, କବି କାଳୀପଦ ପଣ୍ଡା, କବି ପର୍ଶୁରାମ ସାହୁ, ▶▶ପୃଷ୍ଠା ୭

## ଏପ୍ରିଲ ୧ରେ ପ୍ରଧାନମନ୍ତ୍ରୀଙ୍କ 'ପରୀକ୍ଷା ପେ ଚର୍ଚ୍ଚା'ର ପଂଚମ ସଂସ୍କରଣ : ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର, ୨୮/୦୩ (ନି.ପ୍ର): ଆସନ୍ତା ଏପ୍ରିଲ ୧ ତାରିଖ ପୂର୍ବାହ୍ନ ୧୧ଟାରେ ନୂଆଦିଲ୍ଲୀର ତାଲକଟୋରା ଷ୍ଟାଡ଼ିୟମରେ 'ପରୀକ୍ଷା ପେ ଚର୍ଚ୍ଚା'ର ପଂଚମ ସଂସ୍କରଣ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱର ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକଙ୍କ ସହିତ ଚର୍ଚ୍ଚା ଆଲୋଚନା କରିବେ ବୋଲି ସୋମବାର ନୂଆଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ଦେଇଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଚାପମୁକ୍ତ ପରୀକ୍ଷା ପାଇଁ 'ପରୀକ୍ଷା ପେ ଚର୍ଚ୍ଚା'କୁ ଏକ ଜନଆନ୍ଦୋଳନର ରୂପ ଦେବାକୁ ସେ ଆହ୍ୱାନ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଯୁବପିଢ଼ିଙ୍କ ବହୁ ପ୍ରତୀକ୍ଷିତ ଏହି ବାର୍ଷିକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଗାମୀ ଦିନରେ ହେବାକୁ ଥିବା ବୋର୍ଡ ଓ ପ୍ରବେଶିକା ପରୀକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ପୂର୍ବରୁ ଚାପମୁକ୍ତ କରିବା ଦିଗରେ ପରାମର୍ଶ ଦେବେ । କୋଭିଡ୍ କଟକଣା କାରଣରୁ କେବଳ ଦିଲ୍ଲୀ ଏନସିଆର, ଉତରପ୍ରଦେଶ ଏବଂ ହରିୟାଣାର ୧ ହଜାର ଛାତ୍ରଛାତ୍ରୀଙ୍କୁ ତାଲକଟୋରା ଷ୍ଟାଡ଼ିୟମରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାଗ ନେବାକୁ ନିମନ୍ତ୍ରଣ କରାଯାଇଛି । ଚଳିତ ଥର ପ୍ରଥମ ଥର ପାଇଁ ସବୁ ରାଜଭବନରେ ରାଜ୍ୟପାଳଙ୍କ ସହ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକ ଏହି କାର୍ଯ୍ୟକ୍ରମକୁ ଦେଖିବାର କାର୍ଯ୍ୟକ୍ରମ ରହିଛି । ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟର ସବୁ ଅନୁଷ୍ଠାନ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅଧୀନରେ ଥିବା ବିଭିନ୍ନ ଅନୁଷ୍ଠାନ, ନର୍ସିଂ ସ୍କୁଲ ତଥା ଭାରତ ସରକାରଙ୍କ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ପରୀକ୍ଷା ପେ ଚର୍ଚ୍ଚା ଆୟୋଜନ କରାଯିବାର ମଧ ଯୋଜନା ରହିଛି । ବିଦେଶରୁ ମଧ ଭର୍ଚ୍ଚୁଆଲ ମାଧ୍ୟମରେ ▶▶ପୃଷ୍ଠା ୭

# ଅଜୟ କୁମାର ଜୈସୱାଲ୍ ତୁଷୁରା ଏନଏସି ଅଧ୍ୟକ୍ଷ ନିର୍ବାଚିତ

ବଲାଙ୍ଗିର,୨୮/୦୩ (ନି.ପ୍ର): ତୁଷୁରା ଏନଏସି କାର୍ଯ୍ୟାଳୟ ପରିସରରେ ଶନିବାର ପୌରପରିଷଦ ନିର୍ବାଚନର ଭୋଟ ଗଣତି ସରିଯାଇଥିବା ବେଳେ ବିଜେଡି ଅଧ୍ୟକ୍ଷ ପ୍ରାର୍ଥୀ ଅଜୟ କୁମାର ଜୈସୱାଲ୍ ନିଜ ନିକଟତମ ପ୍ରତିଦ୍ୱନ୍ଦୀ ଭାଜପା ଅଧ୍ୟକ୍ଷ ପ୍ରାର୍ଥୀ ରୁନୁଗୋପାଳ ସାହୁଙ୍କ ଠାରୁ ୮୨୬ ଭୋଟରେ ବିଜୟୀ ହୋଇଥିବା ବେଳେ ବିଜେଡି-୩୬୫୧, ବିଜେପି-୨୮୨୫, କଂଗ୍ରେସ-୧୫୭ ଓ ନୋଟାରେ ୫୫ଟି ଭୋଟ ମିଳିଥିଲା । ଏହା ସହିତ ବିଜେଡିର ୭ ଜଣ କାଉନସେଲର ଯଥା, ୨ ନମ୍ବର ୱାର୍ଡ କାଉନସେଲର- ସୁଷମା ସାହୁ, ୩ନମ୍ବର ୱାର୍ଡ କାଉନସେଲର- ଚିନ୍ତାମଣୀ ବାଗ, ୪ନମ୍ବର ୱାର୍ଡ କାଉନସେଲର- ମିଥୁନ ସାହୁ, ୫ନମ୍ବର ୱାର୍ଡ କାଉନସେଲର-ମାମୀ ଦାଶ, ୭ନମ୍ବର ୱାର୍ଡ କାଉନସେଲର- ସବିତା ନାଗ, ୮ନମ୍ବର ୱାର୍ଡ କାଉନସେଲର-ସର୍ବେଶ୍ୱରୀ ଭୋଇ, ୧୧ନମ୍ବର ୱାର୍ଡ କାଉନସେଲର- ରୀତା ପ୍ରଧାନୀ ବିଜୟୀ ହୋଇଥିବା ବେଳେ ଭାଜପାର ୧ ନମ୍ବର ୱାର୍ଡ କାଉନସେଲର- ମିତାଲି ସାହୁ, ୬ ନମ୍ବର ୱାର୍ଡ କାଉନସେଲର- ଗୀତାଞ୍ଜଳୀ ଦର୍ଜି, ୯ ନମ୍ବର ୱାର୍ଡ କାଉନସେଲର- ଧିରେନ୍ଦ୍ର କୁମାର ମହାନନ୍ଦ, ୧୦ ନମ୍ବର ୱାର୍ଡ କାଉନସିଲର- ବବିତା ସାହୁ ବିଜୟୀ ହୋଇଥିବା ନିର୍ବାଚନ ଅଧିକାରୀ ତଥା ତୁଷୁରା ତହସିଲଦାର ରବିନ୍ଦ୍ର ପଟେଲ ପ୍ରକାଶ କରିଛନ୍ତି । ବିଜୟ ପରେ ବିଜେଡି ଅଧ୍ୟକ୍ଷ ପ୍ରାର୍ଥୀ ଓ ୭ ଜଣ କାଉନସେଲର ପ୍ରାର୍ଥୀ ସହରର ବିଭିନ୍ନ ମନ୍ଦିରକୁ ଯାଇ ଦେବାଦେବୀଙ୍କ ଦର୍ଶନ କରିଥିବା ସହ ନିଜ ନିଜ ୱାର୍ଡ ବୁଲି ଲୋକମାନଙ୍କୁ ଧନ୍ୟବାଦ ଦେବା ସହ ଆର୍ଶୀବାଦ ନେଇଥିଲେ । ଜନସାଧାରଣଙ୍କୁ ଦେଇଥିବା ପ୍ରତିଶୃତି ପାଳନ କରିବା ପାଇଁ ବିଜୟ ପରେ ଶ୍ରୀ ଜୈସୱାଲ୍ ପ୍ରକାଶ କରିଥିଲେ ।

# ୩ ୟ ନିଲୋଫର କ୍ରିକେଟ୍ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ: ରାଇଜିଂଷ୍ଟାର ଦଳ ଚାମ୍ପିଅନ

ଖୋର୍ଦ୍ଧା,୨୮/୦୩ (ନି.ପ୍ର): କଳିଙ୍ଗ ଟାଇଗର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୩ୟ ନିଲୋଫର କ୍ରିକେଟ୍ ଟୁର୍ନାମେଂଟ ଉଦଯାପିତ ହୋଇଯାଇଛି । ସ୍ଥାନୀୟ ଗୁରୁଜଙ୍ଗ ଖେଳପଡିଆ ଠାରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍ ରେ ରାଇଜିଂ ଷ୍ଟାର୍, କୁମାରବସ୍ତ ଓ ଜନତରା କ୍ରିକେଟ୍ କ୍ଲବ୍, ଯଦୁପୁର ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ବ୍ୟାଟିଂ କରି କୁମାରବସ୍ତ ଦଳ ନିର୍ଦ୍ଧାରିତ ୨୫ ଓଭର ରୁ ୨୭୬ ରନ୍ କରିଥିଲା ।ଜବାବରେ ଯଦୁପୁର ଦଳ ୨୫ ଓଭର ରୁ ୮ ୱିକେଟ ହରାଇ ୨୦୨ ରନ୍ ସଂଗ୍ରହ କରିଥିଲେ । ଏହି ମ୍ୟାଚ୍‌କୁ କୁମାରବସ୍ତ ଦଳ ୭୪ ରନ୍ ରେ ଜିତିନେଇଥିଲା । ଆଜିର ମ୍ୟାଚ୍‌କୁ ପରିଚାଳନା କରୁଥିଲେ ଅସିତ୍ କୁମାର ଶତପଥୀ ଓ ଦ୍ୟୁଜେନ୍ଦ୍ରେ କୁମାର ଘୋଷ । ବିଜୁ ଯୁବ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ତଥା କେନ୍ଦୁଝର ଜିଲ୍ଲା ଯୁବ ବିଜେଡି ପର୍ଯ୍ୟବେକ୍ଷକ ଅବ୍ୟକ୍ତ ହରିହର ଖାଡଙ୍ଗା ମ୍ୟାଚ୍ ରେଫରୀ ଓ ସୂର୍ଯ୍ୟକାନ୍ତ ଗୁମାନ ସିଂ ସ୍କୋରର ଏବଂ ସନ୍ଦୀପ ମହାନ୍ତି ଡିଜିଟାଲ ସ୍କୋରର ଭାବେ କାର୍ଯ୍ୟ କରିଥିଲେ । ଖୋର୍ଦ୍ଧା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁ ଓ ପଦ୍ମଶ୍ରୀ ଶ୍ରୀଯୁକ୍ତ ଦିଲୀପ ତିର୍କି , ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ପ୍ରିୟବ୍ରତ ଦାସ, ହୁସୀନରା ବେଗମ୍, ନିଲୋଫର ବେଗମ ଉପସ୍ଥିତ ରହି ଚାମ୍ପିଅନ ଓ ରନର୍ଷ ଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ । ମ୍ୟାନ ଅଫ୍ ଦି ମ୍ୟାଚ୍ ସୁନିଲ କୁମାର ସାହୁ, ମ୍ୟାନ ଅଫ୍ ଦି ସିରିଜ ଅଭିଷେକ ପଟ୍ଟନାୟକ, ବେଷ୍ଟ ବ୍ୟାଟ୍ସମ୍ୟାନ୍ ଏମ୍ ଡି ତବ୍ରେଜ ,ବେଷ୍ଟ ଫିଲଡର କାଳିଆ ସାହୁ,ବେଷ୍ଟ ବୋଲର ଅଶୀମାନନ୍ଦ ଦଳବେହେରା ପୁରସ୍କୃତ ହୋଇଥିଲେ ।ସୁନିଲ କୁମାର ରାଉତରାୟ, ଅଶେଷ ରାଉତ, ରାଜେନ୍ଦ୍ର ବେହେରା, ଶୁଭ୍ରାଂଶୁ ସାମନ୍ତରାୟ, ପ୍ରଭାତ ପାଣିଗ୍ରାହୀ, ଦିଲୀପ ପଟନାୟକ,ସୂର୍ଯ୍ୟ ନାରାୟଣ ମହାନ୍ତି ପ୍ରମୁଖ ଅତିଥି ରୂପେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।ପ୍ରକାଶ ସାହୁ ବେଷ୍ଟ ଆୟୋଜକ ରୂପେ ପୁରସ୍କାର ଗ୍ରହଣ କରିଥିଲେ ।

# କଳାହାଣ୍ଡି ଜିଲ୍ଲାର ସଫଳ ଫୁଲ ଚାଷୀ ଦେବାର୍ଚ୍ଚନ

ଭବାନୀପାଟଣା,୨୮/୦୩ (ନି.ପ୍ର): କଥାରେ ଅଛି ଚାଷ ଅଛି ଯାହାର କେଡେ ସୁଖ ତାହାର ଦୁନିଆକୁ ଯୋଗାଏ ସିଏ ସିନା ଆହାର । ଯାହାର ଚାଷ ଜମି ଅଛି ସେ ଦୁନିଆକୁ ଖାଇବା ଯୋଗାଉଛି ତ କିଏ ଫୁଲ ଫଳ ଯୋଗାଉଛି, କାହାର ଚାଷରେ ଭଲ ପାଇବା ଅଛି ତ କାହାର ନାହିଁ । ଯାହାର ଚାଷ ପ୍ରତି ଭଲ ପାଇବା ରହିଛି ସେ ବଡ ଚାକିରୀ ଛାଡି ମଧ୍ୟ ଚାଷ କାମ କରିବା ପାଇଁ ଆଗେଇ ଆସିଛି ତ କିଏ ନିଜ ଚାଷ ଜମି ଛାଡି ଚାକିରୀ କରିବା ପାଇଁ ଯାଉଛି । ଆଜି ଆମେ ଆପଣଙ୍କୁ କହିବୁ ଏଭଳି ଜଣେ ବ୍ୟକ୍ତିଙ୍କ ବିଷୟରେ ଯିଏକି ହେଉଛନ୍ତି ଜଣେ ଅବସର ପ୍ରାପ୍ତ ବ୍ୟାଙ୍କ କର୍ମଚାରୀ । କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ଭବାନୀପାଟଣା ବ୍ଲକ ଦାଦପୁର ଗ୍ରାମର ଦେବାର୍ଚ୍ଚନ ପ୍ରଧାନ । ସେ ହେଉଛନ୍ତି ଜଣେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ । ସେ ନିଜଠୁ ବେଶି ଭଲ ପାଆନ୍ତି ଫୁଲକୁ । କଳାହାଣ୍ଡି ଜିଲାର ବିଭିନ୍ନ ଅଂଚଳରେ ତାଙ୍କର ଫୁଲ ରହିଛି । ଜିଲ୍ଲାର ମ.ରାମପୁର, ନର୍ଲା, ଜୁନାଗଡ଼, ଧର୍ମଗଡ଼, ଭବାନୀପାଟଣା, କେସିଙ୍ଗା ଅଂଚଳରେ ତାଙ୍କ ଫୁଲର ବେଶ୍ ଚାହିଦା ରହିଛି । ତାଙ୍କ ବଗିଚାରେ ଫୁଲ ସହିତ ବିଭିନ୍ନ ପ୍ରକାରର ଫଳ ମଧ୍ୟ ଦେଖିବାକୁ ମିଳେ ।

# ନଗରପାଳ ଓ କାଉନସିଲରଙ୍କୁ ସମ୍ବର୍ଦ୍ଧିତ କଲେ ସାଂସଦ ମହେଶ ସାହୁ

ଭୁବନ,୨୮/୦୩(ନି.ପ୍ର): ଭୁବନ ଏନଏସି ନିର୍ବାଚନରେ ବିଜୟ ଲାଭ କରିଥିବା ବିଜେଡି କାଉନସିଲର ଓ ନଗରପାଳ ଙ୍କୁ ସାଂସଦ ମହେଶ ସାହୁ ସମ୍ବର୍ଦ୍ଧିତ କରିଛନ୍ତି । ବିଷ୍ଣୁପ୍ରିୟା ଗାଲାକ୍ସି ଠାରେ ଅନୁଷ୍ଠିତ ସମ୍ବର୍ଦ୍ଧିତ ସଭାରେ ସାଂସଦ ମହେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସର୍ବପ୍ରଥମେ ନଗରପାଳ ଶୁଭେନ୍ଦୁ ସାହୁ ଓ ପରେ ୧ ନମ୍ବର ୱାର୍ଡ କାଉନସିଲର ଗିରିଧାରୀ ସାହୁ, ୩ ନମ୍ବର ୱାର୍ଡ କାଉନସିଲର ମାନିନୀ ସାହୁ, ୭ ନମ୍ବର ୱାର୍ଡ କାଉନସିଲର ନରେନ୍ଦ୍ର ବେହେରା, ୯ ନମ୍ବର ୱାର୍ଡ କାଉନସିଲର ପପୁ ସାହୁ, ୧୧ ନମ୍ବର ୱାର୍ଡ କାଉନସିଲର ସ୍ୱର୍ଣ୍ଣ ମଂଜରୀ ସାହୁ, ୧୨ ନମ୍ବର ୱାର୍ଡ କାଉନସିଲର କବିତା ସେନାପତି, ୧୪ ନମ୍ବର ୱାର୍ଡ କାଉନସିଲର କଳ୍ପନା ବେହେରା ଓ ୧୫ ନମ୍ବର ୱାର୍ଡ କାଉନସିଲର ଝୁନା ନାୟକ ଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଭୁବନ ଜନସାଧାରଣ ଆପଣମାନଙ୍କ ଉପରେ ଯେଉଁ ଆଶା ଭରସା ଓ ବିଶ୍ୱାସ ରଖି ବିଜୟୀ କରାଇଛନ୍ତି ,ଆପଣମାନେ ସେଥିପ୍ରତି ଯତ୍ନଶୀଳ ହୋଇ କାର୍ଯ୍ୟ କରନ୍ତୁ ଏବଂ ଏକ ସୁସ୍ଥ ଭୁବନ, ସୁନ୍ଦର ଭୁବନ ଓ ସମୃଦ୍ଧ ଭୁବନ ଗଢିତୋଳିବାରେ ସହାୟକ ହୁଅନ୍ତୁ ବୋଲି ସାଂସଦ ମହେଶ ସାହୁ ଆହ୍ୱାନ ଦେଇଥିଲେ । ସଭା ପ୍ରାରମ୍ଭରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ପିତା ହୃଷିକେଶ ମଲ୍ଲିକ (୧୦୪) ଙ୍କର ଆଜି ସକାଳେ ଦେହାନ୍ତ ଯୋଗୁଁ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଜିଲ୍ଲା ବିଜେଡି ସଂପାଦକ ଅଜୟ ସେଠୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ ।

# ନବ ବିବାହିତ ଦମ୍ପତିଙ୍କ ଆତ୍ମହତ୍ୟା

କେନ୍ଦ୍ରାପଡ଼ା,୨୮/୦୩ (ନି.ପ୍ର): କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ କଳପଡା ଗ୍ରାମରେ ଜଣେ ନବ ବିବାହିତ ଦମ୍ପତି ଆତ୍ମହତ୍ୟା କରିଥିବା ନେଇ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । ଗତ ୮ ମାସ ତଳେ ସେହି ଗ୍ରାମର ରବିନ୍ଦ୍ର ବେହେରା ଓ ଅନୁସୟାଙ୍କ ବିବାହ ହୋଇଥିଲା । ଉଭୟ ଦମ୍ପତିଙ୍କ ମଧ୍ୟରେ ଭଲ ସଂପର୍କ ଥିବାବେଳେ ମାର୍ଚ୍ଚ ୨୪ ତାରିଖ ମଧ୍ୟ ରାତ୍ରରେ ଘର ଠାରୁ କିଛି ଦୂରରେ ଥିବା ଏକ ଚାଷ ଜମିରେ ସ୍ୱାମୀ ସ୍ତ୍ରୀ ଉଭୟ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ପରଦିନ ସକାଳେ ଗ୍ରାମବାସୀମାନେ ସଙ୍କଟାପନ୍ନ ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ମେଡିକାଲକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇ ଥିଲା । ସେଠାରେ ୨୫ ତାରିଖରେ ପ୍ରଥମେ ଅନୂସୟାଙ୍କ ଉଭୟଙ୍କ ମୃତ୍ୟୁ ହୋଇଥିବା ବେଳେ ୨୬ ତାରିଖରେ ରବିନ୍ଦ୍ର ମଧ୍ୟ ମୃତ୍ୟୁବରଣ କରିଥିଲେ । ଶବ କେନ୍ଦ୍ରାପଡା ଅଣାଯାଇ ଗୋଟିଏ ଜୁଇରେ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ଅନ୍ତିମ ସଂସ୍କାର ହୋଇଥିବା ଜଣାପଡିଛି । ଅନୂସୟାଙ୍କ ପରିବାର ପକ୍ଷରୁ ଶାଶୂଘର ଲୋକଙ୍କ ଯୋଗୁଁ ଝିଅ ଆତ୍ମହତ୍ୟା କରିଥିବା ଅଭିଯୋଗ କରାଯାଇ ସଦର ଥାନାରେ ଏତଲା ଦିଆଯାଇଛି । ସଦର ଥାନା ଅଧିକାରୀ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଥିବା ଜଣାପଡିଛି । ମୃତ ରବିନ୍ଦ୍ର ଭୁବନେଶ୍ୱର ରେ ଏକ ଘରୋଇ କମ୍ପାନୀରେ ଚାକିରୀ କରୁଥିଲେ ।

# ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ପୁରୀ ଭ୍ରମଣ

ପୁରୀ,୨୮/୦୩(ନି.ପ୍ର): ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ଭାବେ ନିଯୁକ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀମାନେ ପୁରୀ ଭ୍ରମଣ କରିଛନ୍ତି । ସେମାନଙ୍କୁ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀରେ ଏକ ମାସ ନିମନ୍ତେ ତାଲିମ ପ୍ରଦାନ କରାଯାଉଛି । ସେମାନେ ପ୍ରଥମେ କୋଣାର୍କ, ରାମଚଣ୍ଡି ବୁଲି ଦେଖିସାରିବା ପରେ ଶ୍ରୀମନ୍ଦିର ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ । ମହାପ୍ରସାଦ ସେବନ ପରେ ସେମାନେ ବ୍ଲୁଫ୍ଲାଗ ବିଚ ବୁଲି ଦେଖି ଭୁବନେଶ୍ୱର ଫେରି ଯାଇଥିଲେ । ପୁରୀରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଦୀପ କୁମାର ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଅଶୋକ କୁମାର ନାୟକ ନବ ନିଯୁକ୍ତ ଅଧିକାରୀ ମାନଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟ କ୍ଷେତ୍ରରେ ନିଷ୍ଠାର ସହ କାମ କରିବାକୁ ପରାମର୍ଶ ଦେଇଥିଲେ । ଏହାପରେ ଆପଦକାଳୀନ ଅଧିକାରୀ ଶ୍ରୀ ଜିତେନ୍ଦ୍ର କୁମାର ପାତ୍ର ବିପର୍ଯ୍ୟୟ ପରିଚାଳନା ଉପରେ ସମ୍ୟକ ଧାରଣା ପ୍ରଦାନ କରିଥିଲେ । ଜରୁରୀ ସେବା ପ୍ରଦାନ ସମୟରେ କର୍ମକ୍ଷେତ୍ରରେ ନିଜକୁ ଉପଯୋଗୀ କରିବା ଉପରେ ମଧ୍ୟ ଅଧିକାରୀ ମାନଙ୍କୁ ସେ ପରାମର୍ଶ ଦେଇଥିଲେ ।

# ସୌରି ସାହିତ୍ୟ ସଂସ୍କୃତି ଚାରିଟେବୁଲ ଟ୍ରଷ୍ଟର ଦ୍ୱିତୀୟ ସାମ୍ବତ୍ସରିକ ସମାରୋହ

ନୂଆପଡ଼ା,୨୮/୦୩ (ନି.ପ୍ର): ଅନନ୍ୟ ଅନୁଭବ ଓ ଅନୁଭୂତିର ଅନ୍ୟ ନାମ ହେଉଛି ସାହିତ୍ୟ । ତେଣୁ ସାହିତ୍ୟ ଓ ଜୀବନ ପରସ୍ପର ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ସ୍ଥାନୀୟ ଖଡ଼ିଆଳ ମିଶନ ସ୍ଥିତ ମହାତ୍ମାଗାନ୍ଧୀ କନିଷ୍ଠ ବିଜ୍ଞାନ ମହାବିଦ୍ୟାଳୟ ସଭାଗୃହରେ ସୌରି ସାହିତ୍ୟ ସଂସ୍କୃତି ଚ୍ୟାରିଟେବୁଲ ଟ୍ରଷ୍ଟର ଦ୍ୱିତୀୟ ସାମ୍ବତ୍ସରିକ ସମାରୋହ, ପୁସ୍ତକ ଲୋକାର୍ପଣ ଓ ଜିଲ୍ଲାସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଅଧିବେଶନରେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଡକ୍ଟର ସୁଶାନ୍ତ କୁମାର ବିଶି ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଆୟକର କମିଶନର ଶ୍ରୀକାନ୍ତ ଚାଟାର୍ଜୀ, ସମ୍ମାନିତ ଅତିଥି ଭାବରେ ପଲ୍ଲୀ ପ୍ରଗତି ମହାବିଦ୍ୟାଳୟର ଅଧ୍ୟକ୍ଷ ରୁଦ୍ର ମାଧବ ବାରିକ ଓ ପୁସ୍ତକ ସମୀକ୍ଷକ ଭାବରେ ବିଶିଷ୍ଟ ଭାଷାବିତ୍ ଅଧ୍ୟାପକ ପରମେଶ୍ୱର ମୁଣ୍ଡ ଯୋଗ ଦେଇଥିଲେ । ଏହି ଅବସରରେ କବି ଶିରୀ ଶଙ୍କର ବାରିକଙ୍କ କବିତା ପୁସ୍ତକ ନୀଳନିଶାନ୍ତକୁ ଅତିଥିମାନେ ଲୋକାର୍ପଣ କରିଥିଲେ । ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ଗୌରାଙ୍ଗ କୁମାର ସାହୁ ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହିତ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ । ସଙ୍ଗୀତକାର ସତ୍ୟଦେବ ବନ୍ଦିଛୋର, କଣ୍ଠଶିଳ୍ପୀ ରାସବିହାରୀ ଘିଭେଲା, ଜ୍ୟୋତିକା ବିଶି, ସମୀର ରଞ୍ଜନ ରାଉତ ଓ ବ୍ରହ୍ମାନନ୍ଦ ବନଛୋର ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ । ଏହି ଅବସରରେ ଅନୁଷ୍ଠାନର ଦିବଂଗତ ଉପଦେଷ୍ଟା ଦେବବ୍ରତ ବିଶି, ସଦସ୍ୟ ଆର୍ଯ୍ୟମାନ ବାରିକ, କବି ନଟରାଜ ମହାପାତ୍ର, କବି ଇରଫାନ ମହମ୍ମଦ, ଶିକ୍ଷାବିତ୍ ଭଗବାନ ପଣ୍ଡାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ସେହିପରି ଦ୍ୱିତୀୟ ଅଧିବେଶନରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ଅନୁଷ୍ଠାନର ଉପ ସଭାପତି ନନ୍ଦ କିଶୋର ପ୍ରଧାନୀ ଅଧ୍ୟକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ଗଙ୍ଗାଧର ସାରସ୍ୱତ ସମିତିର ସଭାପତି ବୈଷ୍ଣବ ମେହେର ଓ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ଡକ୍ଟର ସୁରେଶ୍ୱରୀ ବାଘ ଯୋଗ ଦେଇଥିଲେ । କବି ଶିବ ପ୍ରସାଦ ସା ଓ ବେତାର ଶିଳ୍ପୀ ଦୀପ୍ତି ମୁଣ୍ଡ କବିତା ସଂଯୋଜନା କରିଥିଲେ । ଅଧ୍ୟାପିକା ପ୍ରିୟଙ୍କା ପ୍ରିୟଦର୍ଶୀନୀ ମୁଣ୍ଡ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଥମ ଅଧିବେଶନରେ ସଦସ୍ୟ ଉପେନ୍ଦ୍ରକୁମାର ପାଣିଗ୍ରାହୀ ଓ ଦ୍ୱିତୀୟ ଅଧିବେଶନରେ କୈଳାସ ବାଗ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ମହାତ୍ମାଗାନ୍ଧୀ କନିଷ୍ଠ ବିଜ୍ଞାନ ମହାବିଦ୍ୟାଳୟର ଚେୟାରମ୍ୟାନ ନବୀନ କୁମାର ସୁନା, ରୁବି ପ୍ରଧାନ, ପ୍ରାଧ୍ୟାପକ ସାମୁଏଲ ଦାନୀ,ଚତୁର୍ଭୁଜ ସିଂହ ଦେଓ,ଆଶୁତୋଷ ବାରିକ, ପ୍ରିୟମ୍ବଦା ବାରିକ, କ୍ଷୀରାବ୍ଧିନୀ ବାରିକ, ନିକିତା ମହାଉଡୀତଥା ମହାବିଦ୍ୟାଳୟ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଶତାଧିକ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ସାହିତ୍ୟ ଆସର ଅନୁଷ୍ଠିତ

ଜୟପୁର,୨୮/୦୩ (ନି.ପ୍ର): ଜୟପୁର ଜୟପୁର ପୂଜ୍ୟ ପୂଜା ସଂସଦର ମାସିକ ସାହିତ୍ୟ ଆସର ସାହିତ୍ୟ ଟୁଙ୍ଗୀ ବାରିଣୀପୁଟସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି । ଦ'ପ୍ରାଚୀନ ଯୁଗୀୟ /ମଧ୍ୟଯୁଗୀୟ କବିତାରେ ଶ୍ରୀ ଜଗନ୍ନାଥ ଉପରେ ଆଲୋଚନା କରାଯାଇଥିଲା ।

ଓଡ଼ିଆ ସାହିତ୍ୟରେ ଶ୍ରୀ ଜଗନ୍ନାଥ - ଓଡ଼ିଆ ସାହିତ୍ୟରେ ପ୍ରାଚୀନ କାଳରେ, ମଧ୍ୟ ଯୁଗୀୟ କବିତା ରେ ଓ ଆଧୁନିକ ସାହିତ୍ୟ ରେ ମଧ୍ୟ ଯୁଗେ ଯୁଗେ ଜଗନ୍ନାଥଙ୍କ ମହିମା ତଥା ସଂସ୍କୃତି ସାରା ବିଶ୍ୱରେ ଚର୍ଚ୍ଚିତ । ଶ୍ରୀ ଜଗନ୍ନାଥ ହେଉଛନ୍ତି ସୃଷ୍ଟି, ସ୍ଥିତି ଓ ବିଲୟ ର କାରଣ । ସର୍ବଧର୍ମ ସମନ୍ୱୟର ପ୍ରତୀକ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ର ବିକ୍ଷେଶ୍ୱତ ଆଜି ସାରା ଦେଶରେ ଅନୁଭୂତ ।

ଜୟପୁର ପୂଜ୍ୟ ପୂଜା ସଂସଦର ମାସିକ ସାହିତ୍ୟ ଆସର ସାହିତ୍ୟ ଟୁଙ୍ଗୀର ଆଲୋଚ୍ୟ ବିଷୟ ଉପରେ ଆଲୋଚନା କରିଥିଲେ ଶ୍ରୀ ନାରାୟଣ ପଣ୍ଡା, ଡଃ ସୁରେଶ ଦାଶ, ଡଃ ପ୍ରଦୀପ କୁମାର ମିଶ୍ର, ଡଃ କମଳା କୃଷ୍ଣ ତ୍ରିପାଠୀ, ପ୍ରାଧ୍ୟାପକ ରବି ଶତପଥୀ । ଇଂ କେଦାର ନାଥ ବେହେରା ଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାହିତ୍ୟିକ ତଥା ସଂସ୍କୃତିପ୍ରେମୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଦିତୀୟାର୍ଦ୍ଧରେ ଇଂ ଭାସ୍କର ସାମନ୍ତରାୟ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭକ୍ତି କବିତା ଆସର ଅନୁଷ୍ଠିତ ହୋଇଥିଲା ।ସହ ସମ୍ପାଦକ ଶ୍ରୀ ବୈରାଗୀ ଚରଣ ସାହୁଙ୍କ ଧନ୍ୟବାଦ ଅର୍ପଣ କରିଥିଲେ । ସଂସଦ ର ସଂପାଦକ ଶ୍ରୀ ତପନ କିରଣ ତ୍ରିପାଠୀ ସଭା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଅଖିଳ ଭାରତୀୟ ଗ୍ରାହକ ପଂଚାୟତ ଓଡ଼ିଶା ପର୍ଶ୍ଚିମର ସଭାପତି ହେଲେ ଶଶୀଭୂଷଣ ପୁରୋହିତ

ବଲାଙ୍ଗିର,୨୮/୦୩ (ନି.ପ୍ର): ଅଖିଳ ଭାରତୀୟ ଗ୍ରାହକ ପଂଚାୟତ ଓଡ଼ିଶା ପର୍ଶ୍ଚିମର ସମ୍ବଲପୁର ସଂସ୍କୃତି ଭବନ ଠାରେ ଆଜି ରାଜ୍ୟ ସଭାପତି ରାଧା ମାଧବ ବହିଦାରଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଚି । ଏଥିରେ ପୁର୍ବ କ୍ଷେତ୍ରୀୟ ସଂଗଠନ ମନ୍ତ୍ରୀ ରାମଚନ୍ଦ୍ର ସ୍ୱାଇଁ ଯୋଗଦେଇ ସଂଗଠନର କାର୍ଯ୍ୟାବଳୀ ଓ ଯୋଜନା ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇ ଥିଲାବେଳେ ଆଲୋଚନା କରାଯାଇ ବିଭିନ୍ନ ନିଷ୍ପତି ନିଆଯାଇଥିଲା । ସଂଗଠନ ମନ୍ତ୍ରୀ ବଦ୍ରି ନାରାୟଣ ମହାରଣା ପ୍ରାକ୍ ସୂଚନା ଦେଇ ବୈଠକକୁ ଆଗକୁ ବଢ଼ାଇ ଥିଲେ । ସ୍ୱାସ୍ଥ୍ୟଗତ କାରଣ ଯୋଗୁଁ ଶ୍ରୀ ବହିଦାର୍ ଦାୟିତ୍ୱ ତୁଲାଇବାକୁ ନିଜର ଅକ୍ଷମତା ପ୍ରକାଶ କରି ତାଙ୍କୁ ଅବ୍ୟାହତି ଦେବାକୁ ଅନୁରୋଧ କରିବା ପରେ ତାହା ଗ୍ରହଣ କରାଯାଇ ନୂତନ କାର୍ଯ୍ୟକର୍ତା ବଛା ଯାଇଥିଲା । ନୂତନ ରୂପେ ସଭାପତି ଦାୟିତ୍ୱ ଶଶିଭୂଷଣ ପୁରୋହିତଙ୍କୁ ଦିଆଯାଇଥିବାବେଳେ ଉପ ସଭାପତି କେଦାରନାଥ ପଟେଲ ସଂଗଠନ ମନ୍ତ୍ରୀ ରୂପେ ସତ୍ୟନାରାୟଣ ପଟେଲ, ସଚିବ ମାଣିକ ଲାଲ ବର୍ମା, କୋଷାଧ୍ୟକ୍ଷ ନଳିନୀ କାନ୍ତ ମହାନ୍ତି, ମହିଳା ପ୍ରମୁଖ ରୂପେ ବଲାଙ୍ଗିରର ସୁଶ୍ରୀ ସଂଯୁକ୍ତା ମିଶ୍ର, ପ୍ରଚାର ପ୍ରସାର ପ୍ରମୂଖ କିଶୋର ମୋହନ ମିଶ୍ର, କାର୍ଯ୍ୟକାରୀ ସଦସ୍ୟ ରୂପେ ସରୋଜ କୁମାର ପତି, ଶ୍ରୀମତୀ ମିନାକ୍ଷୀ ନାଏକ, କିଶୋର ଚନ୍ଦ୍ର ସ୍ୱାଇଁ ଓ ତ୍ରିନାଥ କଳସାଙ୍କୁ ସର୍ବ ସମ୍ମତି କ୍ରମେ ଚୟନ କରାଯାଇ ଓମ୍ କାର ନାଦ କରି ପାରିତ କରାଯାଇଥିଲା । ୨୦୨୪ ଅଖିଳ ଭାରତୀୟ ଗ୍ରାହକ ପଂଚାୟତର ସୁବର୍ଣ୍ଣ ଜୟନ୍ତୀ ବର୍ଷ ପୂର୍ବରୁ ସଂଗଠନକୁ ବିସ୍ତାରିତ କରିବାକୁ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା ଓ ନିଷ୍ପତି ନିଆଯାଇଥିଲା । ଦିନ ଦଶଟାରୁ ଅପରାହ୍ଣ ୪ ପର୍ଯ୍ୟନ୍ତ ଦୁଇଟି ପର୍ଯାୟରେ ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରଦୀପ ପ୍ରଜ୍ୱଳନ ଗ୍ରାହକ ମନ୍ତ୍ର ପରେ ଆରମ୍ଭ ହୋଇ ଶାନ୍ତି ପାଠ ପରେ ସମାପନ ହୋଇଥିଲା । ଏହି ବୈଠକରେ ପ୍ରାନ୍ତରୁ ବିଭିନ୍ନ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ରାଜ୍ୟ କର୍ମକର୍ତା ଉପସ୍ଥିତ ଥିଲେ ।

# ପୁରୀ ଓକିଲ ସଂଘ ସଭାପତି ଜୟରାମ ଓ ସାଧାରଣ ସମ୍ପାଦକ ବିଭୂତି ନିର୍ବାଚିତ

ପୁରୀ,୨୮/୦୩ (ନି.ପ୍ର): ପୁରୀ ଓକିଲ ସଂଘ ନୂଆ କର୍ମକର୍ତା ନିର୍ବାଚନରେ ସଭାପତି ଭାବେ ଜୟରାମ ବସ୍ତିଆ ନିର୍ବାଚିତ ହୋଇଛନ୍ତି । ସେହିପରି କାଳୀ ପ୍ରସାଦ ନାୟକ ଉପସଭାପତି ଏବଂ ବିଭୂତି ଶଙ୍କର ତ୍ରିପାଠୀ ସମ୍ପାଦକ ହୋଇଛନ୍ତି । ଯୁଗ୍ମ ସମ୍ପାଦକ ଭାବେ ବିଭୂଦତ ପଟ୍ଟନାୟକ,ଚିତରଞ୍ଜନ ବିଶ୍ୱାଳ ଓ ପ୍ରଶାନ୍ତ କୁମାର ରଣା ନିର୍ବାଚିତ ହୋଇଛନ୍ତି । କାର୍ଯ୍ୟକାରିଣୀ କମିଟି ସଭ୍ୟଭାବେ ଅନିଲ କୁମାର ସାହୁ ,ଭଗବତ ପ୍ରସାଦ ପଟ୍ଟନାୟକ,ବିଶ୍ୱଭୂଷଣ ବାରିକ, ସୋମନାଥ ରଣା ଓ ତପନ କୁମାର ବାରିକୀ ନିର୍ବାଚିତ ହୋଇଛନ୍ତି । ନିର୍ବାଚନ ଅଧିକାରୀ ପ୍ରଦୀପ କୁମାର ରଥ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ଶନିବାର ସକାଳ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ଭୋଟ ଗଣତି କରାଯାଇ ନୂତନ କର୍ମକର୍ତାଙ୍କ ନାମ ଘୋଷଣା କରାଯାଇଛି । ସଭାପତି ପଦପାଇଁ ଅଶୋକ କୁମାର ଦାସ,ଜୟରାମ ବସ୍ତିଆ ଓ ରବିନାରାୟଣ ପ୍ରଧାନ ପ୍ରତିଦ୍ୱନ୍ଦିତା କରୁଥିଲେ । ଜୟନାରାୟଣଙ୍କୁ ୪୮୬ ଭୋଟ ମିଳିଥିବା ବେଳେ ଅଶୋକଙ୍କୁ ୪୬୧ ଏବଂ ରବିନାରାୟଣଙ୍କୁ ୧୩୬ ଖଣ୍ଡ ଭୋଟ ମିଳିଛି । ସେହିପରି ଉପସଭାପତି ପଦପାଇଁ ପ୍ରତିଦ୍ୱନ୍ଦିତା କରିଥିବା କାଳୀ ପ୍ରସାଦଙ୍କୁ ୫୬୮ ଏବଂ ଦେବେନ୍ଦ୍ର କୁମାର ନନ୍ଦଙ୍କୁ ୫୦୪ ଭୋଟ ମିଳିଛି । ସାଧାରଣ ସମ୍ପାଦକ ପାଇଁ ଆତ୍ମାରଞ୍ଜନ ମହାନ୍ତି,ବିଭୂତି ଶଙ୍କର ତ୍ରିପାଠୀ ଓ କୃଷ୍ଣଚନ୍ଦ୍ର ତ୍ରିପାଠୀ ପ୍ରତିଦ୍ୱନ୍ଦିତା କରୁଥିଲେ । ବିଭୂତିଙ୍କୁ ୬୭୧,ଆତ୍ମାରଞ୍ଜନଙ୍କୁ ୩୩୦, କୃଷ୍ଣଚନ୍ଦ୍ରଙ୍କୁ ୮୧ ଖଣ୍ଡ ଭୋଟ ମିଳିଛି । ଯୁଗ୍ମ ସମ୍ପାଦକ ପାଇଁ ୬ଜଣ ନିର୍ବାଚନ ଲଢୁଥିଲେ । ସେଥିରୁ ପ୍ରଶାନ୍ତ କୁମାର ରଣାଙ୍କୁ ୩୨୬, ବିଭୂଦତ ପଟ୍ଟନାୟକଙ୍କୁ ୫୩୩,ଚିତରଞ୍ଜନ ବିଶ୍ୱାଳଙ୍କୁ ୪୨୧,ସଂଗ୍ରାମ କେଶରୀ ଦାଶଙ୍କୁ ୩୫୯ ସୁରେଶ ମହାପାତ୍ରଙ୍କୁ ୩୨୯,ଅଶୋକ କୁମାର ପାଣିଗ୍ରାହୀଙ୍କୁ ୨୫୮ ଭୋଟ ମିଳିଛି । କାର୍ଯ୍ୟକାରୀ କମିଟି ସଭ୍ୟ ପଦପାଇଁ ୬ଜଣ ପ୍ରାର୍ଥୀ ହୋଇଥିଲେ । ସେଥିରୁ ଅଭିଷେକ ରଥଙ୍କୁ ୪୮୯,ଅନିଲ କୁମାର ସାହୁଙ୍କୁ ୬୬୭, ଭଗବତ ପ୍ରସାଦ ପଟ୍ଟନାୟକଙ୍କୁ ୬୬୮, ବିଶ୍ୱଭୂଷଣ ବାରିକଙ୍କୁ ୬୦୫, ସୋମନାଥ ରଣାଙ୍କୁ ୫୯୫ ଏବଂ ତପନ କମ୍ମାର ବାରିକୀଙ୍କୁ ୫୦୭ ଖଣ୍ଡ ଭୋଟ ମିଳିଛି । ନବ ନିର୍ବାଚିତ କର୍ମର୍କତାମାନଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି । ସେବାୟତ କୃଷ୍ଣଚନ୍ଦ୍ରଙ୍କୁ ହତ୍ୟା ଘଟଣା ଡ଼େମୋ ଦେଖାଇଲେ ହରି ଓ ବାବା ପୁରୀ ଅଫିସ,୨୭/୩- ଶ୍ରୀମନ୍ଦିର ସେବାୟତ କୃଷ୍ଣଚନ୍ଦ୍ର ପ୍ରତିହାରୀଙ୍କୁ ଗୁଳିକରି ହତ୍ୟା ଘଟଣାର ଆଜି ଡ଼େମୋ ଦେଖାଇଛନ୍ତି ଦୁଇଜଣ ଅଭିଯୁକ୍ତ । ଗତକାଲି କୁନମୁନି ଓ ଟୁଟୁଙ୍କୁ ନେଇ କ୍ରାଇମ ସିନ୍ ରିକ୍ରିଏଟ୍ କରାଯାଇଥିଲା । ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅନୁମତିକ୍ରମେ ଟାଉନଥାନା ପୋଲିସ ହତ୍ୟା ଅଭିଯୁକ୍ତ କୁନୁମୁନି ସୁଆର,ଟୁଟୁ ଓରଫ ପ୍ରଫୁଲ କୁମାର ମହାପାତ୍ର,ହରିହର ପଣ୍ଡା ଏବଂ ବାବା ମହାପାତ୍ରଙ୍କୁ ତିନିଦିନ ପାଇଁ ରିମାଣ୍ଡରେ ନେଇଛି । ହତ୍ୟାକାଣ୍ଡ ଘଟିଥିବା ବାରବାଟି ଯାଗାକୁ ଟୁଟୁ ଓ କୁନୁମୁନିକୁ ପୋଲିସ ଶନିବାର ନେଇଥିଲା । ସେଠାରେ କୃଷ୍ଣଚନ୍ଦ୍ରଙ୍କୁ କିପରି ଗୁଳିକରି ହତ୍ୟାକଲେ ସେ ସମ୍ପର୍କରେ ପୋଲିସ ଦୁଇ ଅଭିଯୁକ୍ତ ପୋଲିସକୁ ଡ଼େମୋ ଦେଖାଇଥିଲେ । ଆଜି ଅନ୍ୟ ୨ ଅଭିଯୁକ୍ତ ହରିହର ପଣ୍ଡା ଓ ବାବା ମହାପାତ୍ରଙ୍କୁ ବାରବାଟି ଯାଗା ପରିସରକୁ ନିଆଯାଇଥିଲା । ସେଠାରେ ୨ ଅଭିଯୁକ୍ତ ପୋଲିସ ସମ୍ମୁଖରେ ସମସ୍ତ ଘଟଣାର ଡ଼େମୋ ଦେଖାଇଥିଲେ । ପୋଲିସ ସମ୍ମୁଖରେ ଏଭଳି ଦୃଶ୍ୟର ଡ଼େମୋ ଦେଖାଉଥିବା ବେଳେ ଫୋରେନ୍ସିକ୍ ଟିମ୍ ଭିଡ଼ିଓଗ୍ରାଫି କରିଥିଲା । ଏହାପରେ ଦୁହିଁଙ୍କୁ ଟାଉନ ଥାନାକୁ ନିଆଯାଇ ଘନ ଘନ ଜେରା କରାଯାଇଛି । କ୍ରାଇମ୍ ସିନ୍ ରିକ୍ରିଏଟ ପରେ ଅଧିକ ତଦନ୍ତ ନିମନ୍ତେ ଏସପି ଏକ ଏସଆଇଟି ଗଠନ କରିଛନ୍ତି । ଅତିରିକ୍ତ ଏସପି ମିହିର ପଣ୍ଡାଙ୍କ ନେତୃତ୍ୱରେ ସିଠି ଡ଼ିଏସପି ଜନାର୍ଦ୍ଦନ ପାଢୀ, ବଳିଆପଣ୍ଡା ଥାନା ଆଇଆଇସି ସୁଶାନ୍ତ ସାହୁ ଓ ବାସେଲୀ ସାହି ଥାନା ଆଇଆଇସି କୁଳମଣି ସେଠୀଙ୍କୁ ନେଇ ଏହି ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ ହୋଇଛି ।

# ଶିକ୍ଷାଦାନରେ ପ୍ରଯୁକ୍ତି ବିଦ୍ୟା ପ୍ରଶିକ୍ଷଣ ଶିବିର

ରାଇରଙ୍ଗପୁର,୨୮/୦୩ (ନି.ପ୍ର): ବିଦ୍ୟାଳୟ ଶିକ୍ଷାଦାନରେ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ କରି ଶ୍ରେଣୀ ପ୍ରକୋଷ୍ଠକୁ ସ୍ମାର୍ଟ କରିବାର ମହତ୍ ଉଦ୍ଦେଶ୍ୟ ନେଇ ସରକାରଙ୍କ ୫-ଟି ଆନୁକୁଲ୍ୟରେ ବିଦ୍ୟାଳୟକୁ ଆକର୍ଷଣୀୟ ରୂପରେ ରୂପାନ୍ତରିତ କରିବାର କାର୍ଯ୍ୟକ୍ରମ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ମହୁଲଡିହା ଠାରେ ସୁଲେଇପାଟ, ଜୟପୁର,ଆହାରବନ୍ଧ, ମହୁଲଡିହା,ଡୋଭା ପ୍ରଭୃତି ହାଇସ୍କୁଲର ୪୮ଜଣ ଶିକ୍ଷକଙ୍କୁ ନେଇ ସମଗ୍ର ଶିକ୍ଷା ଅଭିଯାନରେ ଡି,କେ.ହାଇସ୍କୁଲ, ମହୁଲ ଗିଁହା ଠାରେ ଏକ ସ୍ମାର୍ଟ ଶିକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଉଛି । ପ୍ରତ୍ୟେକ ରବିବାର ଦିନ ସାପ୍ତାହିକ ୯ଟା ଠାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଆୟୋଜନର ବ୍ୟବସ୍ଥା ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କରାଯାଇଛି ।

ଏହି କାର୍ଯ୍ୟକ୍ରମରେ ସ୍ମାର୍ଟ ଟ୍ରେନର ଭାବେ ସଞ୍ଜୟ କୁମାର ପାତ୍ର ଯୋଗ ଦେଇଥିଲେ ।ମହୁଲଡିହା ହାଇସ୍କୁଲର ପ୍ରଧାନ ଶିକ୍ଷକ ବଳଦେବ ଗିରି ତଥା ଶିକ୍ଷକ ହରେକୃଷ୍ଣ ମହାନ୍ତ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ହରିପଦ ଗିରି, ଭଗବାନ ମହାନ୍ତ, ଚିତ୍ର ସେନ୍ ବାରିକ୍, ପ୍ରଶାନ୍ତି ଗିରି, ମନୋଜ ବେହେରା, ପ୍ରତାପ ତିରିଆ, ରାଜେନ୍ଦ୍ର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

# ରାଣିଗୋଡା ତେଲିଆ ମେଲଣ ଉଦ୍‌ଯାପିତ

କୋରେଇ,୨୮/୦୩ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ କରଦା ପଂଚାୟତର ରାଣିଗୋଡା ତେଲିଆ ମେଳଣ ଉଦ୍‌ଯାପିତ ହୋଇଛି । ବହୁ ପୁରାତନ ମେଳଣ ଭାବେ ସ୍ଥାନୀୟ ଅଂଚଳର ଲୋକମାନଙ୍କ ଦ୍ୱାରା ୪ଟି ବିମାନକୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଅଧିବାସୀ ମାନେ ହଜାର ହଜାର ସଂଖ୍ୟାରେ ଯୋଗଦେଇ ବିଭୂକୃପା ଲାଭ କରିବା ସହ ମେଳଣ ଉପଭୋଗ କରିଥିଲେ । ଆଇନ ଶୃଙ୍ଖଳା ରକ୍ଷା ରକ୍ଷା ପାଇଁ ପାଣିକୋଇଲି ପୁଲିସ ପକ୍ଷରୁ ସୁବନ୍ଦୋବସ୍ତ କରାଯାଇଥିଲା । ମେଳଣ କମିଟିର ସଭାପତି ଭିକାରୀ ମହାନ୍ତି, ସମ୍ପାଦକ ଶିବ ଶଙ୍କର ସାହୁ, କୋଷାଧ୍ୟକ୍ଷ ଭାସ୍କର ସାହୁ, କିର୍ତୀ ସାହୁ, ପରମାନନ୍ଦ ସାହୁ, ଅଜୟ ସାହୁ, ଚୈତନ୍ୟ ନାୟକ, ରବିନ୍ଦ୍ର ନାୟକ, ଭାସ୍କର ମଲିକ, ସୁରେନ୍ଦ୍ର ମଲିକ, ବିଜୟ ସେନାପତି, କୃଷ୍ଣ ଚନ୍ଦ୍ର ପଲେଇ, ପୂଜକ ନିରଂଜନ ପଣ୍ଡା, ରବିନ୍ଦ୍ର ପଣ୍ଡାଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମର ବହୁ ବ୍ୟକ୍ତି ଅଂଶ ଗ୍ରହଣ କରି କାର୍ଯ୍ୟକ୍ରର ସୁ ପରିଚାଳନା କରିଥିଲେ ।

# କ୍ୟାନ୍ସରରୁ ବଞ୍ଚାଇବ ପନିପରିବା

ଦୁରାରୋଗ୍ୟ ଓ ଭୟଙ୍କର ରୋଗମାନଙ୍କ ଭିତରୁ କ୍ୟାନ୍ସର ହେଉଛି ଅନ୍ୟତମ । ତେବେ ଏପରି ରୋଗରୁ ଆରୋଗ୍ୟ ହେବାର କୌଣସି ତଥ୍ୟ ସାମ୍ନାକୁ ଆସିନାହିଁ । ବର୍ତ୍ତମାନ କରାଯାଇଥିବା ଏକ ଗବେଷଣା ମୁତାବିକ ନିୟମିତ କେତେକ ପନିପରିବା ଖାଇଲେ ଏହି ରୋଗକୁ ଦୂର କରାଯାଇପାରିବ । ଏହା କ୍ୟାନ୍ସରରେ ଲଢ଼ିବା ପାଇଁ ପ୍ରତିଶେଧକ ଟିକା ସାଜିବ ।









### ବିଲାତି ବାଇଗଣ:

ଗବେଷକଙ୍କ ମତରେ ନିୟମିତ ବିଲାତି ବାଇଗଣ ଖାଉଥିବା ଲୋକଙ୍କୁ ପ୍ରୋଷ୍ଟେଟ୍ କ୍ୟାନ୍ସର ହେବାର ଭୟ କମିଯାଇଥାଏ । ବିଲାତି ବାଇଗଣରେ ଥିବା ଲାଲ ରସାଳ ଅର୍କ ମଣିଷ ଶରୀରରେ ଡିଏନ୍‌ଏ କୋଷିକା କ୍ଷୟକୁ ବନ୍ଦକରି ଦେଇଥାଏ । ଏହି କୋଷିକା କୌଣସି କାରଣରୁ କ୍ଷତିଗ୍ରସ୍ତ ହେଲେ କର୍କଟ ରୋଗ ହେବାର ପଥ ସୁଗମ ହୋଇଥାଏ । ବିଲାତି ବାଇଗଣରେ ଥିବା ଲାଇକୋପିନ୍ ନାମକ ଆଣ୍ଟିଅକ୍ସିଡାଣ୍ଟ ଶରୀରରେ କର୍କଟ ରୋଗ ବ୍ୟାପିବାର ବେଗକୁ କମାଇ ଦିଏ ।

### ରସୁଣ

ନିୟମିତ ରସୁଣ ଖାଉଥିବା ଲୋକଙ୍କୁ କ୍ୟାନ୍ସର ହେବାର ଆଶଙ୍କା ଖୁବ୍ କମ ଥାଏ । ଏହା ତୀବ୍ର ଗନ୍ଧ କରୁଥିବାରୁ, ଏହା ଶରୀରରେ କ୍ୟାନ୍ସର କରାଉଥିବା ଅପକାରୀ ପଦାର୍ଥ ସବୁକୁ ସଫା କରିଦିଏ । ଅତି ନିକୁଛରେ ଜଣେ ଦୈନିକ କୋଳାଏ ରସୁଣ ଖାଇଲେ ମଧ ଖୁବ୍ ଉପକାର ପାଇପାରିବେ ।

### ଅଙ୍ଗୁର

ଅଙ୍ଗୁରରେ ରିସ୍‌ଭେରାଟ୍ରୋଲ୍ ନାମକ ଆଣ୍ଟିଅକ୍ସିଡାଣ୍ଟ ପ୍ରଚୁର ପରିମାଣରେ ଥାଏ । ଏହା ଶରୀରରୁ ସର୍ବଦା କ୍ୟାନ୍ସର କୋଷିକାର ପରିମାଣ କମାଇ ରଖେ । ଏହି ଆଣ୍ଟିଅକ୍ସିଡାଣ୍ଟ ଶରୀରରେ କ୍ୟାନ୍ସର ହେବା ଓ ବ୍ୟାପିବା-ଉଭୟକୁ ଦମନ କରିଥାଏ ବୋଲି ବିଶେଷଜ୍ଞମାନେ ପରୀକ୍ଷା କରି ଦେଖିଛନ୍ତି ।

### ବିନ୍ସ:

ପ୍ରାୟ ସବୁ ଜାତିର ବିନ୍ସ ବିଶେଷ କରି ରାଜମାରେ କ୍ୟାନ୍ସର ପ୍ରତିରୋଧକ ଆଣ୍ଟିଅକ୍ସିଡାଣ୍ଟ ଭରପୂର ହୋଇ ରହିଥାଏ । ତେଣୁ ବର୍ଷର ଅଧିକାଂଶ ସମୟ ଭୋଜନରେ ବିନ୍ସ ଜାତୀୟ ପରିବା କିମ୍ବା ଏହାର ମଞ୍ଜି ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହିତ । କର୍କଟ ରୋଗ ହୋଇଥିବା ରୋଗୀଙ୍କୁ ମଧ ଡାକ୍ତରମାନେ ବିନ୍ସ ଖାଇବାକୁ ଉପଦେଶ ଦେଇଥାଆନ୍ତି ।

### ପାଳଙ୍ଗ

ପାଳଙ୍ଗ ଓ ଲେଟ୍ୟୁସ ଆଦି ଘନ ସବୁଜ ପତ୍ର ବିଟାକେରୋଟିନ୍ ଏବଂ ଲ୍ୟୁଟିନ୍ ନାମକ ଆଣ୍ଟିଅକ୍ସିଡାଣ୍ଟର ଉତ୍ତମ ଉତ୍ସ । ତେଣୁ ଏହାକୁ ନିୟମିତ ଖାଇଲେ ଶରୀରରୁ କ୍ୟାନ୍ସର କୋଷିକା ହ୍ରାସ ପାଏ ।

### କୋଳି

ଷ୍ଟ୍ରବେରି, ବ୍ଲାକ୍‌ବେରି ଏବଂ ଅନ୍ୟାନ୍ୟ ଲୁଚୁପୁଚୁ ହେଉଥିବା ଲାଲ୍ ଓ କଳାରଙ୍ଗର କୋଳିମାନଙ୍କରେ ପେଟ୍ରୋଷ୍ଟିଲବିନ୍ ନାମକ ଆଣ୍ଟିଅକ୍ସିଡାଣ୍ଟ ଭରପୂର ରହିଥାଏ । ଏହି ଆଣ୍ଟିଅକ୍ସିଡାଣ୍ଟଗୁଡ଼ିକ କ୍ୟାନ୍ସର ବିରୋଧି ମଧ ।

### ତରଳ ରାସାୟନ କ୍ଷତିକାରକ:

ଦୈନନ୍ଦିନ କାମରେ ଘରେ ସାଧାରଣତଃ ବିଭିନ୍ନ ଜିନିଷର ଉପଯୋଗ ହୋଇଥାଏ । ଯେପରି ଘର ସଫା ପାଇଁ ଏସିଡ୍, ବ୍ଲିଚିଂ ଆଦିର ଆବଶ୍ୟକତା ପଡ଼େ ହେଲେ ଏହିସବୁ ଜିନିଷ ବ୍ୟବହାର କରିବା ପୂର୍ବରୁ ଲୋକେ ଏ ସମ୍ପର୍କରେ ସଚେତନ ରହିବା ଆବଶ୍ୟକ । କାରଣ ଏସବୁ ପ୍ରାଣଘାତୀ ଜିନିଷ । ଏସିଡରେ ସଲଫ୍ୟୁରିକ୍ ଏସିଡ୍ ଓ ନାଇଟ୍ରିକ୍ ଏସିଡ୍‌ଥାଏ । ସେଥିପାଇଁ ଭୁଲରେ ଯଦି ଏହା ଶରୀର ଉପରେ ପଡ଼ିଯାଏ, ତେବେ ତ୍ୱଚା ଅତି ମାତ୍ରାରେ କ୍ଷତିଗ୍ରସ୍ତ ହେବ । ଗନ୍ଧକର୍ପୂରର ଅଧିକ ବ୍ୟବହାର ମଧ୍ୟ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ଏଥିରେ ଥିବା ରାସାୟନିକ ଦ୍ରବ୍ୟ ଘ୍ରାଣ ଶକ୍ତିକୁ ପ୍ରଭାବିତ କରେ । ବଜାରରେ ଏବେ ମିଳୁଥିବା ବିଭିନ୍ନ କମ୍ପାନୀରେ ଏୟାର ଫ୍ରେଶନର ବ୍ୟବହାରକୁ ମଧ୍ୟ ସାବଧାନ କରିବା ଉଚିତ୍ । ଏୟାର ଫ୍ରେଶନରରେ ଅସୁବିଧା ସୃଷ୍ଟି କରିବା, ମୁଣ୍ଡ ବିନ୍ଧା ଓ ବିରକ୍ତି ଭାବ କରାଉଥିବାର ପ୍ରକାଶ । ନ୍ୟୁଜିଲାଣ୍ଡର ଏକ ଗବେଷକଦଳ ଏହା ଉପରେ ପରୀକ୍ଷା କରି ପ୍ରକାଶ କରିଛନ୍ତି। ଯେତେ ପ୍ରକାରର କ୍ଲିନର୍ସ ବର୍ତ୍ତମାନ ମିଳୁଛି, ସେସବୁଗୁଡ଼ିକରେ ଫିନାଇଲ କେମିକାଲ ବ୍ୟବହାର ହୋଇଥାଏ । ନିୟମିତ କ୍ଲିନର୍ସ ବ୍ୟବହାର କରୁଥିବା ଲୋକଙ୍କର ଗଳା ସଂକ୍ରମଣ ହୁଏ ବୋଲି ମତ । ଆଣ୍ଟି-ବ୍ୟାକ୍ଟେରିଆଲ ସାବୁନ ନିୟମିତ ବ୍ୟବହାର କରୁଥିବା ଲୋକଙ୍କର ଅନ୍ୟ ବ୍ୟକ୍ତିଙ୍କ ତୁଳନାରେ ରୋଗପ୍ରତିରୋଧକ ଶକ୍ତି କମ୍ ବୋଲି ଗବେଷଣାରୁ ପ୍ରକାଶିତ । କାଠଆସବାପତ୍ର ସଫା କରିବା ପାଇଁ ଏକ ବିଶେଷ ପ୍ରକାରର କ୍ଲିନର ମିଳେ । ଏହାକୁ ବ୍ୟବହାର କଲେ ବ୍ୟକ୍ତିଙ୍କର ତ୍ୱଚା ସଂକ୍ରମଣ ହେଉଥିବାରୁ ଜଣାପଡ଼ିଛି ।

# ତ୍ୱଚା ପାଇଁ କମଳା ଚୋପା

**କମଳା ଖାଇବା ପରେ ସାଧାରଣତଃ ସମସ୍ତେ ଏହାର ଚୋପାକୁ ଫିଙ୍ଗି ଦେଇଥାନ୍ତି । ତେବେ କ'ଣ ଜାଣିଛନ୍ତି, ଆପଣଙ୍କ ସୌନ୍ଦର୍ଯ୍ୟ ବୃଦ୍ଧିରେ ଏହି କମଳା ଚୋପା କେତେ ଉପକାରୀ ହୋଇପାରିବ । ତେବେ ଜାଣନ୍ତୁ ସେ ସମ୍ପର୍କରେ....**

ତ୍ୱଚା ପାଇଁ କମଳା ଏକ ପ୍ରାକୃତିକ ଔଷଧ ପରି କାମ କରେ । କମଳା ଚୋପାକୁ ଗୁଣ୍ଡ କରି ଏଥିରେ ଅଳ୍ପ ପାଣି ମିଶାଇ ମୁହଁରେ ଲଗାନ୍ତୁ । କିଛି ସମୟ ପରେ ଉଷୁମ ପାଣିରେ ମୁହଁ ଧୋଇ ଦିଅନ୍ତୁ । ଏହା ତ୍ୱଚାକୁ ମୁଲାୟମ ରଖିଥାଏ ।

ଦୁଇ ଚାମଚ କମଳା ଚୋପା ଗୁଣ୍ଡରେ ଗୋଟିଏ ଚାମଚ ମହୁ ଓ ଗୋଟି ଚାମଚ ଦହି ମିଶାନ୍ତୁ । ଏହି ମିଶ୍ରଣକୁ ମୁହଁରେ ଲଗାନ୍ତୁ । ଶୁଖିଗଲା ପରେ ସାମାନ୍ୟ ଉଷୁମ ପାଣିରେ ମୁହଁ ଧୋଇ ହାଲକା ଭାବେ ପୋଛିଦିଅନ୍ତୁ । ଏଭଳି ପ୍ରକ୍ରିୟା କିଛି ଦିନ ଜାରି ରଖିଲେ ମୁହଁରୁ ଦାଗ ଦୂର ହୋଇଯିବ ।

କମଳା ଚୋପା ଗୁଣ୍ଡ ତେଲିଆ ତ୍ୱଚା ପାଇଁ ବେଶ୍ ଉପକାରୀ ହୋଇଥାଏ । ଦୁଇ ଚାମଚ କମଳା ଚୋପା ଗୁଣ୍ଡ, ଗୋଟିଏ ଚାମଚ କ୍ଷୀର ଓ ଗୋଟିଏ ଚାମଚ ଡ଼ିଡ଼ିଆ ତେଲର ମିଶ୍ରଣକୁ ମୁହଁରେ ଲଗାନ୍ତୁ । ୧୫ମିନିଟ୍ ପରେ ସାମାନ୍ୟ ଉଷୁମ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ । ଏପରି କରିବା ଦ୍ୱାରା ମୁହଁରେ ଚମକ ଆସିଥାଏ ।

ତ୍ୱଚାକୁ ବ୍ରଣ ଦୂର କରିବା ପାଇଁ କମଳାଚୋପା ଗୁଣ୍ଡ ବେଶ ଉପକାରୀ । ଦୁଇ ଚାମଚ କମଳା ଚୋପା ଗୁଣ୍ଡରେ ଏକ ଚାମଚ ବେକିଂ ସୋଡ଼ା ନେଇ ପାଣି ପକାଇ ଏକ ପ୍ୟାକ୍ ପ୍ରସ୍ତୁତ କରି ମୁଖରେ ଲଗାନ୍ତୁ । ଶୁଖିଗଲା ପରେ ମୁହଁକୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ । ଏହା ତ୍ୱଚାକୁ ମଇଳାକୁ ବାହାର କରିବା ସହ ଅତ୍ୟଧିକ ତେଲ, ବ୍ୟାକ୍ଟେରିଆ ଆଦିରୁ ରକ୍ଷା କରିଥାଏ ।



# ଶଙ୍ଖସାରୁ

ମାର୍ଚ୍ଚ ମାସରେ ଶଙ୍ଖସାରୁ ଲଗାନ୍ତୁ, ଅଧିକ ଅମଳ ମିଳିବ । ମୁଣ୍ଡାଗୁଡ଼ିକରୁ ଦୁଇରୁ ତିନିଟି ଗଜା ଥିବା ପଚାଶ ଗ୍ରାମ ଓଜନର ଖଣ୍ଡ କାଟି ବିହନ ଭାବେ ବ୍ୟବହାର କରନ୍ତୁ । ଏକ ଏକର ଫସଲ ପାଇଁ ଆଠରୁ ଦଶ କୁଇଣ୍ଟାଲ ବିହନ ଦରକାର । ହୃଷ୍ଟ ପୃଷ୍ଟ ରୋଗ ନିରୋଧକ ଶକ୍ତି ଥିବା ଶଙ୍ଖସାରୁ କିସମ ଲଗାନ୍ତୁ । ଏକ କିଗ୍ରା ସାରୁ ବିହନକୁ ଦୁଇଗ୍ରାମ ରିଡୋମିଲ କବକ ନାଶକ ଔଷଧରେ ବିଶୋଧନ କରନ୍ତୁ । ଜମିର ପ୍ରକାର ଅନୁସାରେ ଦୁଇରୁ ତିନି ଓଡ଼ ଚାଷ ପରେ ମାଟିକୁ ଭଲଭାବେ ଗୁଣ୍ଡ କରି ସମତୁଲ କରନ୍ତୁ । ଚାଷ ଓଡ଼ଚାଷ ପୂର୍ବରୁ ଏକର ପ୍ରତି ଚାରି ଟନ୍ ଗୋବର ଖତ ମାଟି ସହିତ ଭଲଭାବେ ମିଶାନ୍ତୁ । ଦୁଇଫୁଟ ବ୍ୟବଧାନରେ ନାଳି କାଟି ଗଛକୁ ଗଛ ଦେଢ଼ଫୁଟ୍ ବ୍ୟବଧାନରେ ଲଗାନ୍ତୁ । ପଟାସ୍ ସାରକୁ ମାଟି ସହିତ ଭଲଭାବେ ମିଶାନ୍ତୁ । ଗଜା ବାହାରିବାର ଏକ ସପ୍ତାହ ପରେ। ଏକର ପ୍ରତି ଆଠ କିଗ୍ରା ଯବକ୍ଷାରଜାନ ଓ ଆଠ କିଗ୍ରା ପଟାସ୍ ସାର ଧାଡ଼ିର ଦୁଇପାଖରେ ଦେଇ ମାଟି ଟେକି ଦିଅନ୍ତୁ ।



# ମହଙ୍ଗା ଧାତୁ

ଦୁନିଆରେ ଅନେକ ଏପରି ଧାତୁ ରହିଛି ଯାହାର ମୂଲ୍ୟ ଖୁବ୍ ମହଙ୍ଗା । ସେଥିରେ ହୀରା, ସୁନା, ପ୍ଲାଟିନମ୍ ଇତ୍ୟାଦି ଧାତୁ ରହିଥାଏ । ଆପଣ ଜାଣନ୍ତି କି ଏପରି ଏକ ଧାତୁ ରହିଛି, ଯାହାର ମୂଲ୍ୟ ୧ଗ୍ରାମକୁ ପାଖାପାଖି ୩,୧୨୫୦୦ ଅରବ ଟଙ୍କା ଠାରୁ ଅଧିକ । ଏହି ମୂଲ୍ୟ ଦେଇ ଆପଣ ଦୁନିଆର ଯେକୌଣସି ଛୋଟ ଦେଶକୁ କିଣିପାରିବେ । ନାସାର କହିବାନୁସାରେ, ଏଣ୍ଟିମେଟର ବିଶ୍ୱର ସବୁଠାରୁ ମହଙ୍ଗା ମେଟାଲା । ଯାହା ୧ମିଲିଗ୍ରାମ ଏଣ୍ଟିମେଟର ବନାଇବା ପାଇଁ ୨୫୦ଲକ୍ଷ ଡଲାର ଖର୍ଚ୍ଚ ହୁଏ । ଯେଉଁଠାରେ ଏହି ଧାତୁ ତିଆରି ହୁଏ, ସେହି ଅଞ୍ଚଳକୁ କଡ଼ା ସୁରକ୍ଷାବଳୟ ମଧ୍ୟରେ ରଖାଯାଇଛି । କେବଳ ସେତିକି ନୁହେଁ, ନାସା ଭଳି ସଂସ୍ଥାରେ ବି ଏହାକୁ ରଖିବା ପାଇଁ ସୁରକ୍ଷାବଳୟ ରହିଛି । ଏହି ଏଣ୍ଟିମେଟର ବ୍ୟବହାର ଅନ୍ତରୀକ୍ଷରେ ଅନ୍ୟ ଗ୍ରହକୁ ଯାଉଥିବା ବିମାନରେ ଇନ୍ଧନ ଭଳି କାମ କରିଥାଏ ।



# ଜଙ୍ଗଲରେ କୁକୁଡ଼ା ଚାଷ



ହଜାର ହଜାର ବର୍ଷ ତଳେ ଜଙ୍ଗଲୀ କୁକୁଡ଼ାକୁ ଗୃହପାଳିତ କରାଯାଇଥିଲା । ଏବେ ବି ବିଶ୍ୱରୀ ବିଭିନ୍ନ ଅଞ୍ଚଳରେ ଜଙ୍ଗଲୀ କୁକୁଡ଼ାଙ୍କ ଅଭାବ ନାହିଁ ଆଜିକାଲି ବିଶ୍ୱରେ ସର୍ବତ୍ର ଛୋଟ-ବଡ଼ ଫାର୍ମରେ ବିଭିନ୍ନ ପ୍ରକାରର କୁକୁଡ଼ା ପାଳନ କରାଯାଉଛି । ଫାର୍ମ କୁକୁଡ଼ାଙ୍କୁ ସାଧାରଣତଃ ବାହାରକୁ ଛଡ଼ାଯାଏ ନାହିଁ । ସେମାନଙ୍କ ସ୍ୱାଧୀନତା ସୀମିତ । ଖାଦ୍ୟ ମଧ୍ୟ ପ୍ରାକୃତିକ ନୁହେଁ । ଗ୍ରାମାଞ୍ଚଳରେ ଲୋକେ ଅଳ୍ପ ସଂଖ୍ୟକ କୁକୁଡ଼ା ଘରେ ପାଳନ୍ତି । ସେଗୁଡ଼ିକ ଅବଶ୍ୟ ମୁକ୍ତ ବିଚରଣର ସୁଯୋଗ ପାଆନ୍ତି । ଆଉ ଏବେ ଇଟାଲିରେ, ଜଙ୍ଗଲରେ ଅଭିନବ କୁକୁଡ଼ା ଚାଷ ଆରମ୍ଭ ହୋଇଛି । ଅଠଚାଳିଶ ବର୍ଷ ବୟସ୍କ ମାସିମୋ ରାପେଲା ନାମକ ବ୍ୟକ୍ତି ପ୍ରଥମେ ଏ ଧରଣର କୁକୁଡ଼ା ଚାଷ ଆରମ୍ଭ କରିଥିଲେ ତାଙ୍କ ସଫଳତାର କାହାଣୀ ବହୁଳ ଭାବେ ପ୍ରସାରିତ ହେବା ସହ ଅନ୍ୟମାନେ ଆଗ୍ରହ ପ୍ରକାଶ କରୁଛନ୍ତି । ମାସିମୋଙ୍କ ପୋଷା କୁକୁଡ଼ା ସଂଖ୍ୟା ଏକୋଇଶ ଶହ । ସେ ଏକ ଜଙ୍ଗଲ ଉପକଣ୍ଠରେ ବାସକରୁଛନ୍ତି । କୁକୁଡ଼ାଗୁଡ଼ିକ ଦିନ ସାରା ଜଙ୍ଗଲରେ ଚରି-ବୁଲି ଖାଦ୍ୟ ସଂଗ୍ରହ କରୁଛନ୍ତି ଏବଂ ଏଠି-ସେଠି ଅଣ୍ଡା ପାରୁଛନ୍ତି । ସେଗୁଡ଼ିକୁ ସଂଗ୍ରହ କରିବାରେ ବିଶେଷ ଅସୁବିଧା ହେଉନାହିଁ । କାରଣ, କୁକୁଡ଼ା ବାସସ୍ଥାନ ଛାଡ଼ି ଅଧିକ ଦୂରକୁ ଯାଉଥିବା ଧରଣର ପକ୍ଷୀ ନୁହେଁ । ଆଉ ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି, ସେମାନଙ୍କ ଖାଦ୍ୟ ବାବଦକୁ କୌଣସି ଖର୍ଚ୍ଚ ହେଉନାହିଁ । ଏ ଧରଣର କୁକୁଡ଼ା ଚାଷରୁ ଅଧିକ ଲାଭ ମିଳୁଛି ।

# ଅଫିସ୍ ଫ୍ୟାଶନ

**ଯଦି ଆପଣ କର୍ମଜୀବୀ ହୋଇଥାନ୍ତି, ତେବେ ନିଜର ଡ୍ରେସକୋଡ୍ ଉପରେ ନଜର ଦିଅନ୍ତୁ । କିପରି ଡ୍ରେସ ପିନ୍ଧିଲେ ଆପଣ ସୁନ୍ଦର ଦେଖାଯିବା ସହ ସ୍ମାର୍ଟ ବି ଦେଖାଯିବେ ।**

- ଆପଣ ଯଦି କୌଣସି କର୍ପୋରେଟ୍ ସେକଟରରେ କାମ କରୁଥାନ୍ତି ତେବେ ଧଳା ଲାଇଲନ୍ ଶର୍ଟ ପିନ୍ଧିପାରନ୍ତି । ଏହା ସହିତ କଲରଫୁଲ ସ୍କାର୍ଫ କିମ୍ବା ହାଲୁକା ରଙ୍ଗର ଜ୍ୟାକେଟ୍ ବି ପରିଧାନ କରିପାରନ୍ତି ।
- ଆପଣ ଯଦି କୌଣସି ଅଫିସରେ କାମ କରୁଥାନ୍ତି, ତେବେ ସିମ୍ପୁଲ ପ୍ୟାଣ୍ଟ ପସନ୍ଦ କରନ୍ତୁ । ଏଥିପାଇଁ ଆପଣ କଳା କିମ୍ବା ଗ୍ରେ ରଙ୍ଗକୁ ଚୟନ କରିପାରନ୍ତି । ତେବେ ଅଫିସିଆଲ ଗେଟଅପ୍ ଲାଗି ଫର୍ମାଲ ଡ୍ରେସ୍ ଭଲଲାଗିଥାଏ ।
- କର୍ମଜୀବୀ ହୋଇଥିଲେ ବ୍ଲେଜର ଆପଣଙ୍କୁ ଠିକ୍ ଲାଗିବ । ଅଫିସରେ କୌଣସି ମିଟିଂ ଥିଲେ ବା କୌଣସି କ୍ଲାଏଣ୍ଟଙ୍କୁ ଦେଖା କରିବାକୁ ଚାହୁଁଥିଲେ ଏହି ଗେଟଅପରେ ଆପଣ ମାର୍ଜିତ ଦେଖାଯିବେ ।
- ଆପଣ ଏପରି କୁର୍ତ୍ତା ପିନ୍ଧନ୍ତୁ ଯାହା ଆରାମଦାୟକ ହୋଇଥିବ । ଏହା ଆପଣଙ୍କୁ କାମ କରିବା ସମୟରେ ହାଲୁକା ଲାଗିବ ।



# ଚର୍ଚ୍ଚାରେ ଶୂକର ଚିତ୍ରକର

ତୁଣ୍ଡରେ ତୂଳୀ ଧରି କାନଭାସ୍ ଉପରେ ଚିତ୍ର ଆଙ୍କୁଥିବା ଦକ୍ଷିଣ ଆଫ୍ରିକାର ଏହି ଶୂକର ଏବେ ଚର୍ଚ୍ଚାରେ । ଏହାର ମାଲିକାଣୀ କାନୀ ଲେଫସନ୍: ବୃତ୍ତିରେ ସେ ଜଣେ ପ୍ରାଣୀ ସୁରକ୍ଷାଦାତ୍ରୀ । କାନୀ ସେଇଟିକୁ ଏକ କଂସେଇଖାନାରୁ ଉଦ୍ଧାରକରି କେପ୍ ଟାଉନସ୍ଥିତ ନିଜ ପ୍ରାଣୀ ସୁରକ୍ଷାକେନ୍ଦ୍ରକୁ ନେଇଆସିଥିଲେ । ସେତେବେଳେ ତାର ବୟସ ଥିଲା ମାତ୍ର ଦୁଇ ମାସ । ଏକଦା ସୁରକ୍ଷାକେନ୍ଦ୍ରର ବିଭିନ୍ନ ସ୍ଥାନକୁ କିଛି ଚିତ୍ରଶିଳ୍ପୀ ସଜ୍ଜୀକରଣ କରୁଥିଲେ । ଶୂକରଟି ରଙ୍ଗଡବା ମଧ୍ୟରେ ପଡ଼ିଥିବା ତୂଳୀକୁ ତୁଣ୍ଡରେ ଧରି କାନୁରେ ବୁଲାଇବା ଘଟଣା, ଜାକୀଙ୍କୁ ଉତ୍ସାହିତ କରିଥିଲା । ଶୂକର ପାଇଁ ସେ ଏକ ସ୍ୱତନ୍ତ୍ର କାନଭାସ୍ ତିଆରିକରିଥିଲେ । କାନଭାସ୍ ପାଖରେ ରଖିଥିଲେ ତୂଳୀ ଆଉଛ ରଙ୍ଗ ଡବା । କ୍ରମେ ଶୂକର ଚିତ୍ର ଆଙ୍କିବା ଅଭ୍ୟାସରେ ପଡ଼ିଥିଲା । ଏବେ ତା'ର ବୟସ ଏକୋଇଶ ମାସ ଏବଂ କାନଭାସ୍ ଉପରେ ପ୍ରତିଦିନ ଚିତ୍ର ଆଙ୍କୁଛି । ଦେଶ -ବିଦେଶର ଚିତ୍ରପ୍ରେମୀଙ୍କ ମଧ୍ୟରେ ଶୂକର-ଅଙ୍କିତ ଚିତ୍ରଗୁଡ଼ିକର ଆଦର ବଢ଼ୁଛି । ଇଂଲଣ୍ଡ, ଆମେରିକା, ଦକ୍ଷିଣ କୋରିଆ ଏବଂ ମାଲେସିଆରେ ଚଉରାଳିଶଟି ଚିତ୍ର ବିକ୍ରି ସରିଲାଣି । ଶୂକର ଦ୍ୱାରା ଅଙ୍କିତ ଗୋଟିଏ ଚିତ୍ର ଭାରତୀୟ ମୁଦ୍ରାରେ ପ୍ରାୟ ଏକ ଲକ୍ଷ ପଞ୍ଚାବନ ହଜାର ଟଙ୍କାରେ ବିକ୍ରି ହୋଇଥିବା ଜଣାଯାଏ । ମାଲିକାଣୀଙ୍କ ବିଶ୍ୱାସ, ଏହା ବିଶ୍ୱର ଏକମାତ୍ର ଚିତ୍ର ଆଙ୍କିପାରୁଥିବା ଶୂକର ।



ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୯ ମାର୍ଚ୍ଚ ୨୦୨୨, ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଶିକ୍ଷାର ଭବିଷ୍ୟତ...

ଚଳିତ ବର୍ଷ ଜୁଲାଇ ମାସରୁ ୪୫ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ୨୦୨୨-୨୩ ଶିକ୍ଷା ବର୍ଷଠାରୁ ନାମଲେଖା ପାଇଁ ଜାତୀୟ ପରୀକ୍ଷା ଏଜେନ୍ସି ଦ୍ୱାରା ଏକ ସାଧାରଣ ଅଣ୍ଡରଗ୍ରାଜୁଏଟ୍ ପରୀକ୍ଷା ଅନୁଷ୍ଠିତ କରାଇବାକୁ ବିଶ୍ୱବିଦ୍ୟାଳୟ ମଂଜୁରୀ ଆୟୋଗର ପ୍ରସ୍ତାବ ରହିଛି। ଏହି ପରୀକ୍ଷାର ନାମ ରହିବ କମନ୍ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ। ଏହି ପରୀକ୍ଷାରେ ପରୀକ୍ଷାର୍ଥୀ ହାସଲ କରିଥିବା ମାର୍କସ୍ ବା ସ୍କୋର ହିଁ ନାମଲେଖା ପାଇଁ ଏକମାତ୍ର ଯୋଗ୍ୟତା ଭାବରେ ବିବେଚିତ ହେବ। କହିବା ବାହୁଲ୍ୟ, ଏଭଳି ପଦ୍ଧତି ନାମଲେଖାରେ ଏକ ବଡ଼ ଧରଣର ପରିବର୍ତ୍ତନ ଆଣିବାକୁ ଯାଉଥିବାବେଳେ ଏଥିରେ କିଛି ନିର୍ଦ୍ଦିଷ୍ଟ ଧରଣର ସୁବିଧା ସହିତ କେତେକ ଚିନ୍ତା ଉଦ୍ରେକାରୀ ପ୍ରସଙ୍ଗ ମଧ୍ୟ ରହିଛି। ୟୁଜିସିର କହିବା ଅନୁସାରେ ଏହି ପରୀକ୍ଷାର ତିନିଗୋଟି ବିଭାଗ ରହିଥିବାବେଳେ ଗୋଟିଏ ଦିନରେ ଏହା ଦୁଇଗୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ପ୍ରଥମ ବିଭାଗଟି ପିଲାମାନଙ୍କର ଭାଷା ଉପରେ ଥିବା ଦକ୍ଷତାକୁ ପରୀକ୍ଷା କରିବ, ଦ୍ୱିତୀୟଟି ପିଲାମାନେ ନିଜ ନିଜର ପସନ୍ଦ ଅନୁଯାୟୀ ନିର୍ବାଚିତ କରିଥିବା ବିଷୟବସ୍ତୁ-ନିର୍ଦ୍ଦିଷ୍ଟ ଏବଂ ଶେଷ ବିଭାଗଟି ପିଲାମାନଙ୍କର ସାମ୍ପ୍ରତିକ ସମୟର ଘଟଣାବଳୀ, ନ୍ୟୁମରିକାଲ ଆବିଲିଟି ଅର୍ଥାତ ଗାଣିତିକ ଦକ୍ଷତା ଏବଂ ତାର୍କିକ ତଥା ଗୁଣାତ୍ମକ ଯୁକ୍ତିଯୁକ୍ତତା ବା କ୍ୱାଂଟିଟେଟିଭ୍ ରିଜନିଂକୁ ଅନ୍ତର୍ଭୁକ୍ତ କରିବ। ଯେହେତୁ ଏହି ପରୀକ୍ଷାରେ ହାସଲ କରିଥିବା ମାର୍କସ୍ ହିଁ ନାମଲେଖା ନିମନ୍ତେ ଏକମାତ୍ର ଯୋଗ୍ୟତା ଭାବରେ ବିବେଚନା କରାଯିବ, ତେଣୁ ପିଲାମାନେ ସ୍କୁଲ ବୋର୍ଡ଼ ପରୀକ୍ଷାରେ ହାସଲ କରିଥିବା ମାର୍କସ୍‌ର କୌଣସି ଗୁରୁତ୍ୱ ରହିବ ନାହିଁ। ସୂଚାଇ ଦିଆଯାଇପାରେ କି, ୟୁଜିସି ଦ୍ୱାରା ପାଣ୍ଠି ଯୋଗାଇ ଦିଆଯାଉଥିବା ୪୫ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମଧ୍ୟରେ ଅନ୍ତର୍ଭୁକ୍ତ ଜେଏନ୍‌ୟୁ, ବିଏଚ୍‌ୟୁ, ଏଏମ୍‌ୟୁ ଏବଂ ଜାମିଆ ମିଲିଆ ଭଳି ପ୍ରଖ୍ୟାତ ଶିକ୍ଷାନୁଷ୍ଠାନଗୁଡ଼ିକ। ପୁନଶ୍ଚ, ଉପରୋକ୍ତ କ୍ୟୁଏଟ୍ ପରୀକ୍ଷାରେ ପିଲାମାନେ ହାସଲ କରିଥିବା ମାର୍କସକୁ ଘରୋଇ ଏବଂ ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟ ନାମଲେଖା କ୍ଷେତ୍ରରେ ବ୍ୟବହାର କରିପାରିବେ ବୋଲି ୟୁଜିସି ସୂଚନା ଦେଇଛି। ଅଣ୍ଡରଗ୍ରାଜୁଏଟ୍ ସ୍ତରରେ ନାମଲେଖା ନିମନ୍ତେ କ୍ୟୁଏଟ୍ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ କରାଯିବା ନିଶ୍ଚିତ ଭାବରେ ଦେଶରେ ବିଶ୍ୱବିଦ୍ୟାଳୟ ସ୍ତରରେ ନାମଲେଖା କ୍ଷେତ୍ରରେ ଏକ ସମାନତା ଆଣିବ, ଯେଉଁଠି ଅନେକଗୁଡ଼ିଏ ଏଜେନ୍ସି ସ୍କୁଲ ଶିକ୍ଷା ଏବଂ ପରୀକ୍ଷାଗୁଡ଼ିକର ତଦାରଖ କରୁଥିଲେ। ଏତଦ୍‌ବ୍ୟତୀତ ଉପରୋକ୍ତ ପ୍ରବେଶିକା ପରୀକ୍ଷା କରାଇବାକୁ ନିଷ୍ପତ୍ତି ଗ୍ରହଣ କରି ଭାରତ ବିଶ୍ୱର ଚୀନ୍, ଜାପାନ, ଯୁକ୍ତରାଷ୍ଟ୍ର ଆମେରିକା ଭଳି ଅନେକ ଦେଶଙ୍କ ସହିତ ସାମିଲ ହେବାକୁ ଯାଉଛି, ଯେଉଁସବୁ ରାଷ୍ଟ୍ରରେ ଅଣ୍ଡରଗ୍ରାଜୁଏଟ୍ ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ କମନ୍ ଆଡମିସନ୍ ଟେଷ୍ଟ ବା ସାଧାରଣ ପ୍ରବେଶିକା ପରୀକ୍ଷା ବାଟ ଦେଇ ପିଲାମାନଙ୍କୁ ଯିବାକୁ ହୋଇଥାଏ। ତେବେ ଏଭଳି ଏକ ପଦ୍ଧତି ସମ୍ପର୍କରେ ଶୁଣିବା ପରେ ଅଭିଭାବକ ଏବଂ ପିଲାମାନଙ୍କ ମହଲରେ ବିସ୍ମୟ ଭାବ ପ୍ରକାଶ ପାଇଛି। ଆସନ୍ତା ମାସରେ ପିଲାମାନେ ଦ୍ୱାଦଶ ଶ୍ରେଣୀ ବୋର୍ଡ଼ ପରୀକ୍ଷା ଦେବାକୁ ଯାଉଛନ୍ତି। ସମ୍ପ୍ରତି କ୍ୟୁଏଟ୍ ପରୀକ୍ଷାରେ ୟୁଜିସି ଏହି ପରୀକ୍ଷାର ଫଳାଫଳକୁ ଆଦୌ ଗୁରୁତ୍ୱ ଦେବନାହିଁ ବୋଲି ଜାଣିବା ପରେ ପିଲାମାନେ ଓ ସେମାନଙ୍କ ଅଭିଭାବକମାନେ ନିରାଶ ହୋଇ ପଚାରିଛନ୍ତି ବୋର୍ଡ଼ ପରୀକ୍ଷା ପାଇଁ ଏତେ କଷ୍ଟ କରିବାର କି ମୂଲ୍ୟ ଅଛି ତା'ହେଲେ! ବର୍ତ୍ତମାନ ପର୍ଯ୍ୟନ୍ତ ସବୁ ପିଲାଙ୍କ ମନରେ ଗୋଟିଏ ମାତ୍ର କଥା ଥିଲା- ଯେହେତୁ ପ୍ରତିଷ୍ଠିତ କଲେଜମାନଙ୍କରେ ନାମ ଲେଖାଇବା ପାଇଁ ସେମାନଙ୍କୁ ପ୍ରଚଳିତ ଅଯୌକ୍ତିକ କଟ୍-ଅଫ୍ ମାର୍କସ୍‌ର ସମ୍ମୁଖୀନ ହେବାକୁ ହୋଇଥାଏ, ତେଣୁ ସେମାନଙ୍କୁ ପ୍ରତି ବିଷୟରେ ପୂର୍ଣ୍ଣ ସଂଖ୍ୟା ୧୦୦ରୁ ଯେତେ ପାରେ ସେତେ ଅଧିକ, ଏମିତିକି ୧୦୦ରୁ ୧୦୦ ଆଣିବା ପାଇଁ ପରିଶ୍ରମ କରିବାକୁ ପଡ଼ିବ। ଅଭିଭାବକମାନଙ୍କ ଆଶଙ୍କା ହେଉଛି- କ୍ୟୁଏଟ୍ ପରୀକ୍ଷାର ପ୍ରଚଳନ ଫଳରେ ରାତାରାତି ଏହି ପରୀକ୍ଷା ପାଇଁ ପ୍ରସ୍ତୁତି ନିମନ୍ତେ ଟ୍ୟୁଟୋରିଆଲଗୁଡ଼ିକ ଖୋଲିଯିବ ଏବଂ ପିଲାମାନେ ସେଥିରେ ଯୋଗ ଦେବାକୁ ଚାହିଁବେ। କ୍ୟୁଏଟ୍‌ର ସପକ୍ଷବାଦୀ କଥା ହେଉଛି- ପୃଷ୍ଠଭୂମି ନିର୍ବିଶେଷରେ ଏହା ସବୁ ପିଲାଙ୍କୁ ସଫଳତାର ଏକ ନିଷ୍ପକ୍ଷ ଓ ସମାନ ସୁଯୋଗ ପ୍ରଦାନ କରିବ। ତେବେ ସମୟକ୍ରମେ ଏହା 'ଅଭିଜାତ' ଶିକ୍ଷା ନିମନ୍ତେ ଏକ ଯୋଗ୍ୟତାବାଦୀ ବ୍ୟବସ୍ଥାରେ ପରିଣତ ହେବ କି ନାହିଁ, ତାହା ଦେଖିବାକୁ ବାକି ରହିଲା।



## କାଶ୍ମୀର୍ ଫାଇଲ୍ ଚଳଚ୍ଚିତ୍ର - ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ


ଅମୂଲ୍ୟ କୁମାର ପଣ୍ଡା


ବିବେକ ଅଗ୍ନିହୋତ୍ରୀଙ୍କ ଫିଲ୍ମ ' କାଶ୍ମୀର ଫାଇଲ ' ବର୍ତ୍ତମାନ ଖୁବ୍ ଚର୍ଚ୍ଚାରେ। ଚଳଚିତ୍ରଟି ସତ୍ୟ ଘଟଣା ଉପରେ ଆଧାରିତ। ଏହି ଚଳଚ୍ଚିତ୍ରଟି କଶ୍ମୀରୀ ପଣ୍ଡିତମାନଙ୍କ ଉପରେ ହୋଇଥିବା ଅତ୍ୟାଚାର ଉପରେ ନିର୍ମିତ। ଏଥିରେ ୧୯୯୦ ମସିହାରେ କଶ୍ମୀରର ହିଂସା ତଥା ଚାଲିଥିବା ବିବାଦ ଦର୍ଶାଯାଇଛି। ଏଥିରେ ଅନୁପମ ଖେର, ମିଥୁନ ଚକ୍ରବର୍ତ୍ତୀ ଦର୍ଶନ କୁମାର, ପଲ୍ଲଭି ଯୋଶୀ, ପୁନିତ ଇସର ଆଦି ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି। ତେବେ, ୧୯୯୦ ମସିହାରେ କାଶ୍ମୀର ଘାଟିରେ କ'ଣ ଘଟିଥିଲା ଆପଣ ତାହା ଅନେକ ଲୋକ ଆଜି ଯାଏଁ ଜାଣି ନାହାଁନ୍ତି ? ସେଦିନ ଥିଲା ପ୍ରଳୟର ଦିନ, ପଳାୟନର ଦିନ। ଆଜିକୁ ୩୧ ବର୍ଷ ତଳର କଥା। ୧୯୪୭ ମସିହାରେ ଦେଶ ବିଭାଜନ ପରଠାରୁ ହିଁ କାଶ୍ମୀରରେ ହିନ୍ଦୁମାନେ ସୁରକ୍ଷିତ ନଥିଲେ। ଏଠାରେ ହିନ୍ଦୁମାନଙ୍କ ଉପରେ ସବୁବେଳେ ଅତ୍ୟାଚାର ଚାଲି ଆସୁଥିଲା। ୧୯୯୦ ମସିହା ପୂର୍ବରୁ କାଶ୍ମୀରରେ ହିନ୍ଦୁମାନଙ୍କ ଉପରେ ଭୟଙ୍କର ଆକ୍ରମଣ ହେବା ଆରମ୍ଭ ହୋଇଯାଇଥିଲା। ହିନ୍ଦୁମାନଙ୍କୁ ଦିନ ଦ୍ୱିପ୍ରହରରେ ମଝି ରାସ୍ତାରେ ହତ୍ୟା କରାଯାଉଥିଲା। ମା', ଭଉଣୀ ମାନଙ୍କୁ ଅପହରଣ କରା ଯାଉଥିଲା। ସେମାନଙ୍କର ଇଜ୍ଜତ ସହ ଖେଳା ଯାଉଥିଲା। ଏହାର ଏକମାତ୍ର ଉଦ୍ଦେଶ୍ୟ ଥିଲା କାଶ୍ମୀର ଘାଟିରେ ହିନ୍ଦୁମାନଙ୍କୁ ଆତଙ୍କିତ କରିବା ଏବଂ ସେମାନଙ୍କୁ ଘାଟିରୁ ବିତାଡ଼ିତ କରିବା। କାଶ୍ମୀର ହିନ୍ଦୁ ପଣ୍ଡିତ ମାନଙ୍କ ପାଇଁ ତିନୋଟି ବିକଳ୍ପ ଥିଲା। ପ୍ରଥମତଃ ଧର୍ମାନ୍ତରୀକରଣ, ନ ହେଲେ ଦ୍ୱିତୀୟରେ ଘାଟି ଛାଡ଼, ନହେଲେ ତୃତୀୟରେ ଜୀବନ ଛାଡ଼ ଅର୍ଥାତ ହତ୍ୟା ର ବିଭତ୍ସ କାଣ୍ଡ । ୧୯ ଜାନୁଆରୀ ୧୯୯୦ରେ ଯାହାହେଲା ତା' ପରଠାରୁ ହିନ୍ଦୁମାନଙ୍କର ସେଠାରେ ରହିବା ଆଉ ସମ୍ଭବ ହେଲା ନାହିଁ। ତେଣୁ ଏହି ଦିନକୁ କାଶ୍ମୀରୀ ହିନ୍ଦୁମାନଙ୍କର ବିସ୍ଥାପନ ଦିବସ/ପ୍ରଳୟର ଦିନ/ ପଳାୟନର ଦିନ ରୂପେ ପାଳନ କରାଯାଇଥାଏ। ସେହି ଦିନର ଭୟଙ୍କର ଦୃଶ୍ୟ ଆଜି ମଧ କାଶ୍ମୀରୀ ହିନ୍ଦୁମାନଙ୍କର ମନରୁ ଲିଭିପାରି ନାହିଁ। ସମ୍ପୂର୍ଣ୍ଣ କାଶ୍ମୀର ଘାଟିରେ "ମଜହବୀ (ଧାର୍ମିକ) ଉନ୍ମାଦ" ଚଢ଼ି ଚାଲିଥିଲା। ହାତରେ ବନ୍ଧୁକ ଓ ମୁହଁରୁ "ଅସି ଗଚ୍ଛି ପାକିସ୍ତାନ" "ବତାଓ ରୋଓସ ତେ' ବତାନବେ ଶାନ" ଆଦିର ସ୍ଲୋଗାନ ସହ ଜିହାଦୀ ଶାନ୍ତିଦୂତ ମାନେ ତାଙ୍କର ଆତଙ୍କ ଜାରୀ ରଖିଥିଲେ। କାଶ୍ମୀର ଘାଟିର ଯେଉଁ ମସ୍ଜିଦ ଗୁଡିକରେ କେବେ ଇବାଦତର ଶବ୍ଦ ଶୁଣା ଯାଉଥିଲା, ସେହି ମସଜିଦ ଗୁଡିକରେ "କାଫିର ହିନ୍ଦୁ" ମାନଙ୍କୁ ହତ୍ୟା କରିବାର ଅପିଲ୍, ଫତଓ୍ୱା ମାନ ଶୁଣାଗଲା। କୁହାଗଲା, "ଏ କାଫିରୋଁ (ମୂର୍ତ୍ତି ପୂଜକ), ଏ' ଜାଲିମୋଁ କାଶ୍ମୀର ହମାରା ଛୋଡ୍ ଦୋ", "ମୁସଲମାନ ଜାଗୋ,କାଫିରୋଁ ଭାଗୋ", "ଇସଲାମ ହମାରା ମକସଦ ହୈ, କୁରାନ ହମାରା ଦସ୍ତୁର ହେ, ଔର ଜିହାଦ ହମାରା ରାସ୍ତା ହୈ", "କାଶ୍ମୀର ବନେଗା ପାକିସ୍ତାନ", "ପାକିସ୍ତାନ ସେ କ୍ୟା ରିସ୍ତା,"ଲା ଇଲାହା ଇଲ୍ଲଲ୍ଲାହ ମୁହମ୍ମଦୁନ ରସୁଲ୍ ଇଲ୍ଲାହ", "ୟହାଁ କ୍ୟା ଚଲେଗା, ନିଜାମେ ମୁସ୍ତଫା" ଇତ୍ୟାଦି ଇତ୍ୟାଦି। ଏହି ସ୍ଲୋଗାନ ଗୁଡ଼ିକ ସମେତ ଭୟଙ୍କର ଆତଙ୍କରାଜ୍ କାଶ୍ମୀର ଘାଟିରୁ ହିନ୍ଦୁଙ୍କୁ ସେମାନଙ୍କ ମାତୃଭୂମିରୁ ବିସ୍ଥାପିତ ହେବାକୁ ବାଧ କରିଥିଲା। କେତେକ ରିପୋର୍ଟ ଅନୁଯାୟୀ ୯୦ ଦଶକରେ ୧ ଲକ୍ଷ ହିନ୍ଦୁ ପଳାୟନ କରିଥିଲେ। ଆଉ କେତେକ ରିପୋର୍ଟରେ ଏହି ସଂଖ୍ୟା ୧ ଲକ୍ଷ ୫୦ ହଜାର କୁହାଯାଉଥିବା ବେଳେ,କେତେକ ରିପୋର୍ଟରେ ଏହି ସଂଖ୍ୟା ୧ ଲକ୍ଷ ୯୦ ହଜାର କୁହାଯାଉଛି। ବାସ୍ତବରେ ଏହି ସଂଖ୍ୟା ଏହି ରିପୋର୍ଟର କାହିଁ କେତେ ଗୁଣା ହେବ। ବାସ୍ତବରେ ୪ ଲକ୍ଷରୁ ଅଧିକ ହିନ୍ଦୁ ପଳାୟନ କରିଥିଲେ ବୋଲି କୁହାଯାଏ। ଜାମ୍ମୁକାଶ୍ମୀର ସରକାରଙ୍କ ଏକ ରିପୋର୍ଟ ଅନୁଯାୟୀ ୧୯୮୯ରୁ ୨୦୦୪ ମଧ୍ୟରେ ୨୧୯ କାଶ୍ମୀର ପଣ୍ଡିତଙ୍କ ହତ୍ୟା ହୋଇଥିଲା। ବାସ୍ତବରେ ଏହି ସଂଖ୍ୟା ମଧ କାହିଁ କେତେଗୁଣା ଅଧିକା। ୧୯୯୮ ଜାନୁୟାରୀ ମାସରେ ବନ୍ଧାମା ଗ୍ରାମରେ ମହିଳା ଏବଂ ଶିଶୁଙ୍କ ସମେତ ୨୩ ଜଣ ହିନ୍ଦୁଙ୍କୁ ଥଣ୍ଡା ବରଫ ଅଞ୍ଚଳରେ ଗୁଳି କରି ହତ୍ୟା କରାଯାଇଥିଲା। ୯୦ ଦଶକର ସେହି ଜିହାଦି ଉନ୍ମାଦର ପରିଣାମ ସ୍ୱରୂପ ଆଜି ମଧ କାଶ୍ମୀରୀ ପଣ୍ଡିତମାନେ ସେମାନଙ୍କ ନିଜ ଦେଶରେ ଶରଣାର୍ଥୀ ହୋଇ ରହିବାକୁ ବାଧ ହେଉଛନ୍ତି। ଏହି ଚଳଚ୍ଚିତ୍ରକୁ ନେଇ କିଛି ସପକ୍ଷରେ ଆଉ କେହି ବିପକ୍ଷରେ ମତ ଦେଉଛନ୍ତି। ଏହି ଚଳଚ୍ଚିତ୍ରକୁ ନେଇ ସମାଜ ଦୁଇଟି ଗୋଷ୍ଠୀରେ ଭାଗ ହୋଇଛି । ଗୋଟିଏ ଗୋଷ୍ଠୀ ଏହି ଚଳଚ୍ଚିତ୍ରରେ ପ୍ରଦର୍ଶିତ କାଶ୍ମୀର ପଣ୍ଡିତମାନଙ୍କ ଅସୁବିଧାରେ ଦୁଃଖିତ ଥିବାବେଳେ ଅନ୍ୟ ଗୋଷ୍ଠୀ ଏହାକୁ ଏକ ଏଜେଣ୍ଡା ବୋଲି କହୁଛନ୍ତି । ଏହ ଚଳଚ୍ଚିତ୍ରକୁ ନେଇ ଦେଶରେ ଜବରଦସ୍ତ ରାଜନୀତି ଲାଗି ରହିଛି । ଫିଲ୍ମ 'କାଶ୍ମୀର ଫାଇଲ୍ସ'କୁ ନେଇ ବିବାଦ ଲାଗି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ପୁଣିଥରେ ବିଜେପିକୁ ଟାର୍ଗେଟ କରିଛନ୍ତି। କାଶ୍ମୀରୀ ପଣ୍ଡିତଙ୍କ ପଳାୟନ ପ୍ରସଙ୍ଗ ଉପରେ ବିଜେପି ରାଜନୀତି କରୁଥିବା ଅଭିଯୋଗ କରିଛନ୍ତି କେଜ୍ରିୱାଲ। ସେ କହିଛନ୍ତି ଯେ ଗତ ଆଠ ବର୍ଷ ମଧ୍ୟରେ କାଶ୍ମୀର ଉପତ୍ୟକାରେ କେତୋଟି କାଶ୍ମୀରୀ ପଣ୍ଡିତ ପରିବାରଙ୍କୁ ପୁନଃ ଅବସ୍ଥାପିତ କରାଯାଇଛି ତାହା ବିଜେପି କହିବା ଉଚିତ୍। ଏହି କ୍ରମରେ କଂଗ୍ରେସ ନେତା ଆଦୀର ରଞ୍ଜନ ଚୌଧୁରୀ ସୋମବାର ଲୋକସଭାରେ କାଶ୍ମୀରୀ ପଣ୍ଡିତଙ୍କ ପଳାୟନ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। ୧୯୯୦ ମସିହାରେ ପଳାୟନକୁ ନେଇ ବିଜେପି ଉପରେ ଆକ୍ରମଣ କରି ସେ କହିଥିଲେ ଯେ ଯେତେବେଳେ କାଶ୍ମୀର ପଣ୍ଡିତମାନେ ଘରୁ ବାହାରକୁ ଯିବାକୁ ବାଧ ହୋଇଥିଲେ ସେତେବେଳେ ତତ୍କାଳୀନ ବିରୋଧୀଦଳର ନେତା ରାଜୀବ ଗାନ୍ଧି ତତ୍କାଳୀନ ଭିପି ସିଂ ସରକାରଙ୍କୁ କାଶ୍ମୀରରେ ଘଟୁଥିବା ପଣ୍ଡିତ ଓ ଶିଖଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ଚାଲୁଥିବା 'ଅତ୍ୟାଚାର'କୁ ବନ୍ଦ କରିବାକୁ କହିଥିଲେ। କଂଗ୍ରେସ ନେତା ଆଦୀର ରଞ୍ଜନ ଚୌଧୁରୀ କହିଛନ୍ତି ଯେ ୧୯୯୦ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଭି.ପି ସିଂଙ୍କ ସରକାର ବିଜେପି ସମର୍ଥନରେ ଚାଲିଥିଲା ଓ ସେତେବେଳେ ଜାମ୍ମୁ କାଶ୍ମୀରର ତତ୍କାଳୀନ ରାଜ୍ୟପାଳ ଜଗମୋହନ ପ୍ରବାସୀ ପଣ୍ଡିତ ଓ ଶିଖମାନଙ୍କୁ କହିଥିଲେ ଯେ ଆମେ ବଞ୍ଚାଇ ପାରିବୁ ନାହିଁ। ତୁମେ ନିଜ ନିଜ ଘର ଛାଡ଼ି ପଳାଅ। ସେ ଦାବି କରିଛନ୍ତି ଯେ ପଳାୟନ ସମୟରେ ବିଜେପି ନେତା ଏଲ.କେ ଆଡଭାନୀ ତାଙ୍କ ସେବା ଆରମ୍ଭ କରିଥିଲେ ଯାହା ବର୍ତ୍ତମାନର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ତା'ପରେ ବିରୋଧୀ ଦଳର ନେତା ରାଜୀବ ଗାନ୍ଧି ପଳାୟନ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ।

ତେବେ ଆସନ୍ତୁ ଜାଣିବା ଏହି ଘଟଣାର ପୁଙ୍ଖାନୁପୁଙ୍ଖ କାହାଣୀ ଯାହା ଆଜି ଚଳଚ୍ଚିତ୍ର ମାଧ୍ୟମରେ ଦର୍ଶାଯାଇଛି। ସେତେବେଳେ କାଶ୍ମୀରରେ ଘଟିଥିଲା ନିଷ୍ଠୁରତାର ଓ ବର୍ବରତାର ଚରମ ସୀମା । ସ୍ୱର୍ଗପୁରୀ କାଶ୍ମୀରରେ ଲେଖାଯାଇଥିଲା କାଶ୍ମୀର ପଣ୍ଡିତଙ୍କ ଉପରେ ଅତ୍ୟାଚାରର ଅନ୍ଧକାର ଅଧ୍ୟାୟ । ପ୍ରାଣ ବିକଳରେ ସ୍ୱର୍ଗପୁରୀ କାଶ୍ମୀର ଅଲବିଦା କହିଥିଲେ ଏହି ହିନ୍ଦୁ ଗୋଷ୍ଠୀ । ଗୋଟିଏ ରାତିରେ ଦାଣ୍ଡର ଭିକାରି ସାଜିଥିଲା କୋଟିପତି କାଶ୍ମୀର ପଣ୍ଡିତ । ଏକ ସମୟରେ ଜନ୍ମ ହାରଠୁ ଅଧିକ ରହିଥିଲା ମୃତ୍ୟୁହାର । ଆଉ ପୃଥିବୀର ସ୍ୱର୍ଗପୁରୀରେ ୯୦ ଦଶକରେ ଜଳିଥିଲା ସାମୂହିକ ଚିତା । ତିନି ଦଶନ୍ଧି ପରେ ଏବେ ସର୍ବସମ୍ମୁଖରେ ପ୍ରଦର୍ଶିତ ହୋଇଛି କାଶ୍ମୀର ପଣ୍ଡିତଙ୍କ ଦୁଃଖ ଓ ଦୁର୍ଦ୍ଦଶା । ଅନେକ ଦିନ ଧରି ଲୁଚି ରହିଥିବା ସତ୍ୟକୁ ଆଜି ପ୍ରତିଟି ଦେଶବାସୀ କରୁଛନ୍ତି ହୃଦୟଙ୍ଗମ । ଯେଉଁ କାଶ୍ମୀରରେ ହଜାର ବର୍ଷ ଧରି କାଶ୍ମୀର ପଣ୍ଡିତ ରହି ଆସୁଥିଲେ । ଯେଉଁ କାଶ୍ମୀର ଦିନେ କଶ୍ୟପ ଋଷିଙ୍କ ଭୂମି ରହିଥିଲା । ଯେଉଁଠି ନଦୀ, ପାହାଡ଼ ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ମିଳନ ହୋଇ ପୃଥିବୀର ସ୍ୱର୍ଗପୁରୀର ଆଖ୍ୟା ପାଇଛି ସେଠାରେ ହିଁ ୯୦ ଦଶକରେ ଜଳିଥିଲା ସାମୂହିକ ଚିତା । ଏହି ବର୍ବରତା କାଣ୍ଡକୁ ନା ଆଜି ଯାଏଁ କିଏ ଦେଖିଥିଲା ନା କିଏ ପ୍ରକୃତ ଘଟଣାକୁ ହୃଦୟଙ୍ଗମ କରିଥିଲେ ।


କ୍ରମଶଃ....




## ଏକ ସେବକର ଦୃଷ୍ଟିରେ ସମାଧିର ତାତ୍ପର୍ଯ୍ୟ


ଅନୀତା ପଟ୍ଟନାୟକ


କେତେକ କଥା ଆପଣମାନେ ଜାଣିଥିବା ବେଳେ ଓ ତାହାକୁ ଲେଖନୀ ମୁନରେ ପ୍ରକାଶ କଲାବେଳେ ନିଜକୁ ଲଜ୍ୟା ବୋଧହୁଏ। ଯଥା ମାଲିକ ତାର ଲୋକମାନଙ୍କୁ ବଳପୂର୍ବକ କାମ କରାଏ। କିନ୍ତୁ ନେତା ତାର ଲୋକ ମାନଙ୍କୁ ପ୍ରେରଣା ଦିଏ ଓ ସେବକ ତାର ପ୍ରଭୁର ଆଜ୍ଞାକୁ ପାଳନ କରେ ଓ ନିଜର ଆଚରଣ ମାଧ୍ୟମରେ ପ୍ରଭୁଙ୍କର ଆଜ୍ଞାକୁ ପାଳନ କରିବାର ଦୃଷ୍ଟାନ୍ତ ସୃଷ୍ଟି କରେ।

ମାଲିକ ତାର ପ୍ରଭୁତ୍ୱ ଉପରେ ନିର୍ଭରଶୀଳ, ନେତା ତାର ହିତେଚ୍ଛା ଉପରେ ଓ ସେବକ ପ୍ରଭୁର ଦୟା ଉପରେ ନିର୍ଭରଶୀଳ। ମାଲିକ ଭୟ ସୃଷ୍ଟି କରେ। ନେତା ପ୍ରେମ ବିଚ୍ଛୁରିତ କରେ ଓ ସେବକ ପ୍ରେମକୁ ସ୍ୱାର୍ଥହୀନତା ବିଚାରି କାର୍ଯ୍ୟ କରେ। ମାଲିକ କହେ ମୁଁ, ନେତା କୁହେ ଆମେ, ସେବକ କହେ ମୁଁ ତୁମର ତୁମେ ମୋର। ମାଲିକ ଭୁଲ ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ କରେ, ନେତା କେଉଁଠି ଭୁଲ ସୂଚାଇ ଦିଏ, ସେବକ କୌଣସି ଭୁଲ ଦେଖି ପାରେନା। ମାଲିକ ଲୋକମାନଙ୍କୁ ଗାଳି କଟୂକ୍ତି କରେ, ନେତା ଗାଳି ନଦେଇ ନିଜ କାର୍ଯ୍ୟ ପାଇଁ ବ୍ୟବହାର କରେ। ସେବକ ନିଜକୁ ଉଦାହରଣ ସଜାଇ ମାଲିକ ନିକଟରେ ସମର୍ପଣ କରେ। ମାଲିକ ଜାଣେ କିପରି କାର୍ଯ୍ୟ କରାଯାଏ। ନେତା କାର୍ଯ୍ୟ କରିବାର ରାସ୍ତା ଦେଖାଏ ଓ ସେବକ ପ୍ରଭୁଙ୍କ ପଥର ପଥିକ ବୋଲି କହିଥାଏ। ମାଲିକ ସମ୍ମାନଦାବୀ କରେ। ନେତା ସମ୍ମାନ ପାଇବାକୁ ଯୋଗ୍ୟ ବୋଲି ଦାବୀ କରେ। ସେବକ ମାନ, ଅପମାନ, ପ୍ରଶଂସା, ନିନ୍ଦାକୁ ସମାନ ଭାବେ ଗ୍ରହଣ କରେ। ମାଲିକ ଗୋଲାମୀ କରାଏ, ନେତା ସମସ୍ତଙ୍କୁ ଆମୋଦିତ କରାଏ ଓ ସେବକ ତାର ପ୍ରଭୁଙ୍କ ସେବାରେ ଆନନ୍ଦିତ କରାଏ।

ଉପରୋକ୍ତ ବର୍ଣ୍ଣିତ ସେହିପରି ଜଣେ ସେବକ ଗୋଟିଏ ଉପତ୍ୟକାରେ ବୁଲୁ ବୁଲୁ ଗୋଟିଏ ଚନ୍ଦନ ନାମଧାରୀ ଏକ କିଶୋର ତାଙ୍କ ଆଡ଼କୁ ଆକୃଷ୍ଟ ହୋଇ ଆସିଲା। ସେବକ ପ୍ରଭୁଙ୍କର ଗୁଣଗାନ କରୁଥିଲା। ଚନ୍ଦନ ସେବକକୁ ପଚାରିଲା ସତରେ କ'ଣ ଭଗବାନ ଧରାପୃଷ୍ଠରେ ଜନ୍ମ ନିଅନ୍ତି ଓ କାହିଁକି? ସେବକଙ୍କ ମୁଖରୁ ଗୀତାର ଏକ ଶ୍ଳୋକ ନିର୍ଝରିତ ହେବାକୁ ଲାଗିଲା। 'ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ। ଅଭ୍ୟୁତ୍ଥାନଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍।। ପରିତ୍ରାଣାୟ ସାଧୁନାଂ ବିନାଶାୟଚ ଦୁଷ୍କୃତାମ୍। ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ।।' ଏହାର ଅର୍ଥ ହେ ଭାରତ। ଯେଉଁ ଯେଉଁ ସମୟରେ ଧର୍ମର ଅବକ୍ଷୟ ହୁଏ ସେହି ସେହି ସମୟରେ ମୁଁ ନିଜର ରୂପ ସୃଷ୍ଟି କରିଥାଏ ଅର୍ଥାତ୍ ସାକାର ରୂପରେ ଲୋକମାନଙ୍କ ସମ୍ମୁଖରେ ପ୍ରକଟିତ ହୁଏ। ସାଧୁ ପୁରୁଷ ମାନଙ୍କୁ ଉଦ୍ଧାର କରିବା ପାଇଁ ପାପୀ ମାନଙ୍କୁ ବିନାଶ କରିବା ପାଇଁ ଏବଂ ଧର୍ମ ସଂସ୍ଥାପନ କରିବା ପାଇଁ ମୁଁ ଯୁଗେ ଯୁଗେ ପ୍ରକଟ ହୋଇଥାଏ।

ଚନ୍ଦନ ପଚାରିଲା ଯଦି ଭଗବାନ ଧର୍ମ ସଂସ୍ଥାପନ କରନ୍ତି ପ୍ରକୃତରେ କ'ଣ ସମସ୍ତେ ଧାର୍ମିକ ହୋଇଯାଆନ୍ତି। ସେବକ ଏହାର ଉତ୍ତର ଦେଇ କହିଥିଲେ ନା, ସେମାନଙ୍କର ସଂଖ୍ୟା ଖୁବ କମ ଓ ନଗଣ୍ୟ। ତେଣୁ ପ୍ରଭୁଙ୍କୁ ବାରମ୍ବାର ପୃଥିବୀକୁ ଜନ ସମାଜର ହିତ ନିମନ୍ତେ ଜନ୍ମ ନେବାକୁ ପଡ଼ିଥାଏ। ଚନ୍ଦନ ପୁଣି ପ୍ରଶ୍ନ କଲା ଯଦି ଭଗବାନ ବାରମ୍ବାର ଏ ଧରାପୃଷ୍ଠରେ ଜନ୍ମ ନେଉଛନ୍ତି ତେବେ ତାଙ୍କର ସମାଧି ଗୁଡ଼ିକ କ'ଣ ସୂଚନା ଦେଉଛି? ଉଦାହରଣ ସ୍ୱରୂପ ଚନ୍ଦନ ସେବକଙ୍କୁ କହିଲା ଆପଣ ତ ଉଲକା ତୀର୍ଥ କ'ଣ ଜାଣିଥିବେ ସେବକ ଏହା କ'ଣ ବୋଲି ପଚାରିବାରୁ ଚନ୍ଦନ କହିଲା ଗୁଜୁରାଟର ପଶ୍ଚିମ ସାମୁଦ୍ରିକ ତଟରେ ଅବସ୍ଥିତ ସୌରାଷ୍ଟ୍ରର ଭୀରାଭଲ ଠାରେ ଏହା ଅବସ୍ଥିତ। ସେହିଠାରେ ଜରାଶବର କୃଷ୍ଣଙ୍କୁ ତୀରମାରି ହତ୍ୟା କରିଥିଲା। ସେଠାରେ ତାଙ୍କର ସମାଧି ମନ୍ଦିର ରହିଅଛି।

ସେହିପରି ଶିରିଡ଼ିର ବୁଟି ୱାଡା ଠାରେ ୧୫ ଅକ୍ଟୋବର ୧୯୧୮ ବିଜୟା ଦଶମୀ ଦିନ ଶିରିଡ଼ିର ସାଇବାବା ଦେହତ୍ୟାଗ କରିଥିଲେ ଓ ତାଙ୍କର ଏକ ସମାଧି ମନ୍ଦିର ସ୍ଥାପନ କରାଯାଇଛି। ସେହିପରି ଚନ୍ଦନ କହିଲା ସତ୍ୟସାଇ ବାବାଙ୍କର ସମାଧୀ ପୀଠ ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲ୍ଲାର ପୁଟ୍ଟପର୍ତ୍ତି ଗ୍ରାମରେ ୨୪.୦୪.୨୧୧ରେ ଦେହତ୍ୟାଗ କରିବା ପରେ ସର୍ବସାଧାରଣ ଭକ୍ତଙ୍କ ନିମନ୍ତେ ଖୋଲା ଯାଇଛି ଓ ସେ ସମାଧିପୀଠର ଅଗ୍ରଭାଗରେ ଲେଖାଯାଇଛି 'ସମସ୍ତଙ୍କୁ ଭଲ ପାଅ, ସମସ୍ତଙ୍କର ସେବା କର'।

ହେ ମହାଶୟ! ଏପରି ଅଗଣିତ ସମାଧିପୀଠ ଅନେକ ସାଧୁ ସନ୍ଥମାନଙ୍କର ମଧ ରହିଅଛି। ଏହା କ'ଣ ସୂଚନା ଦେଉଛି। ସେବକ କହିଲା ପ୍ରଭୁ ଦୟାମୟ ସେ ସମସ୍ତଙ୍କର ରୋଗ, ଦୁଃଖ, ଶୋକ ପ୍ରଭୃତିକୁ ହରଣ କରି ନିଅନ୍ତି। ନର୍ଦ୍ଦମାକ୍ତଜଳ ନଦୀରେ ମିଶି ଶେଷରେ ସମୁଦ୍ରରେ ମିଶୁଥିଲେ ମଧ ନଦୀ ଓ ସମୁଦ୍ରର କିଛି ଅଂଶ ଯେପରି ପ୍ରଦୂଷିତ ହେଉଥାଏ ସେହିପରି ଆମ୍ଭେମାନେ ବାରମ୍ବାର ଭୁଲକରି ମଧ ଯେତେବେଳେ ପ୍ରଭୁଙ୍କର ଶରଣାପତ ହେଉ ସମୁଦ୍ର ସ୍ୱରୂପ ଭଗବାନଙ୍କର ମାନବ ଶରୀର କିଛି ଅଂଶରେ ପ୍ରଭାବିତ ହୁଏ। ତା ଛଡ଼ା ସେ ମୃତ୍ୟୁର ଅଧୀନ ନୁହଁନ୍ତି। କୌଣସି ଅଭିଶାପ ଦ୍ୱାରା ମଧ କବଳିତ ନୁହଁନ୍ତି। କିନ୍ତୁ ତାଙ୍କର ସୃଷ୍ଟିର ନିୟମରେ ପରିବର୍ତ୍ତନ ଅବଶ୍ୟମ୍ଭାବୀ। ସେ ସଂସାରରୂପକ ପଙ୍କରୁ ଆମକୁ ଉଦ୍ଧାର କରିବା ପାଇଁ ହାତଧରି ବାହାର କରି ଆଣିବା ପାଇଁ ଚେଷ୍ଟା କରନ୍ତି। ସ୍ୱଳ୍ପ କେତେକ ତାଙ୍କର ହାତ ଧରି ତାଙ୍କର ଉଦ୍ଧାର ପାଆନ୍ତି କିନ୍ତୁ କେତେକ ଷଡ଼ରିପୁ (କାମ, କ୍ରୋଧ, ଲୋକ, ମଦ, ମାତ୍ସର୍ଯ୍ୟ) ଦ୍ୱାରା ପ୍ରଭାବିତ ହୋଇ ସେ ବଢ଼ାଇଥିବା ହାତକୁ ଧରନ୍ତି ନାହିଁ। ଏପରି ହୋଇଥାଏ ମଣିଷର ଗର୍ବ ପାଇଁ ଭଗବାନ ମଣିଷକୁ ଛାଡ଼ି କେଉଁ ଆଡ଼େ ଚାଲିଯାଆନ୍ତି ନାହିଁ। କାରଣ ସେ ଆମକୁ ପ୍ରେମ କରିବାକୁ ଓ ସମସ୍ତଙ୍କୁ ସେବା କରିବାକୁ ନିର୍ଦ୍ଦେଶ ଦେଇଥାନ୍ତି। ତେଣୁ ସେ ସମସ୍ତଙ୍କ ପାଇଁ ଏହି ପୃଥିବୀରେ ସମାଧି ରୂପରେ ପ୍ରେମର ସ୍ୱରୂପ ଭାବରେ ଅବସ୍ଥାନ କରୁଥିଲେ, କରୁଛନ୍ତି ଓ ଭବିଷ୍ୟତରେ କରୁଥିବେ ମଧ।


+ଅବସରପ୍ରାପ୍ତ ପ୍ରଧାପିକା,
ସିଡିଏ, କଟକ,
ଦୂରଭାଷ : ୯୮୬୧୧୧୮୬୭୩





### ଜୀବନ


ସୁନନ୍ଦା ମହାନ୍ତି




ଜୀବନ ଏକ ନାଟକ ଏଠି
ସକାଳୁ ସଞ୍ଜ ହୁଏ
ବିରତି ନାହିଁ ମାଗେ ଅସ୍ତିତ୍ୱ
ମଶାଣୀ ଯିବା ଯାଏଁ
ଜଞ୍ଜାଳ ଭରା ସାଗର ସେତ
ଢ଼େଉରେ ପାଦ ରଖି
ମଣି ମୁକ୍ତା ଖୋଜୁଛି କିଏ
ଗାଉଛି ରାଗ ଚୋଖି
ଜୀବନ ଏକ ଋତୁ ଫାଲଗୁନୀ
ମଲ୍‌ହାର ତୋଳେ କିଏ
ମନୋଇ ନଈ ଜୁଆର ନାହିଁ
ଭଟ୍ଟା ଆସିବ କାହିଁ
ଜୀବନ କେବେ ଅସ୍ତରାଗ
ମାରୁଦ୍ୟାନ କାକଟସ
ଜୀବନ କେବେ ବିଧୁରା ସ୍ୱପ୍ନ
ଅନେକ ଅଟ୍ଟହାସ୍ୟ
ଜୀବନ ଏକ ଫୁଲ ଅଞ୍ଜଳି
ଆଞ୍ଜୁଳେ ଅନୁକୂଳ
ଜୀବନ ଯାକ କେତେ ଦୋଛକି
ନଥାଏ ଥଳକୂଳ
ଜୀବନର କେତେ ପ୍ରତିଛବି
ପାଇବାକୁ ମୁଠେ ପଖାଳ
ସ୍ୱୟଂ ଭିତରେ ଅଂହର ଭାବ
କାଢ଼ି କୁଢ଼ କୁଢ଼ ଚଞ୍ଚଳ
ସେ ଚକା ଆଖି ଭିତରେ ଦେଖ
ଅମୃତ ଢାଳେ ଜଳ
ଜୀବନ ମାନେ ଅଢେଇ ଦିନ
ପଦ୍ମ ପତରେ ଢ଼ଳ ଢ଼ଳ


♥ସାକ୍ଷୀଗୋପାଳ, ପୁରୀ
୭୦୦୮୯୪୨୨୧୫


### ପ୍ରତିଭା ଆବିଷ୍କାର


ପ୍ରଦୀପ୍ତ ଆଚାର୍ଯ୍ୟ




ଜୀବଦଶା ମଧ୍ୟେ, ସମସ୍ତ କାର୍ଯ୍ୟକୁ,
ଆୟତ ସମ୍ଭବ ନୁହେଁ,
ସବୁକାର୍ଯ୍ୟେ ଦକ୍ଷ, ଚିନ୍ତନ କରିବା,
ଜ୍ଞାନୀଙ୍କର କାର୍ଯ୍ୟ ନୁହେଁ।
ସଭିଙ୍କ ମଧ୍ୟରେ, ପ୍ରତିଭାଟି କିନ୍ତୁ,
ସୁପ୍ତ ଅବସ୍ଥାରେ ଥାଏ,
ଚେଷ୍ଟା ନିଷ୍ଠା ଆଉ, ପରିଶ୍ରମ ବଳେ,
ସାର୍ଥକତା ପ୍ରାପ୍ତି ହୁଏ।
ନିଜ ପ୍ରତିଭାକୁ, ଚିହ୍ନିବାର କାର୍ଯ୍ୟ,
ସବୁଠାରୁ ବଡ କଥା,
ଅଯଥାରେ ଆମେ, ଅନ୍ୟର କାର୍ଯ୍ୟରେ,
ପୁରାଇବା ନାହିଁ ମଥା।
ଈଶ୍ୱର ଚିନ୍ତନ, କରି ସଦା ଧ୍ୟାନ,
ନିଜ କର୍ମେ ଲାଗିଯିବା,
ସଭିଙ୍କ ଖୁସିରେ, ଖୁସି ହୋଇ ଆମେ,
ଶାନ୍ତିରେ କାଳ କାଟିବା।


♥ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ଈଶାଣୀବ୍ରହ୍ମପୁର,କଟକ
ମୋ-୬୩୭୧୫୯୩୨୨୦


### ନାରୀ


ମାମା ସାହୁ




ନାରୀ ର ଜନମ ନୁହଇଁ ସହଜ
କୁଟିଳ ସମାଜ ସହ,
ଜନମ ରୁ ମୃତ୍ୟ ସହଇ ସେ ସବୁ
ମନେ ଚାପି ସବୁ କୋହ ।
କୁଁଆ କୁଁଆ କରି ଜନମ ହୁଏ ସେ
ଦୁଃଖିନୀ ର ଭାଗ୍ୟ ନେଇ,
ଜାଣିବା ଆଗରୁ ଆଖି ବୁଜିଦିଏ
ସବୁ ଦୁଃଖ ସୀମା ଡେଇଁ ।
ସମାଜ ଆଖିରେ ହୁଏ ସିଏ ବୋଝ
ବଡ ହୁଏ କଷ୍ଟ ପାଇ,
ନିନ୍ଦା ଅପବାଦ ସବୁ ସହି ଯାଏ
ସଭିଙ୍କୁ ଆଦରି ନେଇ ।
ଲକ୍ଷ୍ମୀରୂପ ନେଇ ଦୁନିଆ କୁ ଆସେ
କୂଳର ଦୁହିତା ହୋଇ ,
ସେଇ ଲକ୍ଷ୍ମୀ ପୁଣି ବୋଝ ହୋଇଯାଏ
ସମାଜ ସାଥିରେ ରହି ।
ପ୍ରତିମାସେ ପୁଣି ପାଏ ସିଏ କଷ୍ଟ
ଘର କୋଣେ ପଡ଼ିରହି,
ସଂସାର କୁ ଧରି ଆଗେଇ ଚାଲେ ସେ
ଲୁହ କୁ ତ ସାଥୀ କରି ।
ମନରେ ଅନେକ ସପନ ସଜେଇ
ଶାଶୁଘର ଚାଲିଯାଏ,
ଅଚିହ୍ନା ଅଜଣା ଲୋକଙ୍କୁ ନିଜର
ସାଥୀ ରୂପେ ବାଛିଥାଏ ।
ସଭିଙ୍କୁ ଆଦରି ସେବା କରିଚାଲେ
ନିଜଠୁ ରହି ସେ ଦୂରେ,
କେବେ ମା କେବେ ଭଗିନୀ ହୋଇ ସେ
ବାନ୍ଧି ରଖେ ସ୍ନେହ ଡୋରେ ।


♥ଇନ୍ଦିପୁର , ଢେଙ୍କାନାଳ
ମୋ: ୮୨୪୯୦୬୯୬୦୪


### ଆଜିର ଗାଁ


ଲୋକନାଥ ମହାପାତ୍ର




ସରଳତା କର୍ମଠତାର ଆଦର୍ଶ ଥିଲା ଆମରି ଗାଁ
ଧୈର୍ଯ୍ୟ ଓ ସହିଷ୍ଣୁତାର ଆଧାର ଥିଲା ଆମରି ଗାଁ
ସେ ଗ୍ରାମ୍ୟ ସଂସ୍କୃତି କୁଆଡେ ଗଲାଣି ତ ହଜି
ନଗର ସଂସ୍କୃତିର ପ୍ରଭାବରେ ଗାଁ ବଦଳି ଯାଇଛି
ଶଠତା କର୍ମ ବିମୁଖତା ଗ୍ରାମକୁ କରିଛି ଗ୍ରାସ
ନଗର ସଂସ୍କୃତିର ପ୍ରଭାବ ଗ୍ରାମକୁ କରୁଛି ନାଶ
ସହରର ଚାକଚକ୍ୟରେ ଗାଁ ହୋଇଛି ଅନ୍ଧ
ରାଜନୀତିର ପଶାପାଲିରେ ଗାଁ ହୋଇଛି ଅଶାନ୍ତ
ଶାନ୍ତିପ୍ରିୟ ଗ୍ରାମବାସୀ ମନରୁ ଶାନ୍ତି ଯାଇଛି ହଜି
ଯେବେଠୁ ଗାଁରେ ପ୍ରବେଶିଛି କଳୁଷିତ ରାଜନୀତି
ଗାଁରୁ ଶୁଭୁନି ଆଉ ଦାସକାଠିଆ ପାଲାର ସଙ୍ଗୀତ
ସଞ୍ଜରେ ଭାଗବତଟୁଙ୍ଗୀରୁ ଶୁଭୁନି ଗୀତା ଭାଗବତ
ଆଜି ଆଉ ଢ଼ିଙ୍କିଶାଳାର ଧାନକୁଟା ଶବ୍ଦ ଶୁଭେନା
ଗାଁ ଦାଣ୍ଡରେ ଆଜି ଆଉ ଶଗଡ଼ ଶୋଭା ପାଏନା
ସତରେ ଆଜି କେତେ ବଦଳି ଯାଇଛି ଆମ ଗାଁ !


♥ ଗୋଲାପଲ୍ଲୀ ସାହି, ବ୍ରହ୍ମପୁର


### ପ୍ରିୟା ମୋ ରହିଛି ନଈ ସେପାରି


ଜୟନ୍ତ କୁମାର ମଲ୍ଲିକ୍




ପ୍ରିୟା ମୋ ରହିଛି ନଈ ସେପରି
ଦେଖି ପାରୁନାହିଁ ହେଉଛି ଝୁରି ।
ରାତି ଦିନ ତାହା କଥା ଭାବୁଛି
ମନେ ମନେ ମୁଁ କେତେ ଖୋଜୁଛି।
ନଈ ପାଖରେ ତ ନାଉରୀ ନାହିଁ
କେମିତି ଯିବିରେ ତା' ପାଶେ ମୁହିଁ ।
ସବୁବେଳେ ସିଏ ଫୋଅନ କରେ
ଉତ୍ତର ନଦେଲେ ଲୁହ ତା' ଝରେ ।
ଯିବି ଯିବି ବୋଲି ଯାଇ ପାରୁନି
ଡଙ୍ଗାର ନାଉରୀ ଖୋଜି ପାଉନି ।
ଭାବୁଛି ତା'ପାଇଁ ନାଉରୀ ହେବି
ଡଙ୍ଗା ନେଇ ଦିନେ ତା' ପାଶେ ଯିବି।
ମୋତେ ଦେଖି ସିଏ ଖୁସି ହୋଇବ
ଯେତେ ଦୁଃଖ ଥିବ ପାସୋରି ଯିବ ।
ତା' ପାଶେ ରହିବି ଗୋଟିଏ ରାତି
ଫେରି ମୁଁ ଆସିଲେ ଝୁରିବ ନିତି ।


♥ଶୂରଡିହ,ନନ୍ଦିପୁର, ଯାଜପୁର
ମୋ: ୯୪୩୭୮୬୫୭୨୭

## ରଙ୍ଗର ଋତୁଟିଏ
### ଶରତ କୁମାର ଦାସ



ରଙ୍ଗର ଋତୁଟିଏ ଆସିଛି ବୋଲିତ
କେଉଁ ଏକ ଚିତ୍ରିତ ସକାଳର ମୋହରେ
ପକ୍ଷୀମାନେ ଆନମନା,
ସବୁଜ ଗୃହରେ କେତେ କୋଳାହଳ
ଚକମକ ଲାଗେ ସମୁଦ୍ର ତଟ
ପାହାଡ ପର୍ବତ ଆଉ ବୃକ୍ଷଲତା ।

ଆହାତ ସ୍ୱରରେ ଖେଳେ ଖୁସିର ଗୁଂଜନ
କ୍ଷତବିକ୍ଷତ ଆତ୍ମରେ ସଂଚରିଯାଏ
କୋଟି ଫଗୁଣର ମାଦକତା
ଶିଳାର ବକ୍ଷରେ ଆଙ୍କିହୋଇଯାଏ ଚିତ୍ର
ରଙ୍ଗାୟିତ ହୁଏ ଇତିହାସର ପ୍ରଲମ୍ବିତ ଫର୍ଦ୍ଦ ।

ରଙ୍ଗର ଋତୁଟିଏ ଆସିଛି ବୋଲିତ
ନଇଁ ଆସେ ନୀଳଜହ୍ନ ଆକାଶ ଛାତିରୁ
ନେସି ଦିଏ ନୀଳ ନୀଳ ଜ୍ୟୋସ୍ନା

କଖାରୁ ଡଙ୍କ ଭଳି ଡଙ୍କେଇଯାଇଥିବା
ମୋ' ତମାମ୍ ଆୟୁଷରେ ।

ସତେଜ ହୁଏ ମୋ' ସକଳ ଲୋମକୂପ
ଅସ୍ତିତ୍ୱ ମୁଁ ଖୋଜିପାଏ କ୍ଷଣିକରେ
ଗୁରୁଣ୍ଡି ଗୁରୁଣ୍ଡି ଅନ୍ଧାରରେ ବାଟ ଖୋଜେ
ନିଜକୁ ପଚାରେ ସଂଭ୍ରମେ
ମୁଁ କ'ଣ ସେଇ ଅତୀତ ନା ଅନ୍ୟ କିଛି !

ଝରିପଡେ ବିଶ୍ୱାସର ସାତରଙ୍ଗ
ଭିଜିଯାଏ ମୋ' ସକଳ ସତ୍ତା ଅନାୟସରେ
ଚଳପ୍ରଚଳ ହୁଅନ୍ତି ଇଚ୍ଛାମାନେ ଯନ୍ତ୍ରବତ୍
ହାଡ-ମାଂସ-ରକ୍ତର ସନ୍ଧିରେ ।

ନୀଳକଇଁ ଆମନ୍ତ୍ରଣ କରେ ବାର୍ ବାର୍
ମଳୟ ଚିଟାଉ ଲେଖେ କୋଇଲି କୁହୁରେ
ଡେଣା ଫଡ୍ ଫଡ୍ କରେ ସମୟ
ସାତରଙ୍ଗ ସ୍ୱତଃ ଲାଗିଯାଏ
ମୋ' ବିକ୍ଷିପ୍ତ ପ୍ରାଣରେ
ଝଲମଲ ହୁଏ ଦେହର ଦେହଳି ।

ମୁଁ ଆଉ ମୋ' ଭିତରେ ନଥାଏ
ସୀମା ସରହଦ୍ ଡେଇଁ ଧାଇଁଯାଏ
କୋଉ ଅଗନା ଅଗନି ବନସ୍ତ
ଘରଟିଏ ତୋଳିଦିଏ ଲବଙ୍ଗଦ୍ୱୀପରେ ।

ନାଚେ ଗାଏ ହସେ ଖେଳେ ଜହ୍ନ ସହ
ଧୂଳିର ଧୂମାଳ ଦେଇ ଧସେଇ ପଶେ
ରଙ୍ଗର ମଧୁର ବାସ୍ନା ନୀରବରେ
ବନ୍ଧାପଡେ ମୋ' ବେଫିକର୍ ମନ
ସତରେ, କେତେ ରଙ୍ଗିନ ଏ ରଙ୍ଗର ଋତୁଟିଏ ।


♥ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ: ୮୨୪୯୧୩୭୦୯୧


## ଚନ୍ଦ୍ରକଳା
### ସ୍ନିଗ୍ଧା ନାୟକ



ଆଗୋ ଚନ୍ଦ୍ରକଳା ରୂପସୀ ଅବଳା
ମନେଇ ମନର ଜହ୍ନ...
ଭୁଲିଗଲୁ ମୋତେ ଭୁଲି ଗଲୁ କିସେ
ହଜିଥିବା ପିଲାଦିନ...

ମନେପଡ଼େ ଦିନେ ସହକାର ତଳେ
ବସିଥିଲେ ଦୁଇଜଣ...
ଦେଖିଥିଲା ସେହି କୁଆଁର ପୁନେଇଁ
ସାକ୍ଷୀ ସେହି ମଧୁବନ...

ଚମ୍ପକ ବରନା ସୁନୀଳ ନୟନା,
ତୋ ମୁହଁକୁ ଦେଲେ ଚାହିଁ,
ଥୋପାଥୋପା ଝାଳ ମୋ ଦେହ,
ଅଗଣାରୁ ସରମେ ଯାଉଛି ବୋହି,

ଭାବେ ମନେମନେ ଭୁଲିଯିବି ବୋଲି
ପାରେନା ମନ ଭୁଲେଇ...
ମରମ ଘାରୁଛି ହୃଦୟ ଚିରୁଛି
ତୋ ଓଠରସେ କଳାଜାଇ

ତୋ କେଶ ବିନ୍ୟାସ କରୁଛି ବିଭୋର
ଉପମା କିଦେବି ତୋତେ...
ତୋ ବଧୂଲି ଓଠର ମିଠା ଶିହରଣ
ଭିଜାଇ ରଖିଛି ମୋତେ...

ତୋ ପ୍ରେମ ଜ୍ୟାମିତିକକ୍ଷେ, ଦିନରାତି
ଉଜାଗରେ ଦୀପଜାଳି...
ତୋ ଘନ କୁନ୍ତଳ ତରଙ୍ଗ ଉତ୍ତାଳ
ମରମ ଦେଉଛି ଦଳି...

କଳ୍ପନା ବେଳାର ରାଜହଂସି ତୁଲୋ
ଅଭିସାରିକା ଚପଳା...
ପୁନେଇଁ ରାତିର ପୂର୍ଣ୍ଣଚନ୍ଦ୍ରମା ତୁ
ଚାରୁହାସି ଚନ୍ଦ୍ରକଳା...

ତୋ ଦେହ ଭୂଗୋଳ କରୁଛି ପାଗଳ
ଭାବନାର କୂଳ ଡେଇଁ...
ତୁ ଚାଲିଗଲେ କଥା ସରିଯିବ,
ଆଗୋ ଚନ୍ଦ୍ରକଳା କେମିତି ବଞ୍ଚିବି ମୁହିଁ,
କେମିତି ବଞ୍ଚିବି ମୁହିଁ ??


♥ ଅଧ୍ୟାପିକା ଓଡ଼ିଆ ବିଭାଗ ଚିତ୍ରୋତ୍ପଳା
ମହିଳା ମହାବିଦ୍ୟାଳୟ କେନ୍ଦ୍ରାପଡ଼ା
ମୋ: ୭୦୦୮୯୨୪୩୨୯


## ତୁମେ ବଦଳିଛ
### ଆନନ୍ଦ କୁମାର ମାଇତି



ଜାଣିଛ !
ତୁମ ଜନ୍ମ ଦିନରେ ହିଁ ପ୍ରକୃତିର ଜନ୍ମ ଘଟିଥିଲା ।
ତୁମକୁ ଗଛ ଛାଇ ପରସୁ ଥିଲା ସେତେବେଳେ,
ଆଉ ଖାଦ୍ୟ ସଂଗ୍ରହର ଗୁରୁତ୍ୱ ସୂଚନା ବି ଦେଇଥିଲା
ପତ୍ର ଚେର ଆଉ ନିବିଡ଼ ପ୍ରେମର
ଗୋପନ ତାଗିଦ୍‌ରେ ।
ସେଇଠୁ ତୁମ ମାଙ୍କ ସ୍ତନରେ କ୍ଷୀର ଆସିଥିଲା
କେବଳ ତୁମ ପାଇଁ ବାଳିକା
ତୁମର ଥିଲା ଅମାପ କ୍ଷୁଧା ।
ତା ପରେ କିଶୋରୀରୁ ରମଣୀ ହେଇଛ ଏବେ ଏବେ ।
ଏଠି କୋଉଠି କୋଉଠି ତୁମ ସ୍ୱପ୍ନରେ
ଆବେଗର ଉଦ୍ଧତ ମାଛ ସବୁ ଧୀବରର ଜାଲ ଛିଣ୍ଡୁଛି ବାରମ୍ବାର
ତୁମେ ସେଇ ନଈର ଅନବିଞ୍ଚା ମାଛ ନୁହେଁ ତ ?
ପୁଣି ଆଶ୍ଚର୍ଯ୍ୟ ଦୃଶ୍ୟ ଦେଖିବାକୁ ମିଳେ
ସେଦିନ ବିସ୍ମିତ ଥିଲା ଚାହାଁଣୀରେ
ସୁଅରେ ଭାସିଯାଉଥିଲା ବିସ୍ମୟ ସବୁ ସଂସାର ନଦୀ ଗର୍ଭରୁ
ଜଂଜାଳର କିନାରାକୁ, ସୁଖ ଭୋଗର ଅଭିଷେକେ ।
ତୁମ ଜନ୍ମ ଉତ୍ସବରୁ ଶୂନ୍ୟ ହାତରେ ଫେରି ଆସିଛି
ତୁମେ ଶୂନ୍ୟ ଥିଲ,
ପୃଥିବୀର ବିଷୟ ଆଶୟ
ତୁମ ନିର୍ଜନ ଭାଷା, ଉନ୍ନତ ରୂପ କଥା
ସବୁରେ ତୁମେ ଥିଲ ଅନୁପୁରକ ।
ସେଇ ରୂପକଥା ଯେ ଆଜି ଜନ୍ମ ନେଇଛି
ତୁମ ଦେହରେ, ବକ୍ଷରେ, କଟିରେ, ଜାନୁରେ, ନାଭିରେ
ଆଉ ତୁମ ଛଳ ଛଳ କାମୁକ ଆଖିରେ ।


♥ ଏରସମା, ଜଗତସିଂହପୁର
ମୋ: ୯୪୩୯୦୭୭୩୯୫


## ନିରବତା
### ପଦ୍ମାଳୟା ସାମଲ



ନିରବତାର ମଧ ଶବ୍ଦ ଅଛି
ସରଳ ସ୍ଥିର ଉର୍ଦ୍ଧ୍ୱଗାମୀ
ଏବଂ ବହୁତ କିଛି କହିବାକୁ ତତ୍ପର,
ଯାହାକୁ ବୁଝିହେବନି
କି ବୁଝେଇହେବନି,
ହୁଏତ କେବଳ ଅନୁଭବ କରାଯାଇପାରେ ।

ଆମ ଲୌକିକ ଜଗତ ବାହାରେ
ଏମିତିସବୁ ଘଟଣାମାନ
ଘଟିବାରେ ଲାଗିଥାଏ
ସେଇ ଜଗତ ସମ୍ପର୍କରେ
ଆଦିମ କାଳରୁ ମୁନିଋଷିମାନେ
ଜାଣିବା ଓ ଜଣେଇବା ପାଇଁ
ସତତ ସାଧନାରତ ନିରବରେ ।

ନିହାଣ ଓ ମୁଗୁରର ମୃଦୁ ଆଘାତରେ
ପଥରର ସ୍ଥାପତ୍ୟରେ
ନିରବତାର ଭାଷା
ଫୁଟିଉଠେ ନାରୀର ଓଠଫାଙ୍କରୁ,
ହସର ମାନଚିତ୍ରରେ ନିରବତା
ସଜେଇଦିଏ ନାରୀର ସାବଜା ମନକୁ
ବିଚିତ୍ର ରଙ୍ଗ, ରସ ଓ ଛନ୍ଦରେ ।

ନିରବତା ହଠାତ ଚମକିଯାଏ
କବିର କଲମ ମୂନରେ ଆୟୁଷ୍ମାନ ହେବାକୁ ।
ଶବ୍ଦମାନେ ନିରବତାକୁ ଆଲିଙ୍ଗି ନିଅନ୍ତି
ପୁଷମାସର ନିରୋଳା ଜହ୍ନରାତିରେ
ସୁନା ସୋରିଷିଆ ଧାନକ୍ଷେତକୁ
କାକର ବିନ୍ଦୁର ଚୁମ୍ବନ ପରି ।

କେଜାଣି ଅବୁଝା କଢଟେ
ଶବ୍ଦର ସଂକ୍ରମଣରୁ ମୁକୁଳି
ନିରବତାରେ ହିଁ ଫୁଟି ବାସ୍ନା ବିଂଚିବାକୁ
ଖୁବ ପସନ୍ଦ କରେ ଜୀଇଁଥିବା ଯାଏ ।
ଆକାଶ ବି କୋଳେଇ ନିଏ
ଅସୀମତାର ରୋଷଣି ଜାଳି
ନିରବତାରେ ହସୁଥିବା ରଙ୍ଗବେରଙ୍ଗର
ତାରାଫୁଲଙ୍କୁ,
ସମୁଦ୍ର ବି
ଫେରେଇ ଦିଏ କୂଳକୁ
ଶବ୍ଦର ସହରରେ ଛଟପଟ ହେଉଥିବା
ନିରବତାର ଶାମୁକା, ଶଙ୍ଖ ଓ ସ୍ୱପ୍ନମାନଙ୍କୁ ।

ତମେ ଧରାଛୁଆଁ ଦିଅନାହିଁ
କୌଣସି ଶବ୍ଦରେ
ତମେ କିନ୍ତୁ ସବୁଠି ସବୁବେଳେ ଅଛ
ଏପରି ଘନିଷ୍ଠ ଭାବରେ ଯେ
ବିଶ୍ୱାସ ହୁଏନା ତମେ ଅଛ ବୋଲି
ମୋର ଏତେ ନିକଟରେ, ନିରବରେ
ମୁଁ ତମକୁ ଜମା ଚିହ୍ନି ପାରେନାହିଁ
ମୋର ଅଳ୍ପାୟୁଷ ଅନ୍ଧ ବିଶ୍ୱାସରେ ।


♥ ୧୮୦୮/୨୭୫୧,
ବାରବାରି, ଖଣ୍ଡଗିରି,
ଭୁବନେଶ୍ୱର- ୭୫୧୦୩୦
ମୋ - ୭୦୦୮୩୪୮୧୭୨


## ବାରୁଣୀ ସ୍ନାନ
### ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ



ଐତିହାସିକ ଦଶାଶ୍ୱମେଧ ଘାଟ ଅଛି ଯାଜପୁରେ
ବାରୁଣୀ ସ୍ନାନ କରନ୍ତି ଲୋକେ ତହିଁ ଭକତି ଭରେ,
ବୈତରଣୀର ପବିତ୍ର ଜଳେ ପାପ ଧୋଇବା ପାଇଁ
ଦେଶ ବିଦେଶୁ ଅସଂଖ୍ୟ ଭକ୍ତ ସେଠି ମିଳନ୍ତି ଯାଇଁ,
ଦୁଃଖ ସୁଖଯେ ଯାଏ ଉଭେଇ ମିଳେ ଅଶେଷ ପୁଣ୍ୟ
ପିତୃପୁରୁଷ ଲଭନ୍ତି ମୋକ୍ଷ କରିଲେ ପିଣ୍ଡଦାନ,
ବାରୁଣୀ ସ୍ନାନ ଓଡ଼ିଶା କୁମ୍ଭ ନାମରେ ଅଟେ ଖ୍ୟାତ
ଯେଉଁ କ୍ଷେତ୍ରର ନର ନାରୀଙ୍କୁ ସାହା ବିରଜା ମାତ,
ବ୍ରହ୍ମା ଆଦେଶେ ବୈତରଣୀ ଯେ ଉତ୍ତରେ ପ୍ରବାହିତ
ସିଦ୍ଧେଶ୍ୱରଙ୍କ ଶ୍ରୀପାଦ ସଦା କରିଥାଏତ ଧୌତ,
ଯେଉଁଠି ପିଣ୍ଡ ଦେଲେ ବିଧ୍ୱଂସ ହୁଏ ଦଶଟି ପାପ
ଶୁଭାଶିଷରେ ବଦଳି ଯାଏ ସକଳ ଅଭିଶାପ,
ଜୀବନେ ଥରେ କର ସଭିଏଁ ଶୁଦ୍ଧ ବାରୁଣୀ ସ୍ନାନ
ଦୁର୍ଲ୍ଲଭ ନର ଜନମ ନିଷ୍ଚେ ହୋଇଯିବତ ଧନ୍ୟ ।


♥ କଣ୍ଟାବଣିଆ/ଛତ୍ରପଡ଼ା/
ପ୍ରୀତିପୁର/ଯାଜପୁର
ପିନ୍- ୭୫୫୦୧୩/
ମୋ -୯୪୩୭୮୫୪୧୭୫/
୮୫୯୪୮୮୫୮୯୮


## ପ୍ରଭୂ ତୁମ ନାଁ କଣ ?...
### ଡୁଇଟ୍ ଡେଭିଡ ଫିଲିପ



ପିଲାଙ୍କୁ ଦିଅନ୍ତି ବାପା, ମାଁ, ଅଭିଭାବକ ନାଁ
ଆମେ ବାହାରିଛୁ ହୋଇ ଗଣ୍ଡଗୋଳ, ତୁମକୁ ଦେବାକୁ ନାଁ

ଦିନ, ନିଷ୍ପେସିତ ଆତୁରେ ଡାକନ୍ତି ତୁମେ ମୋ ବାପା, ମାଁ
ବଧିର ପାଇଁ ନାହିଁ କିଛି ତାଙ୍କ ନାଁ ଦେଖତ
ଶିକ୍ଷିତର ଜିଦ୍ ଓଁ, ଶ୍ରୀ, ପରମବ୍ରହ୍ମ, ସଦାପ୍ରଭୁ, ଆଲ୍ହା, ଜିହୋବା,
କେତେ କଣ ତାଙ୍କ ନାଁ

ପଢ଼ି କି ଜାଣିଲି, ନା ଶୁଣି କି ଜାଣିଲି, ନା ଅନୁଭୂତି ଯେ କହି ପାରେନା,
କାହା ପାଇ ତୁମେ ଓଁ, ଶ୍ରୀ, ପରମ ବ୍ରହ୍ମ, କାହାପାଇଁ ଆଲ୍ହା, କାହାପାଇଁ
ଜିହୋବା,
ଆଉ କାହା ପାଇ କେତେ ତୁମ ନାଁ

ନିଜେ ନ ନିଭାଇ ଯେବେ ତୁମକୁ କରେ ପ୍ରଚାର
ଅପମାନେ ଲଜ୍ଜିତ ହୋଇ କେବେ କେବେ ହୁଏ ତିରସ୍କାର

ଯାହା ହେଉ ନାଁ,
ଇତିହାସ ପ୍ରମାଣ, ଆତ୍ମିକ ଗ୍ରନ୍ଥ ପ୍ରମାଣ, ଅନୁଭୂତି ପ୍ରମାଣ

ଏତିନିରେ ଥିଲେହେଁ, ସତ୍ୟ ପ୍ରମାଣ,
ଜିଦ୍ ନେବାକୁ ଅନ୍ୟ ନାଁ

ନିଜ ପରିତ୍ରାଣ, ମୋକ୍ଷ, ଜନ୍ନତ,
ନଜାଣି କରୁଛୁଁ ଅନେକ ଧର୍ମର ପ୍ରଚାର
ଠିକା ନ ପାଇ, ଠିକଣା ଦେଉଛୁ:
ହେ ପ୍ରଭୁ କ୍ଷମା ନ କରି କରିବ କି ଆମ ବିଚାର

ଭାରତ, ଯିହୁଦା, ଆରବ, ପାଶ୍ଚାତ୍ୟ
ଧରୁଛି ତୁମର ବିଭିନ୍ନ ନାମ,
ଧର୍ମ କହିଲେ ଅନେକଙ୍କୁ ଡର
ନାଁ ପ୍ରଚାର ସିନା, ଧର୍ମର ନାହିଁ ଆଚାର

ହେବୁ ସର୍ବେ ଏକ, ଦିଅ କିଛି ଅନ୍ୟ ସୂତ୍ର,
ଗ୍ରନ୍ଥ, ଇତିହାସ, ଅନୁଭୂତି, ପ୍ରମାଣ, ଦେଉନି କାମ,
ଅଶାନ୍ତି, ଅଶାନ୍ତି ସବୁଠି ବ୍ୟାପିଛି
'କ୍ଷମା' ଅଟେକି, ତୁମ ସବୁ ନାଁ 'ର ସାର ?


♥ ଲେହିରୀ ଥାନା, କାଟାପାର, ବିହାରଶରିଫ,
ନାଳନ୍ଦା, ବିହାର-୮୦୩୧୦୧
ମୋ:୯୪୩୭୧୦୪୩୦୩


## ଭୁଲି ପାରିବିନି କେବେ...
### ଆଦ୍ୟାଶା ମହାପାତ୍ର



ସେଇ ଜହ୍ନ ସେଇ ତାରା,ସକାଳ ସୁନେଲି ଖରା
ସେଇ ବର୍ଷା ସେଇ ତାତି,ଶୀତଳ ଜୋଛନା ରାତି
ଭୁଲି ନାହିଁ କେବେ ଭୁଲି ପାରିବିନି
ମୋ ଗାଆଁ ଭୂଇଁ ମାଟି ।
ସେଇ ଓଷା ସେଇ ବ୍ରତ, ସବୁଜ ସୁନ୍ଦର କ୍ଷେତ
ମୋ ଗାଆଁ ପାଣି ପବନ, ପକ୍ଷୀଙ୍କର ବୃନ୍ଦ ଗାନ
ଭୁଲିନାହିଁ କେବେ ଭୁଲି ପାରବିନି
ରହିଥିବି ଯେତେ ଦିନ ।
ସେଇ ବିଲ ସେଇ ତୋଟା,
ନଈକୂଳ ବାଲି ପଠା
ବାଗୁଡି ର କୋଳାହଳ, ମିଛ ରାଗ ରୁଷା ଗୋଳ
ଭୁଲି ନାହିଁ କେବେ ଭୁଲି ପାରିବିନି
ପିଲାଦିନ ସାଥୀ ମେଳ ।
ସେଇ ଗେହ୍ଲାଳିଆ ଡାକ, ବୋଉ ପଣତ ମହକ
ବାପାଙ୍କର ଉପଦେଶ, ଆତ୍ମୀୟତା ଭରା ହସ
ଭୁଲି ନାହିଁ କେବେ ଭୁଲି ପାରିବିନି
ମୋ ଗାଆଁ ବର୍ଣ୍ଣିଳ ବେଶ ।
ସେଇ ପୋଖରୀର ତୁଠ, ମନ୍ଦିର ପୁରାଣ ପାଠ
ଯୋଗୀ କେନ୍ଦରା ଲାଳିତ୍ୟ,
ଚକୁଳିଆ ପଣ୍ଡା ଗୀତ
ଭୁଲିନାହିଁ କେବେ ଭୁଲି ପାରିବିନି
ମୋ ଗାଆଁ ଉତ୍ସବ ଯାତ ।
ସେଇ ଅଯାଚିତ ସ୍ନେହ, ଜନ୍ମ ଭିଟାମାଟି ମୋହ
ବରଗଛ ମିଠା ଛାଇ, ଶ୍ରାବଣର ଭରା ନଈ
ଭୁଲିନାହିଁ କେବେ ଭୁଲି ପାରିବିନି
ଜଳିବା ଆଗରୁ ଜୁଇ ।


♥ ନୂଆପଡା,କଟକ


## ନାଉରୀ
### ସ୍ନିଗ୍ଧା ପଣ୍ଡା



ବହୁଛି ତ ନଈ, ପୂର୍ବରୁ ପଶ୍ଚିମ,
ଉତ୍ତର-ଦକ୍ଷିଣକୁ ବି ଛୁଇଁ
ସେ ନଈରେ ମୋର ଖାଲି ଅଛି ଭାସିବାର
କାଳ କାଳ ଯାଏଁ
ମୁଁ ଯେତେ ଚାହେଁ କି ନ ଚାହେଁ
ସରଜି କିଏ ସଜେଇ ଦେଉଛି ମତେ
କେବେ ବାଇଗବା ପତ୍ରର ଫୋଟକା ଭିତରେ
ପାଣିକାଦୁଅର ଛିଟିକା ଭିତରେ
କେବେ ବୃଥା ଅସ୍ମିତାରେ
କେବେ ଚନ୍ଦନ ତିଳକ ଚର୍ଚ୍ଚାରେ
ମୁଁ କାଳେ ନାଆଟିଏ ଖାଲି
ଏବଂ ନାଆଟିଏରୁ ଭିନ୍ନ ନୁହେଁ ବୋଲି ?

ନାଆ ମଙ୍ଗ ସଳଖିଛି କେହି
ସାଜିଛି ନାଉରୀ ଜଣେ ସବୁ ଜାଣିବାର
କେବେ ଶୁଖିଲା ଏ ନଈ
ବାଲି ଆଉ ବାଲି
କେବେ ପୁଣି ଉଛୁଳିଛି ଫୁଲିଫୁଲି
ତେବେ ବି ସେ ବାହିଛି ତ ନାଆ
ଜଣା ନାହିଁ କୁଆଡକୁ ନାଁ ଆଉ ଗାଁ
ପଚାରିବି କିଆଁ ?
ନଈ, ନାଆ ଆଉ ନାଉରୀ
ସବୁଦିନ ଯୋଡି ହୋଇଥିବ
ନାଆ ଯଦି ଯୁଝି ବସେ ନଈ ସହ,
ଅକାତକାତ ପାଣି ସହ
ଭଉଁରୀ ସହ,
ସେ ତ ନାଉରୀ ଇଚ୍ଛାରେ
ଆଗକୁ ଯିବ କି ପଛକୁ ଫେରିବ
କୂଳରେ ରହିବ ବନ୍ଧା କି ପାଣିରେ ଘୂରିବ ?

ଏମିତି ହିଁ ନାଆଟିଏ ମୁଁ ଯେ
ଦେଖିନାହିଁ ନାଉରୀର ମୁହଁ କେଉଁ ଦିନ
ଅଥଚ ସେ ନିଆଉଛି ମତେ
କେବେ ଯଦି ପ୍ରତ୍ୟୟ ଆଣୁଛି,
ଟିକେ ପରେ ତାକୁ ହିଁ ଭାଙ୍ଗୁଛି
କାତ କି ଆହୁଲା ନାହିଁ
ଅଥଚ ସେ ମଙ୍ଗ ବାଗେଇଛି
ଅଦୃଶ୍ୟ ନାଉରୀ ପୁଅ,
ଅଦୃଷ୍ଟ ସମୟ
କିଏ ଜାଣେ କେତେ କାଳ ଆଉ
ଭାସିବ ଏ ନାଆ ଦେହ !!


♥ ସାଗରିକା ଏନ୍‌କ୍ଲେଭ,
ଗଣ୍ଡାମୁଣ୍ଡା, ଭୁବନେଶ୍ୱର-୭୫୧୦୩୦
ମୋ: ୯୮୬୧୩୨୩୬୫୦


## ସଞ୍ଜ
### ରୋହିତ ସେଠୀ



ବାରୁଣୀ ଗଗନେ ଅସ୍ତମିତ ରବି
କି ସୁନ୍ଦର ଦେଖ ପ୍ରକୃତିର ଛବି ।

ଦଳଦଳ ପକ୍ଷୀ ଆକାଶ ମାର୍ଗରେ
ନୀଡ଼କୁ ଫେରନ୍ତି ଆନନ୍ଦ ମନରେ ।

ଗଉଡ଼ ଭାଇର ବେତ ଇସାରାରେ
ଅଙ୍କାବଙ୍କା ପଥେ ଗୋରୁପଲ ଫେରେ ।

ଶ୍ରମ ସାରି ନିଜ ଗୃହ ଅଭିମୁଖେ
ସଞ୍ଜକୁ ବାହୁଡ଼େ ଶ୍ରମିକଟି ସୁଖେ ।

ଗ୍ରାମ ଦେବାଳୟେ ଶୁଭେ ଘଣ୍ଟ ଧ୍ୱନି
ଆଳତୀର ମନ୍ତ୍ରେ କମ୍ପୁଛି ମେଦିନୀ ।

କୁଳବଧୂ ମାଥେ ଓଢଣା ପକେଇ
ବୃନ୍ଦାବତୀ ପାଶେ ପ୍ରଦୀପ ଜାଳଇ ।

ରାତିକୁ ସ୍ୱାଗତ କରେ ସନ୍ଧ୍ୟାରାଣୀ
ଆକାଶେ ଝଲସେ ତାରକା ରୋଷଣି ।

ରମଣୀୟ ଦୃଶ୍ୟ ପ୍ରକୃତି କୋଳରେ
ଧନ୍ୟ ହେ ବିଧାତା ତୁମରି ସୃଷ୍ଟିରେ ।


♥ ଖଜୁରୀପଡ଼ା, କନ୍ଧମାଳ
ମୋ: ୭୭୩୫୨୧୪୩୭୯


## ଈଶ୍ୱରଙ୍କ ଦୁନିଆ
### ସୁଧାଂଶୁ ଶେଖର ଦ୍ୱିବେଦୀ



ଯେବେ ଯେବେ ଯୁଦ୍ଧ ହେବ
ବଣ୍ଟାହେବ ମମତା
ବିଛିଡିଯିବ ସମ୍ପର୍କ
ପ୍ରତିରୋଧ କରି ପାରିବେନି ଈଶ୍ୱର ।

ମଝି ଦରିଆରେ ଏବେ
ବେଦ, ବାଇବେଲ ଓ କୋରାନ
ନା ସଂସାର ଜାଣିଛି ଯୁଦ୍ଧ
ନା ଶାନ୍ତିର ଠିକଣା ?
ଅତ୍ୟାଚାରିତ, ପ୍ରତାଡିତ
ଘର ବେଘର ବାଟବଣା ।

ଯୁଦ୍ଧର ନାଦରେ ଧରା ଦୋହଲୁଛି
ଯନ୍ତ୍ରଣାକ୍ତ ହୃଦୟ କୋହରେ କାନ୍ଦୁଛି
ତଥାପି ଜୀବନର ମୋହ
ଆଶା ଆକାଂକ୍ଷାର ନୂଆ ଦୁନିଆ
ବାରୁଦ ଭିତରେ ନିଆଁ
ସଂକଟରେ ଏବେ ଈଶ୍ୱରଙ୍କ ଦୁନିଆ ।


♥ ବିସି-୭୪, ସଲଟ ଲେକ,
କଲକାତା-୬୪
ମୋ-୯୬୮୧୩୭୩୫୧୨


## ପାପ କରି ଖୋଜେ ସ୍ୱର୍ଗ
### ଗୌରୀ ମେହେର



ସୁବର୍ଣ୍ଣ ସୁଯୋଗ ଦେଇଥିଲ ପ୍ରଭୁ
ଉପଯୋଗ କଲି ନାହିଁ!!!!
ପାପର ସମୁଦ୍ରେ ଭାସୁଥିଲି କାଲି
ଆଜି ଖୋଜୁଛି ସ୍ୱର୍ଗ କାହିଁ ସ୍ୱର୍ଗ କାହିଁ??
କେବେ ଦିନେ ଭାବିଲିନି ଦୁନିଆର କଥା
ଅନ୍ୟକୁ କରିନି କେବେ ନିଜର!!!
ଶେଷକୁ ଆତ୍ମା ଯେତେ କାନ୍ଦିଲେ ବି
କେମିତି ଯିବି ମୁଁ ସ୍ୱର୍ଗ ଦୁଆରା।
ପାପକୁ କରିଥିଲି ମୋ ଜୀବନ ସାଥି
ମିଛ ଥିଲା ମୋର ସାହା!!!!
ଅନ୍ୟାୟ, ଅନିତି ଥିଲା ମୋ ସବୁଦିନ ପେଶା
କେମିତି ନିଜର ହୋଇବି କାହା।
ଯୌବନ ବେଳକୁ ପାପ କରି କରି
ଜୀବନକୁ ନର୍କ ଆଡେ ଦେଲି ଛନ୍ଦି!!!!!
ଜୀବନ ଦୀପ ମୋ ଲିଭିଲା ବେଳକୁ
ଏବେ ଆତ୍ମା ମୋର ଉଠେ କାନ୍ଦି।
ମନ ମୋ ଝୁରୁଛି, ସ୍ୱର୍ଗର ସୁଖକୁ
ଆତ୍ମା ଲୋଡେ ଟିକେ ଶାନ୍ତି!!!
ହେଲେ ମୋ ପାପର ଭାର ଏତେ ଓଜନ ଯେ
ସ୍ୱର୍ଗ ଝଲକ ଦେଖିବି ବା କେମିତି।
ପୁଣ୍ୟ କଲେ ସ୍ୱର୍ଗ, ପାପ କଲେ ନର୍କ
ଏ କଥା ମୁଁ ବୁଝିଲି ନାହିଁ!!
ପାପରେ ବୁଡି ଶେଷକୁ ଖୋଜୁଛି
ସ୍ୱର୍ଗ କାହିଁ ସ୍ୱର୍ଗ କାହିଁ?
ସ୍ୱର୍ଗ କାହିଁ ସ୍ୱର୍ଗ କାହିଁ?


♥ ଗମ୍ଭାରୀଗୁଡା, ନୂଆପଡା


## ଆସିଥିଲ କି ?
### କାକଳି ମହାପାତ୍ର



କ'ଣ ଆସିଥିଲ କି ?
ମୋ ସ୍ୱପ୍ନରେ ତୁମେ !
ଆମ ଆବର୍ତ୍ତମାନର ମେଞ୍ଚାଏ
ସ୍ମୃତିକୁ ଧରି !
ସ୍ପଷ୍ଟ ତ ଦେଖିନି
କିନ୍ତୁ,
ଦେଖିଛି ତ ନିଶ୍ଚୟ
ତୁମ ଛାଇକୁ କ'ଣ
କେବେ ଭୁଲି ପାରିବି କି ?

ହେଲେ,
ସନ୍ଦେହ ହେଉଛି !
ଯାଇଛ ଯେ ଯାଇଛ
କେବେ ବାସ୍ତବରେ ଆସିବା ତ ଦୂରରେ
କେବେ ସ୍ୱପ୍ନରେ ବି ଆସିନ ।

କେବେ ଫେରିବ !
ମୋର ଆଶା ନାହିଁ....
କିନ୍ତୁ, ଏମିତି ଅଦିନରେ
ଆସିଗଲ ସ୍ୱପ୍ନରେ
ଯେମିତି ମରୁଭୂମିରେ ଝଡ ଆସି
ବୁନ୍ଦେ ବର୍ଷା ପାଣି ଛିଞ୍ଚିଯାଏ
ସେମିତି ଅନୁଭବ ହେଲା ମୋତେ !


♥ ସାକ୍ଷୀଗୋପାଳ, ପୁରୀ
ମୋ: ୯୬୬୮୧୦୦୮୭୨

# ଓଡ଼ିଶା ଅବସରପ୍ରାପ୍ତ ଡ଼ିପ୍ଲୋମା ଇଞ୍ଜିନୟର୍ସ ସଂଘର ସାଧାରଣ ସମ୍ମେଳନ

ଭୁବନେଶ୍ୱର,୨୮/୦୩ (ନି.ପ୍ର): ଓଡ଼ିଶା ଅବସରପ୍ରାପ୍ତ ଡ଼ିପ୍ଲୋମା ଇଞ୍ଜିନ୍ୟର୍ସ ସଂଘର ବାର୍ଷିକ ଅଧିବେଶନ ସଂଘର ସଭାପତି ଲାୟନ ଇଂ. ବିପିନ ବିହାରୀ ନାୟକଙ୍କ ଅଧକ୍ଷତାରେ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନରେ ଅଭାବ ଅସୁବିଧା ସାଙ୍ଗକୁ ପ୍ରାକୃତିକ ଦୁର୍ବିପାକ ଏବଂ ସର୍ବୋପରି ମହାମାରୀ କରୋନା ରାଜ୍ୟକୁ ଆଉଟୁ ପାଉଟୁ କରିଛି, ଫଳରେ ରାଜ୍ୟ କୁଖ୍ୟାତି ଅର୍ଜନ କରିଛି। ଦରଦାମ ବୃଦ୍ଧି ଯୋଗୁ ମିଳୁନି ପର୍ଯ୍ୟାପ୍ତ କାମ। କାମ ନ ମିଳିବାରୁ ଶ୍ରମିକମାନେ ନିଜର ଜୀବିକା ହରାଇ ବସିଛନ୍ତି ଯାହାକୁ ନେଇ ସଂଘ ତରଫରୁ ଘୋର ଉଦ୍‌ବେଗ ପ୍ରକାଶ ପାଇଥିଲା ଏବଂ ମେହନତୀ ମଣିଷର ରୋଜଗାର ପାଇଁ ସରକାର ଆବଶ୍ୟକ ପଦକ୍ଷେପ ନେବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଥିଲା।

ଏହି ଅବସରରେ ୨୦୨୨-୨୩ ବର୍ଷ ପାଇଁ ସଂଘର ନୂତନ କର୍ମକର୍ତା ନିର୍ବଚାନ କରାଯାଇଥିଲା। ସଂଘର ନୂତନ ବର୍ଷର କର୍ମକର୍ତା ଭାବରେ ପୃଷ୍ଠପୋଷକ ସର୍ବଶ୍ରୀ ଇଂ ସାରଦା ପ୍ରସାଦ ମହାନ୍ତି, ଉପଦେଷ୍ଟା ଦର୍ପନାରାୟଣ ଦାସ, ସଭାପତି ଲାୟନ ଇଂ ବିପିନ ବିହାରୀ ନାୟକ, ଉପସଭାପତି ଶିବ ପ୍ରସାଦ ମିଶ୍ର, ସାଧାରଣ ସମ୍ପାଦକ ଡ଼ମ୍ବରୁଧର କବି, ଅର୍ଥ ସମ୍ପାଦକ ଶ୍ରୀକାନ୍ତ ମହାନ୍ତି, ସଂଗଠନ ସମ୍ପାଦକ ପ୍ରମୋଦ କୁମାର ମହାପାତ୍ର, ସଂଘ ମୁଖପତ୍ରର ସମ୍ପାଦକ ଭାବେ ପ୍ରଭାତ କୁମାର ମହାପାତ୍ର ଏବଂ ସହ ସମ୍ପାଦକ ଭାବେ ସମୀର ପାଣି ନିର୍ବାଚିତ ହୋଇଥିଲେ। ବିଭିନ୍ନ ଜିଲ୍ଲାର କର୍ମକର୍ତାମାନେ ଏଥିରେ ଉପସ୍ଥିତ ରହି ନବନିର୍ବାଚିତ ପ୍ରତିନିଧିମାନଙ୍କୁ ସମର୍ଥନ କରିଥଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର କୋଣ ଅନୁକୋଣରୁ ବହୁ ଅବସରପ୍ରାପ୍ତ ଇଞ୍ଜିନିୟର୍ସ ଓ ଜିଲ୍ଲା କର୍ମକର୍ତାମାନେ ଉପସ୍ଥିତ ଥିଲେ।

# ରୋଟାରାକ୍ଟ ରୟାଲ ପକ୍ଷରୁ "ରୋଟା ମାଇକ" ଚତୁର୍ଥ ସଂସ୍କରଣ ଅନୁଷ୍ଠିତ

ଭୁବନେଶ୍ୱର,୨୮/୦୩ (ନି.ପ୍ର): ରୋଟାରାକ୍ଟ କ୍ଲବ ଅଫ ମିଲେନିୟମ ରୟାଲ ଓ ଭୁବନେଶ୍ୱରରୟାଲ ମିଳିତ ଆନୁକୁଲ୍ୟରେ ଚଳିତ ୨୬-୨୭ ମାର୍ଚ୍ଚ ଦୁଇ ଦିନ ଧରି "ରୋଟା ମାଇକ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ୟୁନିଟ -୪ ସ୍ଥିତ ଟିଟୋଟାଲରଠାରେ ଆୟୋଜିତ ହେଇଥିବା ରୋଟା ମାଇକର ଚତୁର୍ଥ ସଂସ୍କରଣକୁ କ୍ଲବର ସଭାପତି ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଅତିଥି, ପ୍ରତିଯୋଗୀ ଓ ସ୍ୱେଚ୍ଛାସେବୀମାନଙ୍କୁ ସେସ୍ୱାଗତ କରି ନିଜର ସ୍ୱାଗତ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ବିଶ୍ୱବ୍ୟାପୀ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, ସେବା, ସଦଭାବନା ଓ ଶାନ୍ତି ଆଦି ବିଭିନ୍ନ କ୍ଷେତ୍ରରେ ରୋଟାରାକ୍ଟ କ୍ଲବରନିରନ୍ତର ଭାବରେ କରୁଥିବା କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇଥିଲେ।ତା ସହିତରୋଟାରାକ୍ଟକ୍ଲବରଲକ୍ଷ୍ୟ ଓ ଉଦେଶ୍ୟ ବିଷୟରେନିଜର ଉଦବୋଧନ ଦେବା ସହିତ ଆଗାମୀ ବର୍ଷର କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ତା'ପରେ ଦୀର୍ଘ ବର୍ଷ ଧରି ରୋଟାରାକ୍ଟ ରୋୟାଲକ୍ଲବର ଦ୍ୱାରା ପରିଚାଳିତ ହେଉଥିବା "ପାଠଶାଳା" ପ୍ରଜେକ୍ଟ ଉପରେ ଆଲୋକପାତ କରିଥିଲେ। ଯେଉଁଥିରେ ୪୦ ଜଣରୁ ଅଧିକ ଛାତ୍ରଛାତ୍ରୀ ପାଠ ପଢି ଉପକୃତ ହେଉଛନ୍ତି ଏବଂ ଏହି କାର୍ଯ୍ୟକ୍ରମ ମଧ୍ୟମରେ ସଂଗ୍ରହ ହୋଇଥିବା ଧନରାଶିକୁ ସେମାନଙ୍କ ପାଠପଢା ନିମନ୍ତେ ବିନିଯୋଗ ହେଉଛି ବୋଲି କ୍ଲବର ସଭାପତି ମତବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ରୋଟା ମାଇକର ପଞ୍ଚମ ସଂସ୍କରଣ ମଧ ଆୟୋଜିତହେବାର ସୂଚନା ଦେଇ ସମସ୍ତଙ୍କୁ ଭାଗ ନେବାକୁ ଅନୁରୋଧ କରିଥିଲେ।ଏହି ଦୁଇ ଦିବସୀୟ ରୋଟା ମାଇକ କାର୍ଯ୍ୟକ୍ରମରେ କବିତା, କ୍ଷୁଦ୍ର ଗଳ୍ପ, ସାଏରୀ, ଷ୍ଟାଣ୍ଡ ଅଫ କମେଡି ଆଦିରେ କ୍ଷେତ୍ରରେ ରୁଚି ରଖୁଥିବା ୬୦ ରୁ ଅଧିକ ପ୍ରତିଭାବାନ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅନେକ ପ୍ରତିଭାଙ୍କ ନିଜ ଭିତରେ ଲୁଚି ରହିଥିବା ପ୍ରତିଭାକୁ ଖୋଜି ଲୋକଲୋଚନ ଆଣିବାର ଉଦେଶ୍ୟରେ ନେଇ ଅନୁଷ୍ଠିତ କାର୍ଯ୍ୟକ୍ରମସଫଳତାର ସହିତ ସମ୍ପନ୍ନ ହୋଇଛି। ଯେଉଁଥିରେ ପ୍ରତିଯୋଗୀମାନେ ନିଜ ନିଜ ଢଙ୍ଗରେ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏଭଳି ଏକ ପ୍ଲାଟଫର୍ମ ମିଳିଥିବାରୁ ପ୍ରତିଯୋଗୀମାନେ ଭାଗ୍ୟଶାଳୀ ମନେ କରିବା ସହିତ କ୍ଲବର ଏହି ପଦକ୍ଷେପକୁ ପ୍ରସଂଶା ମଧ କରିଥିଲେ। ଏଥିରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀମାଙ୍କୁ ମାନପତ୍ର ଦେଇ ସମ୍ମାନୀତ କରଯାଇଥିଲା।କ୍ଲବର ସଦସ୍ୟମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପରିଶେଷରେ କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ କ୍ଲବ ସେକ୍ରେଟାରୀ ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ନାଟକ ପାଇଁ ଭଲ ମଞ୍ଚର ଅଭାବ : ଏକମାତ୍ର ଭରସା ରବୀନ୍ଦ୍ର ମଣ୍ଡପ

ଭୁବନେଶ୍ୱର,୨୮/୦୩ (ନି.ପ୍ର): ନାଟକ ପରିବେଷଣ ପାଇଁ ଭଲ ମଞ୍ଚଟିଏ ଦରକାର। ମଞ୍ଚରେ ସବୁପ୍ରକାର ଅତ୍ୟାଧୁନିକ ଭିତ୍ତିଭୂମି ଥିଲେ ନିର୍ଦ୍ଦେଶକଙ୍କୁ ଏକ ଉନ୍ନତମାନର ନାଟକ ମଞ୍ଚସ୍ଥ କରାଇବାରେ ସୁବିଧା ହେବ। କିନ୍ତୁ ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପକୁ ଛାଡ଼ିଦେଲେ ରାଜ୍ୟର ଆଉ କୌଣସି ଜିଲ୍ଲାରେ ଏମିତି ମଣ୍ଡପ ନାହିଁ। କଳା, ସଂସ୍କୃତିର ରାଜ୍ୟ ଓଡ଼ିଶାରେ ଏମିତି ଏକ ବିଡ଼ମ୍ବନା ନାଟ୍ୟପ୍ରେମୀମାନଙ୍କୁ ବ୍ୟଥିତ କରୁଛି। ଏ ଦିଗରେ ସଂସ୍କୃତି ବିଭାଗ ବି କିଛି ଚିନ୍ତା ନ କରିବା ଆହୁରି ଆଶ୍ଚର୍ଯ୍ୟଜନକ।

ନାଟକର ପ୍ରଚାରପ୍ରସାର ଓ ଏହାକୁ ଆଜିର ଯୁବପିଢ଼ିଙ୍କ ମଧରେ ଲୋକପ୍ରିୟ କରିବା ଉଦେଶ୍ୟରେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ବହୁ ଯୋଜନା କରାଯାଉଛି। ବର୍ଷସାରା ବିଭିନ୍ନ ନାଟ୍ୟ ସଂଘ ପକ୍ଷରୁ ରାଜଧାନୀର ରବୀନ୍ଦ୍ର ମଣ୍ଡପ ଓ ଭଞ୍ଜକଳା ମଣ୍ଡପରେ ରାଜ୍ୟର ବିଭିନ୍ନ ଅଞ୍ଚଳ ତଥା ରାଜ୍ୟ ବାହାରୁ ନାଟ୍ୟ ଦଳ ଆସି ନାଟକ ପରିବେଷଣ କରନ୍ତି। ନାଟକ ନିଜ ରାଜ୍ୟର କଳା, ସଂସ୍କୃତି, ଐତିହ୍ୟ ଓ ବହୁ ଲୋକକାହାଣୀର ବାହକ ହୋଇଥିବା ବେଳେ ଏହି ମଞ୍ଚ ଅଭିନୟ ଯେମିତି ଦୀର୍ଘ କାଳ ବଞ୍ଚି ରହିବ ତଥା କଳାକାରମାନଙ୍କ କଳାକୁ ସ୍ୱୀକୃତି ଦେବା ଉଦ୍ଦେଶ୍ୟରେ ରାଜ୍ୟ ସଂସ୍କୃତି ବିଭାଗ ଅଧୀନସ୍ଥ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମି ପକ୍ଷରୁ ବହୁ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଏକାଡେମି ପକ୍ଷରୁ ପ୍ରତିବର୍ଷ ଜାତୀୟ ଓ ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବ କରି ନାଟ୍ୟପ୍ରେମୀଙ୍କୁ ଆପ୍ୟାୟିତ କରାଯାଉଛି। କିନ୍ତୁ ପ୍ରଶ୍ନ ଉଠୁଛି, କ'ଣ କେବଳ ରାଜଧାନୀବାସୀ ହିଁ ଏହି ରାଜ୍ୟ ଓ ଜାତୀୟସ୍ତରୀୟ ନାଟକ ଉପଭୋଗ କରିବେ ? ପୁରୀ, ବାଲେଶ୍ୱର, ସମ୍ବଲପୁର, ମୟୂରଭଞ୍ଜ, ବ୍ରହ୍ମପୁର ଆଦିକୁ କଳାର ମାଟି କୁହାଯାଉଥିବା ବେଳେ ସେଠାର କଳାପ୍ରେମୀଙ୍କୁ




ସନ୍ତୁଷ୍ଟ କରିବାକୁ ସରକାର ଉତ୍କୃଷ୍ଟ ପ୍ରେକ୍ଷାଳୟଟିଏ ଗଢ଼ି ପାରୁନାହାନ୍ତି କାହିଁକି ? ରାଜ୍ୟର ସାଂସ୍କୃତିକ ଜଗତରେ ଏହା ଏକ ବିରାଟ ବ୍ୟତିକ୍ରମ ବୋଲି ମତପ୍ରକାଶ ପାଉଛି। ନାଟକର ଭବିଷ୍ୟତ ପାଇଁ ଏ ଦିଗରେ ସରକାର ଗୁରୁତର ସହ ଚିନ୍ତା କରିବାର ସମୟ ଆସିଛି ବୋଲି ନାଟ୍ୟପ୍ରେମୀମାନେ ମତ ଦେଇଛନ୍ତି।

ରାଜ୍ୟର ଗୋଟିଏ ମାତ୍ର ପ୍ରେକ୍ଷାଳୟ ରବୀନ୍ଦ୍ର ମଣ୍ଡପରେ ହିଁ ରାଜ୍ୟସ୍ତରୀୟ ଓ ଜାତୀୟସ୍ତରୀୟ ନାଟକ ପରିବେଷଣ ପାଇଁ ଆବଶ୍ୟକ ଭିତ୍ତିଭୂମି ରହିଛି। ଅନ୍ୟ କେଉଁଠାରେ ଏଭଳି ପ୍ରେକ୍ଷାଳୟ ସୁବିଧା ସୁଯୋଗ ନାହିଁ। ଓଡ଼ିଶାରେ ନାଟ୍ୟ ଉପଯୋଗୀ ପାଖାପାଖି ୨୦ଟି ପ୍ରେକ୍ଷାଳୟ ରହିଛି। କିନ୍ତୁ କେଉଁଠି ପର୍ଯ୍ୟାପ୍ତ ଲାଇଟ୍ ସୁବିଧା ନାହିଁ ତ' କେଉଁଠି ଆୟୋଜକଙ୍କୁ ଜେନେରେଟର ଲଗାଇବାକୁ ପଡୁଛି। ଏପରିକି କିଛି କିଛି ସ୍ଥାନରେ ଦର୍ଶକଙ୍କ ବସିବା ପାଇଁ ଉପଯୁକ୍ତ ସିଟ୍‌ର ବ୍ୟବସ୍ଥା ନାହିଁ। ଖୋଦ୍ ରାଜଧାନୀର ଭଞ୍ଜକଳା ମଣ୍ଡପରେ ମଧ ଭିତ୍ତିଭୂମି ବିକଶିତ ହୋଇନାହିଁ। ଏହାକୁ ଆଧୁନିକୀକରଣ ପାଇଁ ଏବେ ସରକାରୀ କଳ ଅଣ୍ଡା ଭିଡ଼ିଛି।

ପୁରୀରେ ରହିଛି ୨ଟି ପ୍ରେକ୍ଷାଳୟ; ଅନ୍ନପୂର୍ଣ୍ଣା ଥିଏଟର ଓ ଟାଉନ୍ ହଲ୍ ପ୍ରେକ୍ଷାଳୟ। ଟାଉନ୍ ହଲ୍ ପ୍ରେକ୍ଷାଳୟ ବହୁତ ବଡ଼ ହୋଇଥିବାରୁ ଏହା ନାଟକ ପାଇଁ ନାଟ୍ୟପ୍ରେମୀଙ୍କ ପ୍ରଥମ ପସନ୍ଦ ନୁହେଁ। ଅନ୍ନପୂର୍ଣ୍ଣା ଥିଏଟର ସମସ୍ତଙ୍କର ପସନ୍ଦ। ଅନ୍ନପୂର୍ଣ୍ଣା ଥିଏଟର ରାଜ୍ୟର ସର୍ବପୁରାତନ ରଙ୍ଗମଞ୍ଚ। ଏହିଠାରୁ 'ଶ୍ରୀ ଜୟଦେବ ସମ୍ମାନ' ବିଜେତା ରାମଚନ୍ଦ୍ର ପ୍ରତିହାରୀ, ଅଭିନେତା ମାଷ୍ଟର ମାଣିଆ, ବ୍ୟୋମକେଶ ତ୍ରିପାଠୀ, ଦୁଃଖୀରାମ ସ୍ୱାଇଁ, ଦୁର୍ଲଭ ସିଂହ, ନିତ୍ୟାନନ୍ଦ ଦାସ, ଭାନୁମତୀ ଦେବୀ ପ୍ରମୁଖ ଗଢ଼ି ହୋଇଛନ୍ତି। କିନ୍ତୁ ଏହି ପ୍ରେକ୍ଷାଳୟର ଅବସ୍ଥା ଅତ୍ୟନ୍ତ ଦୟନୀୟ। ୨ଟି ପର୍ଯ୍ୟାୟରେ ଲକ୍ଷ ଲକ୍ଷ ଟଙ୍କା ପ୍ରେକ୍ଷାଳୟର ନବୀକରଣ ପାଇଁ ଆସିଥିଲେ ମଧ ଏଯାଏ ଏହାର ଉନ୍ନତୀକରଣ ହୋଇପାରିଲା ନାହିଁ।

# ମାର୍ଚ୍ଚ ମାସ ଶେଷ ତାରିଖ ସୁଦ୍ଧା କଂଗ୍ରେସ ସଦସ୍ୟ ସଂଗ୍ରହ ଅଭିଯାନ

ଭୁବନେଶ୍ୱର ,୨୮/୦୩ (ନି.ପ୍ର): ସର୍ବଭାରତୀୟ କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ସୋନିଆ ଗାନ୍ଧୀ ନଭେମ୍ବର ମାସ ୧ ତାରିଖରୁ ନୂତନ ୦କଂଗ୍ରେସ ସଦସ୍ୟ ସଂଗ୍ରହ ଅଭିଯାନର ଶୁଭାରମ୍ଭ କରିଥିଲେ। ଚଳିତ ମାର୍ଚ୍ଚ ମାସ ୩୧ ତାରିଖ କଂଗ୍ରେସର ପ୍ରାଥମିକ ସଦସ୍ୟ ସଂଗ୍ରହର ଶେଷ ତାରିଖ ବୋଲି ରାଜ୍ୟ ସଭା ସଦସ୍ୟ ତଥା ଓଡ଼ିଶା ପିଆରଓ ନିରଜ ଡାଙ୍ଗି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏହି ସଦସ୍ୟ ସଂଗ୍ରହ ଅଭିଯାନ ସମାପ୍ତ ପରେ ମେ ମାସ ୧୬ ତାରିଖରୁ ୩୦ ତାରିଖ ଭିତରେ ବ୍ଲକସ୍ତରୀୟ କମିଟି ପାଇଁ ନିର୍ବାଚନ ହେବ ଏବଂ ଜୁନ ମାସ ସୁଦ୍ଧା ଜିଲ୍ଲା ସ୍ତରୀୟ ନିର୍ବାଚନ ସମାପ୍ତ ହେବ। ଜୁଲାଇ ମାସ ସୁଦ୍ଧା ପ୍ରଦେଶ କଂଗ୍ରେସ କମିଟିର ନିର୍ବାଚନ ହେବ ଏବଂ ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ସର୍ବଭାରତୀୟ କଂଗ୍ରେସ ଦଳର ସଭାପତି ଏବଂ ଅନ୍ୟାନ୍ୟ କାର୍ଯ୍ୟକର୍ତାଙ୍କ ପାଇଁ ନିର୍ବାଚନ ହେବ। ଏହି ନିଷ୍ପତିରେ କୌଣସି ପରିବର୍ତନ ହେବ ନାହିଁ ବୋଲି ରୋକ ଠୋକ ଶ୍ରୀ ଡାଙ୍ଗି ପ୍ରକାଶ କରିଛନ୍ତି। ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ସାମ୍ବାଦିକ ମାନଙ୍କର ବିଭିନ୍ନ ପ୍ରଶ୍ନର ଉତର ଦେଇ କହିଥିଲେ ଯେ ସଦସ୍ୟ ସଂଗ୍ରହ ଅଭିଯାନ ଓଡ଼ିଶାରେ ବୁଥ ସ୍ତରରୁ କରାଯାଉଛି। ଏହି କାର୍ଯ୍ୟ ପାଖାପାଖି ରାଜ୍ୟରେ ୨ ମାସରୁ ଅଧିକ ଦିନ ଧରି ଚାଲୁ ରହିଛି। କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ ନରସିଂହ ମିଶ୍ର କହିଥିଲେ ଯେ ଯେତେ ଶୀଘ୍ର ସଭ୍ୟ ସଂଗ୍ରହ ଅଭିଯାନ ଶେଷ ହେବ ତା ପରେ ପରେ ତୃଣମୂଳ ସ୍ତରରୁ ସାଙ୍ଗଠନିକ ନିର୍ବାଚନ ଆରମ୍ଭ ହେବ। ସଦସ୍ୟ ସଂଗ୍ରହ ଅଭିଯାନ ଏକ ଲଗାତାର ପକ୍ରିୟା ପ୍ରତି ୫ ବର୍ଷରେ ନୂତନ ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରାଯାଏ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସର୍ବଭାରତୀୟ କଂଗ୍ରେସ ସଂପାଦକ ଜି ରୁଦ୍ର ରାଜୁ ଓ ପିସିସି ଉପସଭାପତି ଯଜ୍ଞେଶ୍ୱର ବାବୁ ଉପସ୍ଥିତ ଥିଲେ।

# ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୧୨୦୫୫୨ ପରିବାର ଆବେଦନ କରିଛନ୍ତି

ଭୁବନେଶ୍ୱର,୨୮/୦୩ (ନି.ପ୍ର): ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର କାର୍ଯ୍ୟକାରିତାକୁ ନେଇ ବିଧାନସଭାରେ ଉଦବେଗ ପ୍ରକାଶ ପାଇଛି। ଏହି ଯୋଜନାକୁ ନେଇ ଅନେକ ଅବ୍ୟବସ୍ଥା ପ୍ରସଙ୍ଗ ଉଠାଇଛନ୍ତି କଂଗ୍ରେସ ଓ ବିଜେପିର ସଦସ୍ୟ। ବର୍ତ୍ତମାନ ସୁଦ୍ଧା ବି ଅନେକ ହସ୍ପିଟାଲ ସହ ଅନୁବନ୍ଧନ ହୋଇଥିଲେ ବି ସେମାନେ ସେବା ଯୋଗାଇ ଦେଉ ନାହାନ୍ତି। ଏଥିରେ ହସ୍ପିଟାଲ ସହିତ କିଛି କମ୍ୟୁନିକେସନ ଗ୍ୟାପ ଥିବା କହିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ। ସେ ଆହୁରି ମଧ କହିଛନ୍ତି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟ ଭିତରେ ୩୧୫ ବେସରକାରୀ ହସ୍ପିଟାଲ ଓ ରାଜ୍ୟ ବାହାରେ ୧୫ଟି ହସ୍ପିଟାଲକୁ ଅନ୍ତର୍ଭୁକ୍ତ କରାଯାଇଛି। ୨୦୨୧ ମସିହା ସେପଟ୍ମେର ମାସରୁ ଆଜି ସୁଦ୍ଧା ୧୨୦୫୫୨ ଏଥିଲାଗି ପରିବାର ଆବେଦନ କରିଛନ୍ତି। ରାଜ୍ୟ ସରକାର ଏଯାଏ ୨୩୧୩୮୬୩୦୯୮ ଟଙ୍କା ପଇଠ କରିଛନ୍ତି। ବିଧାନସଭାର ପ୍ରଶ୍ନକାଳରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ ଏହି ଉତ୍ତର ରଖିଛନ୍ତି।

# ପୂର୍ବତନ ମନ୍ତ୍ରୀ ରିପୁନାଥ ସେଠ୍‌ଙ୍କ ଅକାଳ ବିୟୋଗରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଶୋକସଭା

,୨୮/୦୩(ନି.ପ୍ର): ୨୭ ମାର୍ଚ୍ଚ - ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସର ବିଶିଷ୍ଟ ଦଳିତ ନେତା ରିପୁନାଥ ସେଠ୍‌ଙ୍କ ବିୟୋଗରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ପିସିସି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଞ୍ଜଳି ଜଣାଇ ଶ୍ରୀ ପଟ୍ଟନାୟକ କହିଲେ ଯେ ରିପୁନାଥ ବାବୁ ଜଣେ ଅତ୍ୟନ୍ତ ପରିଶ୍ରମୀ ଓ ଦକ୍ଷ ସଂଗଠକ ଥିଲେ। କଂଗ୍ରେସ ଦଳରେ କାର୍ଯ୍ୟ କରିବା ଭିତରେ ତାଙ୍କୁ ଯେଉଁ ଦାୟୀତ୍ୱ ଦିଆଯାଇଛି ସେ ତାହାକୁ ସଫଳତାର ସହ ନିର୍ବାହ କରୁଥିଲେ। ସ୍ୱର୍ଗତ ସେଠ ଜଣେ ଅତ୍ୟନ୍ତ ମିଷ୍ଟଭାଷୀ, ସରଳ ଓ ଅମାୟିକ ବ୍ୟକ୍ତି ଭାବରେ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ। ବୈଠକରେ ସ୍ୱର୍ଗତ ଆତ୍ମାର ସଦଗତି କାମନା କରି ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ ନିର୍ବାଚନ ଅଧିକାରୀ ସାଂସଦ ଶ୍ରୀ ନିରଜ ଡାଙ୍ଗୀ, ଏଆଇସିସି ସଂପାଦକ ଶ୍ରୀ ଜି ରୁଦ୍ର ରାଜୁ, କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଜୟଦେବ ଜେନା, ତାରାପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ, ଯଜ୍ଞେଶ୍ୱର ବାବୁ, ଭୁଜବଳ ମାଝୀ, ଚିନ୍ମୟ ସୁନ୍ଦର ଦାସ, ପଦ୍ମାକର ଗୁରୁ, ସୁରେଶ ମହାପାତ୍ର, ବିଶ୍ୱଜିତ ଦାଶ, ଜାନକୀ ବଲ୍ଲଭ ପଟ୍ଟନାୟକ, ମନୋରଞ୍ଜନ ଦାଶ, ବିସ୍ମୟ ମହାପାତ୍ର, ନିଶିକାନ୍ତ ମିଶ୍ର, ରଜନୀ ମହାନ୍ତି, ପ୍ରଦୀପ ମହାପାତ୍ର, ହଳଧର ସେଠୀ, ବାଙ୍କନିଧି ବେହେରା, ଚନ୍ଦ୍ରଶେଖର ପରିଡ଼ା, ଅରବିନ୍ଦ ଦାସ, ପ୍ରକାଶ ମିଶ୍ର, ରଜତ ଚୌଧୁରୀ, ରଣଜିତ ପାତ୍ର, ସୁବାଷ ପ୍ରଧାନ, ସତ୍ୟବ୍ରତ ନାୟକ, ବୁନା ମହାନ୍ତି, ପ୍ରମୁଖ ବହୁ କଂଗ୍ରେସ କର୍ମୀ ଶୋକସଭାରେ ଯୋଗଦେଇ ସ୍ୱର୍ଗତ ଅମର ଆତ୍ମାଙ୍କ ପ୍ରତି ଗଭୀର ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ୩ ମାସ ଶିଶୁର ଯକୃତ ପ୍ରତିରୋପଣ ଖର୍ଚ୍ଚ ୩୦ ଲକ୍ଷ : ଚିନ୍ତାରେ ଶ୍ରମିକ ପରିବାର

ଭୁବନେଶ୍ୱର,୨୮/୦୩ (ନି.ପ୍ର): ଏମ୍ସରେ ହୋଇ ପାରୁନି ଯକୃତ ପ୍ରତିରୋପଣ। ଏଭଳି ସ୍ଥିତିରେ ୩ ମାସର ଶିଶୁ ପୁତ୍ରର ରାଜ୍ୟ ବାହାରେ ଯକୃତ ପ୍ରତିରୋପଣ ପାଇଁ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ନେଇ ଆକଳନ କରାଯାଉଛି। ଏତେ ଟଙ୍କା କେଉଁଠି ଆଣିବେ ଏହାକୁ ନେଇ ଚିନ୍ତାରେ ରାଜମିସ୍ତ୍ରି ବାପା। ବରଗଡ଼ ଜିଲ୍ଲାର ଭେଡେନ ବ୍ଲକର ରାଜମିସ୍ତ୍ରି ସନ୍ତୋଷ ସେଠଙ୍କର ଗତ ଡିସେମ୍ବର ୨୬ ତାରିଖରେ ଭିମସାରରେ ଏକ ଶିଶୁ ପୁତ୍ର ଜନ୍ମ ହୋଇଥିଲା। ଅଚାନକ ୨୫ ଦିନ ପରେ ଶିଶୁର ପେଟ ଫୁଲିବାକୁ ଲାଗିଲା। ତାକୁ ପ୍ରଥମେ ଲରମ୍ଭା ଏବଂ ପରେ ବରଗଡ଼ର ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଶିଶୁର ଯକୃତ ସମସ୍ୟା ଥିବା ଜଣାପଡ଼ିବା ପରେ ବରଗଡ଼ ସ୍ଥିତ ବିକାଶ ମଲ୍ଟି ସ୍ପେସାଲିଟିରେ ଚିକିତ୍ସା କରାଯାଇଥିଲା। ଏହାପରେ ବୁର୍ଲା ଏବଂ ପରେ କଟକ ଶିଶୁଭବନ ନିଆଯାଇ ଥିଲା। ସେଠାରେ ମଧ ଶିଶୁର ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ନ ଘଟିବାରୁ ଫେବ୍ରୁଆରି ୧୦ ତାରିଖରୁ ଶିଶୁଟି ଏମ୍ସର ଶିଶୁ ୱାର୍ଡରେ ଚିକିତ୍ସାଧୀନ ଅଛି। ଯେତେ ଶୀଘ୍ର ଟଙ୍କା ବ୍ୟବସ୍ଥା କରିପାରିବେ ସେତେ ଶୀଘ୍ର ବାହାର ଡାକ୍ତରଖାନାକୁ ଯିବେ। ଅପରପକ୍ଷରେ ଏତେ ଟଙ୍କା ଯୋଗାଡ଼ କରିବା ପ୍ରାୟ ଅସମ୍ଭବ ଥିବାରୁ ସନ୍ତୋଷ ରାଜ୍ୟ ସରକାର, କେନ୍ଦ୍ର ସରକାର ତଥା ଓଡ଼ିଶାର ଜନସାଧାରଣଙ୍କ ସହାୟତା ଭିକ୍ଷା କରିଛନ୍ତି। ଏହି ଶିଶୁକୁ ସହାୟତା କରିବା ପାଇଁ ଚାହୁଁଥିଲେ ମୋବାଇଲ ନମ୍ବର ୭୭୩୫୯୪୭୪୨୨ରେ ଯୋଗାଯୋଗ କରିବାକୁ ସନ୍ତୋଷ ନିବେଦନ କରିଛନ୍ତି।

# ଅଭିନେତ୍ରୀ କରାଇଦେବା ନାଁରେ ନାବାଳିକାଙ୍କୁ ଦୁଷ୍କର୍ମ ମାମଲା : ଗିରଫ ହେଲେ ଅଭିଯୁକ୍ତ

ଭୁବନେଶ୍ୱର,୨୮/୦୩(ନି.ପ୍ର): ଅଭିନେତ୍ରୀ କରାଇଦେବା ନାଁରେ ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ମାଷ୍ଟରମାଇଣ୍ଡ୍ ସରୋଜ ବିଶ୍ୱାଳଙ୍କୁ ଖୋର୍ଦ୍ଧାରୁ ଗିରଫ କରିଛି ପୁଲିସ୍। ବହୁ ଦିନର ଲୁଚକାଳି ଖେଳ ପରେ ଶେଷରେ ଧରାପଡ଼ିଲେ ସରୋଜ। ଅପହରଣ ଦୃଶ୍ୟ କରିବା ଆଳରେ ରୁମକୁ ନେଇ ଦୁଷ୍କର୍ମ କରିଥଲେ ଅଭିଯୁକ୍ତ। ପରେ ଘଟଣାସ୍ଥଳରୁ କେଉଁଆଡ଼େ ଫେରାର ହୋଇଯାଇଥିଲେ। ଏନେଇ ନାବାଳିକାଙ୍କ ବାପା ଭରତପୁର ଥାନାରେ ଏତଲା ଦେବା ପରେ ପୁଲିସ ସରୋଜ ବିଶ୍ୱାଳକୁ ବହୁ ଖୋଜାଖୋଜି କରିଥିଲେ। ଶେଷରେ ସରୋଜକୁ ଧରିବାରେ ପୁଲିସ୍ ସମର୍ଥ ହୋଇଛି। ପୁଲିସ ସରୋଜକୁ ନେଇ ସିନ ରିକ୍ରିଏସନ କରିବାକୁ ଯୋଜନା କରିଛି।

ଉଲ୍ଲେଖଯୋଗ୍ୟ, ଆଲବମ୍ ସୁଟିଂ ବାହାନାରେ ନାବାଳିକା ଅଭିନେତ୍ରୀଙ୍କ ହାତଗୋଡ଼ ବାନ୍ଧି ରାତିସାରା ଦୁଷ୍କର୍ମ କରିବା ଏବଂ ଏହାକୁ ରେକର୍ଡିଂ କରିଥିଲେ ସରୋଜ। ଘଟଣା ଘଟିବା ପରେ ନାବାଳିକାଙ୍କର କ୍ୟାପିଟାଲ୍ ହସ୍ପିଟାଲରେ ଡାକ୍ତରୀମାଇନା କରାଯାଇଥିଲା। ଭରତପୁର ଶିବ ମନ୍ଦିର ଗଳିସ୍ଥିତ ନାବାଳିକାଙ୍କୁ ଦୁଷ୍କର୍ମ କରାଯାଇଥିବା ଘରକୁ ଭରତପୁର ଥାନା ପୁଲିସ ସିଲ୍ କରିଥିଲା। ପ୍ରଥମେ ସାଇଣ୍ଟିଫିକ୍ ଟିମ୍ ସହ ପୁଲିସ ଘରକୁ ଯାଇ ଛାନଭିନ୍ କରିଥିଲା। ଉକ୍ତ ଘରୁ ସାଇଣ୍ଟିଫିକ୍ ଟିମ୍ ବେଡସିଟ୍, କପଡ଼ା, ଅନ୍ତବସ୍ତ୍ର, ପୁଲିସ ପୋଷାକ, ନକଲି ବନ୍ଧୁକ, ପ୍ରେସ୍ କାର୍ଡ ଓ ବୁମ୍, କ୍ୟାମେରା ଓ ଟ୍ରାଇପଡ୍ ଷ୍ଟାଣ୍ଡ୍ ଜବତ କରାଯାଇଥିଲା।

# ଗତ ୨୪ ଘଣ୍ଟା ମଧ୍ୟରେ ୪୩ କରୋନା ପଜିଟିଭ ଚିହ୍ନଟ: ୫ ଜଣ ୧୮ ବର୍ଷରୁ କମ୍ ବର୍ଗର

ଭୁବନେଶ୍ୱର,୨୮/୦୩(ନି.ପ୍ର): ରାଜ୍ୟରେ ଗତ ୨୪ ଘଣ୍ଟା ମଧରେ ୪୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨୫ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୧୮ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୫ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୦ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି।



ସୂଚନାଯୋଗ୍ୟ, ଗତକାଲି ୪୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୧ ଜଣ, ବରଗଡ଼ରୁ ୧ ଜଣ, ବଲାଙ୍ଗୀରରୁ ୨ ଜଣ, କଟକରୁ ୪ ଜଣ, ଗଜପତିରୁ ୫ ଜଣ, ଗଞ୍ଜାମ ଜିଲ୍ଲାରୁ ୧ ଜଣ, ଯାଜପୁରରୁ ୩ ଜଣ, ଖୋର୍ଦ୍ଧାରୁ ୧୦ ଜଣ, ମୟୂରଭଞ୍ଜ ଜିଲ୍ଲାରୁ ୪ ଜଣ, ସମ୍ବଲପୁର ଜିଲ୍ଲାରୁ ୯ ଜଣ, ସୁନ୍ଦରଗଡ଼ ଜିଲ୍ଲାରୁ ୧ ଜଣ ଓ ଷ୍ଟେଟପୁଲରୁ ୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି।

# ସ୍କୁଲ ବନ୍ଦ ଯୋଗୁଁ ଶିଶୁ ଶ୍ରମିକ, ବାଲ୍ୟ ବିବାହ ବଢୁଛି : ଶିଶୁ ସୁରକ୍ଷା କମିସନ

## ଶିଶୁ ଅଧିକାର ସ୍ଥିତି ନେଇ ଅଧ୍ୟୟନ ରିପୋର୍ଟ

ଭୁବନେଶ୍ୱର ,୨୮/୦୩ (ନି.ପ୍ର): ସ୍କୁଲ ବନ୍ଦ ଏବଂ ଲକ୍‌ଡାଉନ ଯୋଗୁଁ ଅଧାରୁ ସ୍କୁଲ ଛାଡୁଛନ୍ତି ବିଦ୍ୟାର୍ଥୀ। ଏଥିଯୋଗୁଁ ଶିଶୁ ଶ୍ରମିକ, ବାଲ୍ୟ ବିବାହ, ଶିଶୁ ଅସଦାଚରଣ ବୃଦ୍ଧି ପାଉଛି। ଅପରପକ୍ଷରେ ପୁରୁଣା ବିଦ୍ୟାର୍ଥୀଙ୍କୁ ସ୍କୁଲରେ ପୁନଃ ନାମ ଲେଖାଇବା ସରକାରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ସାମାଜିକ ସଙ୍ଗଠନ ପତଙ୍ଗ ପକ୍ଷରୁ ଶିଶୁ ଅଧିକାର ସ୍ଥିତି ନେଇ କରାଯାଇଥିବା ଅଧ୍ୟୟନ ରିପୋର୍ଟ ଉନ୍ମୋଚନ ଅବସରରେ ଏହା କହିଛନ୍ତି ରାଜ୍ୟ ଶିଶୁ ସୁରକ୍ଷା କମିସନର ଅଧକ୍ଷା ସଂଧାବତୀ ପ୍ରଧାନ।

ସିୱାଇଏସଡି ଅଡିଟୋରିୟମରେ ଯୁବ ନେତୃତ୍ୱ ଏବଂ ଶିଶୁ ଅଧିକାର ସମ୍ପର୍କିତ କାର୍ଯ୍ୟକ୍ରମରେ ଏସଏସଇପିଡି ବିଭାଗର ଉପସଚିବ ସନ୍ନ୍ୟାସୀ ବେହେରା, ଆରଟିଇ ଫୋରମ ଆବାହକ ଅନିଲ ପ୍ରଧାନ, ମହିଳା-ଶିଶୁ କଲ୍ୟାଣ ବିଭାଗ ପରାମର୍ଶଦାତା ଅନୁପମା ସାହୁ, ବ୍ରେକ ଥ୍ରୋର ରାଜ୍ୟ ଆବାହକ ରୁକ୍ମିଣୀ ପଣ୍ଡା, ବରିଷ୍ଠ ସାମ୍ବାଦିକ ପ୍ରିୟରଞ୍ଜନ ସାହୁ, କ୍ରିକେଟ ଖେଳାଳି ଜାଫର ଇକବାଲ, ଅକ୍ସଫାମର ବିମଳ ପାଣ୍ଡିଆ, ଆର୍ଟ୍ ଆକ୍ସନର ସରୋଜ ବାରିକ, ସିୱାଇଏସଡିର ସରୋଜ ବିରୋ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶାରେ ଶିଶୁ ଅଧିକାର ଆହ୍ୱାନ ଏବଂ ସୁଯୋଗକୁ ନେଇ ଆୟୋଜିତ ଆଲୋଚନାରେ କରୋନାରେ ଶିଶୁଙ୍କ ଅଧିକାର କ୍ଷୁଣ୍ଣ ହୋଇଥିବା କୁହାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସାମାଜିକ ସଙ୍ଗଠନ ପତଙ୍ଗର ସଚ୍ଚିଦାନନ୍ଦ ମିଶ୍ର, ସମୀର ମହାମଲ୍ଲିକ, ରତନ ମାଚୋ, ଦେବରାଜ ଭୋଇ, ଏମଲନ ତିର୍କି, ଭୂମିସୁତା ସାହୁ, ବିଦ୍ୟଦର୍ଶିନୀ ଦାସ, ବିଜୟ ପ୍ରମୁଖ ଭୂମିକା ନେଇଥିଲେ।



# ବସନ୍ତ ମିଳନ ସାରସ୍ୱତ ସମାରୋହ



ଭୁବନେଶ୍ୱର, ୨୮/୦୩ (ନି.ପ୍ର): ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ ଏବଂ ସୁଲେଖା ସାହିତ୍ୟ ସଂସ୍କୃତି ପରିଷଦ, ପୁରୀର ମିଳିତ ସହଯୋଗ କ୍ରମେ ଭୁବନେଶ୍ୱର ସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ବସନ୍ତ ମିଳନ ସାରସ୍ୱତ ସମାରୋହ ୨୭ମାର୍ଚ୍ଚ ୨୦୨୨ ରବିବାର ଅପରାହ୍ନ ୩ ଘଟିକା ସମୟଠାରୁ ସର୍ବଶ୍ରୀ ସଦାଶିବ ମିଶ୍ର, ସୁଲେଖା ସାହିତ୍ୟ ସଂସ୍କୃତି ପରିଷଦର ସଭାପତିଙ୍କ ଅଧକ୍ଷତା କ୍ରମେ ଅନୁଷ୍ଠିତ ହୋଇଥିଲା । ସଭାର ମୁଖ୍ୟ ଅତିଥି ଭାବରେ ମୀନକେତନ ଦାସ, ସମ୍ମାନନୀୟ ଅତିଥି ଦୁର୍ଗାପ୍ରସାଦ ମହାପାତ୍ର, ନିର୍ମଳ ଚନ୍ଦ୍ର ସୁରଦେଓ, ବିଶିଷ୍ଟ ଅତିଥି ଡଃ ପ୍ରଫୁଲ୍ଲ କୁମାର ମିଶ୍ର ପ୍ରମୁଖ ମଞ୍ଚାସୀନ ହୋଇଥିବା ଅବସରରେ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ କବି ରକ୍ଷକ ନାୟକ । ଅଭ୍ୟର୍ଥନା କମିଟିର ଅଧକ୍ଷ ଭାବରେ କବି ବିଜୟଲକ୍ଷ୍ମୀ ସାହୁ ଅତିଥିବୃନ୍ଦଙ୍କୁ ଅଭ୍ୟର୍ଥନା ଜଣାଇ ମଞ୍ଚକୁ ପାଛୋଟି ନେଇଥିଲେ । ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟର ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ରଥ ମଞ୍ଚାସୀନ ଅତିଥି ବୃନ୍ଦଙ୍କୁ ସ୍ୱାଗତ କରି ପରିଚୟ ପ୍ରଦାନ କରିଥିଲେ । ମଞ୍ଚକାର୍ଯ୍ୟକ୍ରମର ସଂଯୋଜକ ଭାବରେ ସୁସାହିତ୍ୟିକ ଶ୍ରୀ ପୁରୁଷୋତ୍ତମ ନନ୍ଦ ମଞ୍ଚ ପରିଚାଳନା କରିଥିଲେ । ମଙ୍ଗଳଗୀତି ଗାନ କରିଥିଲେ କବି ମନୋରମା ଆଚାର୍ଯ୍ୟ । ଏହି ସ୍ମୃତିମୟ ସଂଧ୍ୟାରେ ସାରସ୍ୱତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ, କବିଲେଖକ- ଡଃ ଚାଇନା ପ୍ରଧାନ, ସୁବାସ ଚନ୍ଦ୍ର ପାତ୍ର, ବେଣୁଧର ସୁତାର, ଜାନକୀ ବଲ୍ଲଭ ମହାପାତ୍ର, ମଞ୍ଜୁଶ୍ରୀ ମିଶ୍ର ଏବଂ ହିମାଂଶୁ କୁମାର ମହାନ୍ତିଙ୍କୁ ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ ତରଫରୁ ସମ୍ବର୍ଦ୍ଧନା କରାଯାଇଥିଲା । ସେହିପରି ଡଃ ଲିଙ୍ଗରାଜ ରଥ, ସବିତାରାଣୀ ବେହେରା, ନିବେଦିତା ଭଞ୍ଜ, ଚିନ୍ମୟ ରଞ୍ଜନ ମିଶ୍ର ଏବଂ ଶାନ୍ତିପ୍ରଭା ନାୟକ, ରଶ୍ମିମୟୀ ପତି ଏବଂ ଶାନ୍ତିଲତା ପଲାଇଙ୍କୁ ସୁଲେଖା ସାହିତ୍ୟ ସଂସ୍କୃତି ପରିଷଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ରସାୟିତ କରିଥିଲେ ସମାଜସେବୀ କବୀ ଶଶିପ୍ରଭା ଦାଶ ସ୍ୱ ହସ୍ତ ପ୍ରସ୍ତୁତ କେକ୍ କାଟି ସାରସ୍ୱତ ସ୍ରଷ୍ଟାଗଣଙ୍କୁ ପ୍ରଦାନ କରି । ସମ୍ବର୍ଦ୍ଧନା ଉତ୍ସବରେ ଶଙ୍ଖ ଓ ହୁଳହୁଳି ଧ୍ୱନିରେ ସଭାସ୍ଥଳଟି ମୁଖରିତ ହୋଇ ଉଠିଥିଲା । ପ୍ରଥମ ପର୍ବ ସଭାକାର୍ଯ୍ୟର ସମାପନରେ ଧନ୍ୟବାଦ ଅର୍ପଣ କରିଥିଲେ ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ପଟ୍ଟନାୟକ । ପରବର୍ତ୍ତୀ କାର୍ଯ୍ୟକ୍ରମରେ ସୁଶ୍ରୀ କ୍ରିଷ୍ଣା ମହାପାତ୍ର, ଅନ୍ନପୂର୍ଣ୍ଣା ଦେବୀ, ପୁରୁଷୋତ୍ତମ ନନ୍ଦ ଏବଂ ଉମାକାନ୍ତ ମହାପାତ୍ର ପ୍ରମୁଖ କବିଙ୍କ ସଂଯୋଜନା କ୍ରମେ କବି ରାଧାକୃଷ୍ଣ ପ୍ରଧାନୀ, ଆଲୋକ କୁମାର ପ୍ରଧାନ, ଇଂ.ପଦ୍ମନାଭ ପରିଡ଼ା, ପରମାନନ୍ଦ ସ୍ୱାଇଁ, ପୁଷ୍ପଲତା ମିଶ୍ର, ଯୋଗେଶ୍ୱର, ଇନ୍ଦିରା ପାତ୍ର, ସୌଦାମିନୀ ସାମନ୍ତରାୟ, ଜୟନ୍ତୀ ନନ୍ଦ, ସ୍ନେହଲତା ଦାସ, ମମତାରଥ, ନିବେଦିତା ଭଞ୍ଜ, ରଶ୍ମିମୟୀ ପତି, ଡଃ.ଅଞ୍ଜଳି ତ୍ରିପାଠୀ, ସୁରେନ୍ଦ୍ରନାଥ ଗୁରୁ, ଆରତୀ ମହାନ୍ତି, ମମତା ରଥ ପ୍ରମୁଖ ୬୫ଜଣ କବି/କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ । ସଂଧ୍ୟାର ବିଶିଷ୍ଟ ନିମନ୍ତ୍ରିତ ଅତିଥି ଭାବରେ ଯୋଗଦାନ କରିଥିଲେ କବି ଶଙ୍କର୍ଷଣ ପରିଡ଼ା । ଧନ୍ୟବାଦ ଅର୍ପଣ କରିଥିଲେ କବି କ୍ରିଷ୍ଣା ମହାପାତ୍ର ।

## ଉଦଳାରେ କିଏ କେଉଁଠି ହେଲେ ନାଏବ ସରପଞ୍ଚ

ଉଦଳା, ୨୮/୦୩ (ନି.ପ୍ର): ଉଦଳା ପଞ୍ଚାୟତ ସମିତି ଅନ୍ତର୍ଗତ ୧୨ଗୋଟି ଗ୍ରାମପଞ୍ଚାୟତ ମଧ୍ୟରୁ କେବଳ ନୂଆଗାଁ ଗ୍ରାମପଞ୍ଚାୟତରେ କୋରମ ଅଭାବରୁ ନାଏବ ସରପଞ୍ଚ ନିର୍ବାଚିତ ହୋଇପାରି ନାହାଁନ୍ତି । ଅନ୍ୟ ୧୧ ଗୋଟି ଗ୍ରାମପଞ୍ଚାୟତରେ ନାଏବ ସରପଞ୍ଚ ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହିତ ସରି ଯାଇଛି । ସେଥି ମଧ୍ୟରୁ ରାଢ଼ୋ ଗ୍ରାମ ପଞ୍ଚାୟତର ଯବା ମୁର୍ମୁ, ଭୀମତାଳି ଗ୍ରାମପଞ୍ଚାୟତର ରଣଜିତ ପଣ୍ଡା, ବହୁବନ୍ଧ ଗ୍ରାମପଞ୍ଚାୟତର ପୁଷ୍ପାଞ୍ଜଳୀ କୁଅଁର, ଦୁଗୁଧା ଗ୍ରାମପଞ୍ଚାୟତର ରାହାସ ନାୟକ, ବଡ଼ଖମଣର ଗୀତରମଣୀ ସୋରେନ, ପାଟଣାଣୀପୁରର ଶ୍ରୀଧର ସିଂ, କୋଚିଲାଡ଼ିହାର ମିନାକ୍ଷୀ ସିଂ, କୁଣ୍ଡାବାଇର ସସ୍ମିତା ସିଂ, ଖଲାଡ଼ିର ମାଣିକେଶ୍ୱରୀ ବେହେରା, ଶ୍ରୀଦାମଚନ୍ଦ୍ରପୁରର ନିନିମଣୀ ସିଂ ନିର୍ବାଚିତ ହୋଇଛନ୍ତି ।

## ଶିବ ବିଶ୍ୱାଳ ଜଣେ ଅନୁଭବି ମଣିଷ ଥିଲେ

ବାରିପଦା, ୨୮/୦୩ (ନି.ପ୍ର): ମୟୂରଭଞ୍ଜ ମାଟିର ସାରସ୍ୱତ ବରପୁତ୍ର ବର୍ଷୀୟାନ ସାହିତ୍ୟିକ ଶିବପ୍ରସାଦ ବିଶ୍ୱାଳଙ୍କ ବିୟୋଗରେ ମୟୂରଭଞ୍ଜ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ମହର୍ଷି ପବ୍ଲିକ୍ ସ୍କୁଲର ସଭାଗୃହରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ପରିଷଦର ଆଜୀବନ ସଦସ୍ୟ ସ୍ୱର୍ଗତ ଶିବପ୍ରସାଦଙ୍କ ଫଟୋଚିତ୍ରରେ ସମସ୍ତେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ବତୀଜଳାଇ ଧୂପଦେଇ ଦିବଂଗତ ଆତ୍ମାଙ୍କ ସଦଗତି ନିମନ୍ତେ ଦୁଇମିନିଟ ନୀରବ ପ୍ରାର୍ଥନା କରିଥିଲେ । ସଭାରେ ପରିଷଦର ସଭାପତି ପଦ୍ମନାଭ ସାହୁ ପୌରହିତ୍ୟ କରିଥିବା ବେଳେ ସମ୍ପାଦକ ମନୋଜ କୁମାର ଦଳବେହେରା ଓ ବରିଷ୍ଠ ସଦସ୍ୟ ବୃନ୍ଦାବନ ଚନ୍ଦ୍ର ଦାଶ, ଅଜିତ କୁମାର କବାଟ, ପଣ୍ଡିତ ଭାଗବତ ପ୍ରସାଦ ପଣ୍ଡା, କୈବଲ୍ୟ ପ୍ରସାଦ ମହାପାତ୍ର, ସତୀଶ ଚନ୍ଦ୍ର ବେହେରା, ଜୟନ୍ତ କୁମାର ଦ୍ୱାରୀ, ବାସନ୍ତୀ ଲତା ମହାପାତ୍ର, ଗୋପାଳ ଚନ୍ଦ୍ର ସାଓ, ଶିଉଲାଲ ମହାନ୍ତ ପ୍ରମୁଖ ସ୍ୱର୍ଗତଃ ବିଶ୍ୱାଳଙ୍କ ସାରସ୍ୱତ ପାଣ୍ଡିତ୍ୟ ତଥା ଆଧ୍ୟାତ୍ମିକ ଜୀବନଧାରଣ ଶୈଳୀକୁ ନେଇ ସ୍ମୃତିଚାରଣ କରି ଶିବ ବିଶ୍ୱାଳ ଜଣେ ଅନୁଭବି ମଣିଷ ଥିଲେ ବୋଲି କହିଥିଲେ । ଶେଷରେ ପରିଷଦର ଉପସଭାପତି ସୁଶ୍ରୀ କାବେରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଏପ୍ରିଲ ୧ରେ ପ୍ରଧାନମନ୍ତ୍ରୀଙ୍କ....

ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକ ଯୋଡିହେବେ । ଶ୍ରୀ ପ୍ରଧାନ କହିଛନ୍ତି ଯେ ପରୀକ୍ଷା ପେ ଚର୍ଚ୍ଚା ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ନିଆଯାଇଥିବା ଏକ ଅଭିନବ କାର୍ଯ୍ୟକ୍ରମ । ପରୀକ୍ଷା ଶୁଣିବା ମାତ୍ର ଛାତ୍ରଛାତ୍ରୀଙ୍କ ମନରେ ଭୟ ଆସେ । ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରମାନେ ପରୀକ୍ଷାରୁ ଚାପ ମୁକ୍ତ ହେବେ ଓ ସଫଳତାର ମନ୍ତ୍ର ପାଇପାରିବେ । ଏହି କାର୍ଯ୍ୟକ୍ରମ ନୂଆପିଢ଼ିଙ୍କ ଆତ୍ମବିଶ୍ୱାସକୁ ବଢ଼ାଇବ । କାର୍ଯ୍ୟକ୍ରମ ପାଇଁ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ତଥା ସମାଜର ସବୁ ଶ୍ରେଣୀର ସହଯୋଗ ଲୋଡ଼ିଛନ୍ତି କେନ୍ଦ୍ରମନ୍ତ୍ରୀ । ଗତ ବର୍ଷ ମହାମାରୀ ସମୟରେ ଅନଲାଇନରେ ପରୀକ୍ଷା ପେ ଚର୍ଚ୍ଚା ଅନୁଷ୍ଠିତ ହୋଇଥିଲା । ଏହି ବର୍ଷ ପରୀକ୍ଷା ପେ ଚର୍ଚ୍ଚାକୁ ଲୋକପ୍ରିୟ କରିବା ପାଇଁ, ବିଦ୍ୟାର୍ଥୀମାନଙ୍କ ପାଖରେ ପହଁଚାଇବା ପାଇଁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଚଳିତ ବର୍ଷ ମାଇ ଜିଓଭି ଡଟ୍ ଇନ୍ ପ୍ଲାଟଫର୍ମ ମାଧ୍ୟମରେ ୨୦୨୧ ଡ଼ିସେମ୍ବର ୨୮ରୁ ୨୦୨୨ ଫେବୃୟାରୀ ୩ ପର୍ଯ୍ୟନ୍ତ ବିଭିନ୍ନ ପ୍ରତିଯୋଗିତା ଦ୍ୱାରା ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଛି । ଏହି ବର୍ଷ ରଚନାତ୍ମକ ଲେଖା ପ୍ରତିଯୋଗିତା ପାଇଁ ୧୫.୭ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପଞ୍ଜିକରଣ କରିବା ସହ ଭାଗ ନେଇଥିଲେ । ଏଗଜାମ ଷ୍ଟ୍ରେସ ମ୍ୟାନଜମେଂଟ୍, ସ୍ୱାଧୀନତାର ଅମୃତ ମହୋତ୍ସବ, ପର୍ଯ୍ୟାବରଣ, ଅଭିଭାବକଙ୍କ ଭୂମିକା, ଭୋକାଲ ଫର୍ ଲୋକାଲ ଭଳି ବିଭିନ୍ନ ପ୍ରତିଯୋଗିତାରେ ଚୟନ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଏନସିଇଆରଟିର ନିର୍ଦ୍ଦେଶକଙ୍କ ଦ୍ୱାରା ଏକ ସାର୍ଟିଫିକେଟ୍ ପ୍ରଦାନ କରାଯିବା ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ରଚିତ ଏଗଜାମ ୱାରିୟର ପୁସ୍ତକ ଥିବା ସ୍ୱତନ୍ତ୍ର ପରୀକ୍ଷା ପେ ଚର୍ଚ୍ଚା କିଟ୍ ପ୍ରଦାନ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମ ଦୂରଦର୍ଶନ, ରେଡ଼ିଓ ଚ୍ୟାନେଲ, ବିଭିନ୍ନ ଟିଭି ଚ୍ୟାନେଲ ସମେତ, ଶିକ୍ଷା ମନ୍ତ୍ରଣାଳୟ, ନରେନ୍ଦ୍ର ମୋଦି, ପିଏମଓ ଇଣ୍ଡିଆ, ପିଆଇବି ଇଣ୍ଡିଆ ଭଳି ଡ଼ିଜିଟାଲ ପ୍ଲାଟଫର୍ମ ତଥା ୟୁଟ୍ୟୁବ ଚ୍ୟାନେଲ ସମେତ ଦୂରଦର୍ଶନ ନ୍ୟାସନାଲ, ଡ଼ିଡି ନ୍ୟୁଜ୍, ମାଇ ଗଭ.ଇଣ୍ଡିଆ, ସଂସଦ ଟିଭି ଏବଂ ସ୍ୱୟଂପ୍ରଭାରେ ସିଧାସଳଖ ପ୍ରସାରଣ କରାଯିବ ।

## ସପ୍ତମ ବେତନ କମିଶନର....

ଗ୍ରହଣ କରି ଏହାକୁ ୨୦୧୬ ଜାନୁଆରୀ ମାସ ଠାରୁ ଲାଗୁ କରିଥିଲେ ଏବଂ ୨୦୧୭ ସେପ୍ଟେମ୍ବର ମାସଠାରୁ ବର୍ଦ୍ଧିତ ଦରମା ପ୍ରଦାନ କରିଥିଲେ । କର୍ମଚାରୀମାନେ ସପ୍ତମ ବେତନ କମିସନ ସୁପାରିଶ ଅନୁଯାୟୀ ଜାନୁଆରୀ ୨୦୧୬ରୁ ଅଗଷ୍ଟ ୨୦୧୭ ମଧ୍ୟରେ ୨୦ ମାସର ବର୍ଦ୍ଧିତ ବକେୟା ଦରମା ବିଭିନ୍ନ କିସ୍ତିରେ ଦେବାକୁ ନିଷ୍ପତି ହୋଇଥିଲା । ଏହି ନିଷ୍ପତି ଅନୁଯାୟୀ ୨୦୧୭-୧୮ରେ ୪୦ ପ୍ରତିଶତ, ୨୦୧୯-୨୦ରେ ୧୦ ପ୍ରତିଶତ ଓ ୨୦୨୧-୨୨ରେ ୩୦ ପ୍ରତିଶତ ବକେୟା ପ୍ରଦାନ କରାଯାଇଥିଲା । ପୂର୍ବରୁ ପେନ୍ସନଭୋଗୀ ମାନେସେମାନଙ୍କ ଦରମାର ଶତକଡା ୧୦୦ ପ୍ରତିଶତ ପାଇସାରିଛନ୍ତି ।

## ଚାଇନାକୁ ଫେରିଲା ଲକଡାଉନ....

ଏଡାଇବା ପାଇଁ ଚୀନର ଶୁନ୍ୟ ସହିଷ୍ଣୁତା ନୀତି ମଧ ଫେଲ ମାରିଛି । ଚୀନର ସାଙ୍ଘାଇ ସହର କରୋନା ହଟସ୍ପଟ ପାଲଟିଛି । ରବିବାର କେବଳ ସାଙ୍ଘାଇରେ ୪ ହଜାର ୫ ଶହ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଯାହା ଚୀନର ଚିନ୍ତା ବଢାଇଛି । କାରଣ ସ୍ୱାସ୍ଥ୍ୟ ମନ୍ତ୍ରାଳୟର ରିପୋର୍ଟ ଅନୁସାରେ ରବିବାର ସାମ୍ନାକୁ ଆସିଥିବା ମାମଲା ୨୦୧୯ ମସିହା ପରେ ସବୁଠୁ ଅଧିକ । ସେପଟେ ବଢୁଥିବା କରୋନା ସଂକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ କୋଭିଡ ଟେଷ୍ଟିଂ ପ୍ରକ୍ରିୟାକୁ ବ୍ୟାପକ କରିଛି ଚୀନ୍ । ଓମିକନ ଭାରିଆଂଟ ଚୀନ ସମେତ ଆମେରିକା ଓ ୟୁରୋପୀୟ ଦେଶରେ ମଧ ଦୃତ ଗତିରେ ବ୍ୟାପିବା ଆରମ୍ଭ କରିଛି । ତେବେ ଦୃତଗତିରେ ବ୍ୟାପୁଥିବା ସଂକ୍ରମଣ ଚତୁର୍ଥ ଲହର ଆଣିପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି ।

## 'ନୀଳପ୍ରଭା ସାହିତ୍ୟ ପରିଷଦ'ର....

କବି କାଳିକିଙ୍କର ଦାସ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ସାହିତ୍ୟର ବିବିଧ ଦିଗ ଉପରେ ଆଲୋକପାତ କରି ଗ୍ରାମାଞ୍ଚଳରେ ଦୀର୍ଘବର୍ଷ ଧରି ଏଭଳି ଏକ ସାହିତ୍ୟ ସମାରୋହ ଆୟୋଜନ କରିବା ଦିଗରେ ଗଙ୍ଗାଧର ଦାସଙ୍କର ପ୍ରଚେଷ୍ଟାକୁ ଭୂୟସୀ ପ୍ରଶଂସା କରିଥିଲେ । 'ସୁବର୍ଣ୍ଣଶ୍ରୀ ପ୍ରକାଶିନୀ' ଦ୍ୱାରା ପ୍ରକାଶିତ ପୁସ୍ତକ ଦ୍ୱୟର ଲେଖକ ଗଙ୍ଗାଧର ଦାସ ଓ ବିଜୟ ଉପାଧ୍ୟାୟ ନିଜ ନିଜର କବିତାପୁସ୍ତକ ସମ୍ପର୍କରେ ସମ୍ୟକ୍ ଆଲୋଚନା କରିଥିଲେ । ଚଳିତବର୍ଷ ପାଇଁ ବରିଷ୍ଠ କବି ବ୍ରଜେନ୍ଦ୍ରନାଥ ଗିରି ଓ ରାଜିବ ଲୋଚନ ଚୌଧୁରୀଙ୍କୁ 'ନୀଳପ୍ରଭା ସାରସ୍ୱତ ସମ୍ମାନ' ଅନୁଷ୍ଠାନ ପକ୍ଷରୁ ପ୍ରଧାନ କରାଯାଇଥିଲା । ବିଭିନ୍ନ ଅଞ୍ଚଳରୁ ବହୁ ଲେଖକ ଓ ସାହିତ୍ୟାନୁରାଗୀ ବିଶିଷ୍ଟ ବ୍ୟକ୍ତି ଏହି ସମାରୋହରେ ଯୋଗଦାନ କରିଥିଲେ । ଅଧାପକ ପ୍ରଦୀପ୍ତ କୁମାର ମିଶ୍ର ଉତ୍ସବଟିକୁ ସଂଯୋଜନା କରିଥିଲେ ।

## ଅଧୀକ୍ଷଣ ଯନ୍ତ୍ରୀ ଭିଜିଲାନ୍ସ ଜାଲରେ....

ପରିମାଣ ନଗଦ ଟଙ୍କା ଓ ସୁନା ଜବତ ହୋଇଛି । ମାଲକାନାଗିରି ଗ୍ରାମ୍ୟ ନିର୍ମାଣ ଡିଭିଜନ-୧ର ଅଧୀକ୍ଷଣ ଯନ୍ତ୍ରୀ ଆଶିଷ କୁମାର ଦାସଙ୍କ ବାସଭବନରୁ ଚଢାଉ ବେଳେ ଜବତ ନଗଦ ଟଙ୍କା ଦେଖି ତାଟକା ହୋଇଛନ୍ତି ଭିଜିଲାନ୍ସ ଅଧିକାରୀ । ଲଗାତାର ୪ ଦିନ ହେଲା ମାଲକାନଗିରି, ଭୁବନେଶ୍ୱର ଉପକଣ୍ଠ ବାରଙ୍ଗ, କଟକର ତ୍ରିଶୁଳିଆ, ବେଲଗାଛିଆରେ ଚଢାଉ କରି ୧କୋଟି ୩୯ ଲକ୍ଷ ନଗଦ ଟଙ୍କା ଜବତ କରାଯାଇଛି । ଏହାଛଡା ୧ କିଲୋ ୨ଶହ ଗ୍ରାମ ସୁନା ଜବତ କରିଛି ଭିଜିଲାନ୍ସ । ଅଧୀକ୍ଷଣ ଯନ୍ତ୍ରୀଙ୍କ ବାସଭବନରୁ ୧୨ଟି ପାସବୁକ ଜବତ ହୋଇଛି । ପରିବାର ସଦସ୍ୟ ଓ ସଂପର୍କୀୟଙ୍କ ନାଁରେ ଥିବା ଏହି ପାସବୁକରେ ୨ କୋଟି ୨୫ ଲକ୍ଷ ଟଙ୍କା ଜମା ଥିବା ଜଣାପଡିଛି । ଫିକ୍ସ ଡିପୋଜିଟ୍, ସେଭିଙ୍ଗସ, ଇନସ୍ୟୁରାନ୍ସ ନେଇଥିବା ଟଙ୍କାକୁ ମିଶାଇଲେ ୪ କୋଟି ଟଙ୍କା ହେଉଥିବା କହିଛନ୍ତି ମାଲକାନଗିରିର ଭିଜିଲାନ୍ସ ଡିଏସପି । ଏହାଛଡା କେନ୍ଦୁଝର, ଗୁଣପୁର, ଭୁବନେଶ୍ୱରର ବିଭିନ୍ନ ବ୍ୟାଙ୍କରେ ଅଧୀକ୍ଷଣ ଯନ୍ତ୍ରୀ ଆଶିଷ ଦାସ ଓ ତାଙ୍କ ପତ୍ନୀଙ୍କ ନାଁରେ ବହୁ ଲକର ରହିଛି, ସେସବୁ ଖୋଲିଲେ ଯନ୍ତ୍ରୀଙ୍କ ସଂପତିର ପରିମାଣ ଆହୁରି ବଢିଯିବ । ମାଲକାନଗିରିର ବିଚ୍ଛିନ୍ନାଞ୍ଚଳରେ ଓ ଜିଲ୍ଲାରେ ବିଭିନ୍ନ ସ୍ଥାନରେ ଗ୍ରାମ୍ୟ ନିର୍ମାଣ ଡିଭିଜନ ଅଧିନରେ ହେଉଥିବା ଉନ୍ନୟନମୂଳକ କାମରେ ହେରଫେର ଅଭିଯୋଗ ପରେ ଅଧୀକ୍ଷଣ ଯନ୍ତ୍ରୀ ଆଶିଷ ଦାସଙ୍କ ଉପରେ ନଜର ରଖିଥିଲା ଭିଜିଲାନ୍ସ । ଗତ ୨୫ ତାରିଖରେ ବ୍ୟାଙ୍କକୁ ୧୦ ଲକ୍ଷ ଟଙ୍କା ଜମା କରିବାକୁ ଯାଇ ଭିଜିଲାନ୍ସ ଜାଲରେ ପଡିଥିଲେ ଆଶିଷ । ଟଙ୍କାର ହିସାବ ଦେଇନପାରିବାରୁ ତାଙ୍କୁ ଗିରଫ କରି ବିଭିନ୍ନ ସ୍ଥାନରେ ଥିବା ତାଙ୍କ ବାସଭବନରେ ଭିଜିଲାନ୍ସ ଚଢାଉ କରୁଛି ।

## ବିଜୁ ଜନତା ଦଳ ଉଦଳା ନଗରସଭାପତି ପଦରୁ ବନମାଳୀ ଦେଲେ ଇସ୍ତଫା

ଉଦଳା, ୨୮/୦୩ (ନି.ପ୍ର): ବିଜୁ ଜନତା ଦଳର ଉଦଳା ନଗର ସଭାପତି ଦାୟିତ୍ୱ ତୁଲାଉଥିବା ବନମାଳୀ ବେହେରା ଆଜି ମାର୍ଚ୍ଚ ୨୮ ତାରିଖ ସୋମବାର ଦିନ ନିଜର ପଦରୁ ଇସ୍ତଫା ଦେଇଥିବାର ଜଣା ଯାଇଛି । ସେ ତାଙ୍କର ଇସ୍ତଫା ପତ୍ର ବିଜୁ ଜନତା ଦଳର ଜିଲ୍ଲା ସଭାପତି ବାରିପଦାଙ୍କୁ ପ୍ରଦାନ କରିଥିବାର ପ୍ରକାଶ କରିଛନ୍ତି । ଏ ବାବଦରେ ସେ ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ଜଣାଇଛନ୍ତି ଯେ ବିଜୁ ଜନତା ଦଳର ଜଣେ ଶୃଙ୍ଖଳିତ ସଦସ୍ୟ ଭାବେ ଦିର୍ଘ ୩୨ ବର୍ଷରୁ ଉର୍ଦ୍ଧ ସମୟ ଧରି ମୁଁ କାର୍ଯ୍ୟ କରି ଆସୁଛି । ମାତ୍ର ଗତ ପୌର ନିର୍ବାଚନରେ ଉଦଳା ଏନ୍.ଏ.ସି.ରେ ଦଳର ଫଳାଫଳ ନୈରାଶ୍ୟ ଜନକ ହେବା ଏବଂ ଅଧକ୍ଷା ପଦ ହରାଇଥିବାରୁ ସେ ଏଥିପାଇଁ ନିଜକୁ ଦାୟୀ କରିବା ସହିତ ପଦରୁ ଇସ୍ତଫା ପ୍ରଦାନ କରିଥିବାର ଜଣାଇଛନ୍ତି ।

## ପଞ୍ଚୁପାଲିରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବାକୁ ଦାବି

ଲଙ୍ଗଳେଶ୍ୱର, ୨୮/୦୩ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଲି ଠାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବାକୁ ସାଧରଣରେ ଦାବି ହେଉଛି ।ଦକ୍ଷିଣ ବାଲିଆପାଳ ଅଞ୍ଚଳ ର ପଞ୍ଚୁପାଲି,ଜମ୍ବୀରାଇ,ନୂଆଗାଁ ରତାଇ,ଜଗତିପୁର, ଇତ୍ୟାଦି ପଞ୍ଚାୟତ ର ତିରିଶଟି ଗ୍ରାମର ତିରିଶ ହଜାର ରୁ ଉର୍ଦ୍ଧ୍ୱ ଲୋକେ ଆଖ ପାଖ ଅଞ୍ଚଳ ର ଡାକ୍ତରଖାନା ନ ଥିବା ଯୋଗୁଁ ଚିକିତ୍ସା ପାଇଁ ବହୁ ହଇରାଣ ହରକତ ହେଉଛନ୍ତି ।ତେଣୁ ଏଇ ପଞ୍ଚାୟତ ମାନଙ୍କର କେନ୍ଦ୍ରସ୍ଥଳ ପଞ୍ଚୁପାଲି ଠାରେ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ହେଲେ ଲୋକେ ଉପକାର ପାଇବେ ବୋଲି ଦାବି କରିଛନ୍ତି । ବାଲିଆପାଳ ବ୍ଲକ ର ଦୁଇଟି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଥିବା ବେଳେ ସାତ ଟି ନିଉ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଛି ।କିନ୍ତୁ ପଞ୍ଚୁପାଲି ଅଞ୍ଚଳ ରେ ନ ଥିବା ଯୋଗୁଁ ଦୀର୍ଘବର୍ଷ ଧରି ନୂଆ ଡାକ୍ତରଖାନା ନିର୍ମାଣ ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ ହେଁ ଏଯାଏଁ କିଛି ସୁ ଫଳ ମିଳୁନି ।ରାଜନୈତିକ ଇଛାଶକ୍ତି ର ଅଭାବ ଏବଂ ବିଭାଗୀୟ କର୍ତ୍ତୃପକ୍ଷ ଙ୍କ ମାନମୁଖୀ କାର୍ଯ୍ୟ ଯୋଗୁଁ ଏହା ସମ୍ଭବ ହୋଇପାରିନି । ଯାହାଫଳରେ କୌଣସି ରୋଗ ହେଲେ ଚିକିତ୍ସା ପାଇଁ ଏ ଅଞ୍ଚଳ ଲୋକ ପନ୍ଦର କୋଡିଏ କି:ମି: ଦୂର ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର,ଲଙ୍ଗଳେଶ୍ୱର ବା ପ୍ରତାପପୁର ସ୍ୱାସ୍ଥ୍ୟକେନ୍ଦ୍ର କୁ ଚିକିତ୍ସା ହେବାକୁ ବାଧ ହୋଇ ଯାଇଥାନ୍ତି ।ନଚେତ ସ୍ଥାନୀୟ କ୍ୱାକ ଡାକ୍ତର, ନକଲି ଡାକ୍ତର ଙ୍କ ଠାରେ ଚିକିତ୍ସା ହେବାକୁ ବାଧ ହୁଅନ୍ତି । ସେଥିପାଇଁ ଏଇ ଗ୍ରାମ ମାନଙ୍କରେ ନକଲି ଡାକ୍ତରଙ୍କ ସଂଖ୍ୟା ବଢି ବଢି ଚାଲିଛି । ପଞ୍ଚୁପାଲି ରେ ଯଦିଓ ଏକ ଆୟୁର୍ବେଦିକ ଚିକିତ୍ସାଳୟ ଅଛି କିନ୍ତୁ ଆୟୁର୍ବେଦିକ ଚିକିତ୍ସା ପ୍ରତି ଲୋକଙ୍କ ଆଗ୍ରହ ନ ଥିବା ଏବଂ ଅଧିକାଂଶ ଦିନ ଡାକ୍ତର ନ ଥିବା ଯୋଗୁଁ ସେଠାକୁ ରୋଗୀ ଚିକିତ୍ସା ପାଇଁ ଯାଆନ୍ତି ନାହିଁ ।ତେଣୁ ଏଠାରେ ଏକ ସରକାରୀ ପ୍ରାଥମିକ ଚିକିତ୍ସକେନ୍ଦ୍ର ଖୋଲିବାକୁ ସମାଜ ସେବୀ ସୁବଳ ଚନ୍ଦ୍ର ଦାସ,ନରିନେତ୍ରୀ ସାରଦା ଗିରି, ରାମ ରଞ୍ଜନ ରାଉତ, କବିବର ଦାସ,ଅନନ୍ତ ଦାସ, ରବୀନ୍ଦ୍ର ମହାନ୍ତି,ରବୀନ୍ଦ୍ର ସେଠି, ପ୍ରମଥ ମଣ୍ଡଳ, କାର୍ତିକ ପାତ୍ର, ହରିପଦ ରଣା, ସମେତ ଶହ ଶହ ଲୋକ ବାଲେଶ୍ୱର ସିଡିଏମୋ ଏବଂ ଜିଲ୍ଲାପାଳ ଙ୍କ ଠାରେ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ ହେଁ କିଛି ସୁଫଳ ମିଳିନି ।ଖୁବଶୀଘ୍ର ଡାକ୍ତରଖାନା ନିର୍ମାଣ ନ ହେଲେ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଲୋକେ ଚେତାବନୀ ଦେଇଛନ୍ତି ।

## କର୍କଟ ରୋଗରେ ଯୁବକ ମୃତ

ବାଲିଆପାଳ, ୨୮/୦୩ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ପ୍ରତାପପୁର ପଂଚାୟତ ନଇଘାଟୀ ଗ୍ରାମର ବଟକୃଷ୍ଣ ପ୍ରାଣିଗ୍ରାହୀ ଆଜି ପରଲୋକ ହୋଇଯାଇଛି । ସେ ଦୀର୍ଘ ଦିନ ହେଲା କର୍କଟ ରୋଗରେ ପୀଡିତ ଥାଇ ଚିକିତ୍ସା ହୋଇ ଆସୁଥିଲେ । ଆଜି ଅପରାହ୍ନରେ ତାଙ୍କ ବାସ ଭବନରେ ମୃତ୍ୟୁ ହୋଇଯାଇଛି । ବଟକୃଷ୍ଣ ଜଣେ ପରଉପକାରୀ ଓ ମେଳାପି ବ୍ୟକ୍ତି ଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ବହୁ ଗ୍ରାମବାସୀ ଶେଷ ଦର୍ଶନ କରିବା ସହିତ ଅମରଆତ୍ମାର ସଦଗତି କାମନା କରୁଥିଲେ ।

## ବିସିପିଏଲ ସିଜନ - ୪ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ



ବାରିପଦ, ୨୮/୦୩ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଡିଆରକେ କ୍ଲବ ଆନୁକୂଲ୍ୟରେ ଓ ମୟୂରଭଞ୍ଜ ଏଥଲେଟିକ ଆସୋସିଏସନର ସହଯୋଗରେ ଆୟୋଜିତ ବାରିପଦା କ୍ରିକେଟ ପ୍ରିମିୟାର ଲିଗ ସିଜନ-୪ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜିର ପ୍ରଥମ ମ୍ୟାଚରେ କଳିଙ୍ଗ କିଙ୍ଗସ ମା ଜଗଦ୍ଧାତ୍ରୀ ୱରିୟାର୍ସକୁ ୪୪ ରନରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି କଳିଙ୍ଗ କିଙ୍ଗସ ୨୦ ଓଭରରେ ୯ ଉଇକେଟ ହରାଇ ୧୬୨ ରନ କରିଥିଲେ । ଦଳ ପକ୍ଷରୁ ଦିବ୍ୟରଞ୍ଜନ ଦାସ ୫୧, ଦେବାଶିଷ ମହାନ୍ତ ୪୦ ଓ ସଞ୍ଜୟ ସିଂହ ୨୪ ରନ କରିଥିବାବେଳେ ବିପକ୍ଷ ଦଳର ପ୍ରିତମ ପଣ୍ଡା ଓ କିଶୋର ପଲେଇ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ମା ଜଗଦ୍ଧାତ୍ରୀ ୱରିୟାର୍ସ ୨୦ ଓଭରରେ ୭ ଉଇକେଟ ହରାଇ ମାତ୍ର ୧୧୮ ରନ କରିଥିଲେ । ଦଳ ପକ୍ଷରୁ ଅଜୁ ମହାନ୍ତ ୩୪ ଓ ଅରିଜିତ ମିଶ୍ର ୨୭ ରନ କରିଥିବାବେଳେ ବିପକ୍ଷ ଦଳର ସଞ୍ଜୟ ସିଂହ ୩, ତଥା ସାଇବା ସିଂହ ଓ ଦୀପକ ମୁଣ୍ଡା ୨ ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ଆଜିର ଖେଳକୁ ଦିଲ୍ଲୀପ ଦାସ ଓ ଅଭିଳାଷ ବିଶ୍ୱାଳ ପରିଚାଳନା କରିଥିବାବେଳେ ସମ୍ବିତ ମହାରଣା ସ୍କୋରିଙ୍ଗରେ ସହାୟତା କରିଥିଲେ । ପଙ୍କଜ ମହାକୁଡ଼ ଓ ସନ୍ଦୀପ ବାସ୍କେ ଧାରାବିବାରଣୀ ପ୍ରଦାନ କରିଥିଲେ । ଆୟୋଜକ ସତ୍ୟନାରାୟଣ ଜୀଉ, ଆଭାସ ଦେ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଆଜିର ଦ୍ୱିତୀୟ ମ୍ୟାଚ ପରି ଚାଲେଞ୍ଜର୍ସ ଓ ରାଗିଙ୍ଗ ବୁଲ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ଆୟୋଜକ ଅମିତାଭ ଦାସଙ୍କ ସୂତ୍ରରୁ ପ୍ରକାଶ ।

# ବାରିପଦା ମୋହରିର ସଂଘ ନିର୍ବାଚନ



ବାରିପଦା, ୨୮/୦୩ (ନି.ପ୍ର): ବାରିପଦା ମୋହରିର ସଂଘର ସମସ୍ତ କର୍ମକର୍ତ୍ତା ଓ ସାଧାରଣ ସଦସ୍ୟଙ୍କର ଉପସ୍ଥିତରେ ନିର୍ବାଚନ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ମୋହରିର ଶ୍ରୀଯୁକ୍ତ ଅରୁଣ କୁମାର ଘୋଷଙ୍କ ପ୍ରସ୍ତାବ କ୍ରମେ ବରିଷ୍ଠ ମୋହରିର ବିଦ୍ୟାଧର ରାଜଙ୍କ ସୁଚିନ୍ତିତ ପରାମର୍ଶ ଓ ଉପସ୍ଥିତ ସଦସ୍ୟଙ୍କର କରତାଳି ସହ ସମ୍ମତିକ୍ରମେ ପୂର୍ବକମିଟି ଆଗାମୀ ୨ବର୍ଷ ପାଇଁ କାର୍ଯ୍ୟକରିବା ପାଇଁ ସ୍ଥିର କରାଗଲା । ଏହି କମିଟିରେ ସର୍ବଶ୍ରୀ ଶରତ ଚନ୍ଦ୍ର ନାୟକ, ସଭାପତି ଚତୁର୍ଭୁଜ ପାତ୍ର ଉପ-ସଭାପତି, ସଂଗ୍ରାମ ଶତପଥି ସମ୍ପାଦକ ସୁଶାନ୍ତ ପାଢୀ ସହ ସମ୍ପାଦକ, ଯତିନ ଚନ୍ଦ୍ରଗିରି କୋଷାଧକ୍ଷ ଓ କାର୍ଯ୍ୟକାରିଣୀ କମିଟିର ସଦସ୍ୟ ବିରଞ୍ଚି ନାରାୟଣ ଷଡଙ୍ଗି, ବସନ୍ତ କୁମାର ପାଣିଗ୍ରାହୀ, ଅନନ୍ତ କୁମାର ଦାସ, ବିଜୟାନନ୍ଦ ଦେଓ, ପିତାମ୍ବର ମଲ୍ଲିକ, ସୁଶିଲ କୁମାର ପଟ୍ଟନାୟକ, ଧାନରାମ ସୋରେନ, ପିଥ ମାର୍ଣ୍ଡି, ସଦାଶିବ ବେହେରା, ରତ୍ନାକର ସିଂ, ତପନ କୁମାର ପଲେଇ, ସର୍ବ ସମ୍ମତି କ୍ରମେ ନିର୍ବାଚିତ ହେଲେ ।

# ଭାରତବନ୍ଦ ଡାକରାର ପ୍ରଥମ ଦିବସ : ଜାତୀୟ ରାଜପଥ ସମ୍ପୂର୍ଣ୍ଣ ଠପ୍



ଭଦ୍ରକ,୨୮/୦୩ (ନି.ପ୍ର): ଦେଶର ୧୧ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ୍ ଏବଂ ରାଜ୍ୟ କେନ୍ଦ୍ର ବ୍ୟାଙ୍କ ବୀମା ଆଦି ସ୍ୱାଧୀନ କର୍ମଚାରୀ ଫେଡେରେସନ୍ ସମୂହ ପକ୍ଷରୁ ୧୨ଦଫା ଦାବିରେ ୨ ଦିନିଆ ବନ୍ଦ ଡାକରାର ଆଜି ହେଉଛି ପ୍ରଥମ ଦିବସ । ସୋମବାର ସକାଳ ୬ଟାରେ ଏଆଇସିସିଟିୟୁ ପକ୍ଷରୁ ଦଳର ସଭାପତି ସମର ବଳ, ଜୟନ୍ତୀ ବିଶ୍ୱାଳ, କିଶୋର ଜେନାଙ୍କ ନେତୃତ୍ୱରେ ବହୁ କର୍ମୀ ସ୍ଥାନୀୟ ଷ୍ଟେସନରେ ପହଞ୍ଚି ରେଳ ଧାରଣା ଉପରେ ବସି ରହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଫଳରେ କିଛି ସମୟ ପାଇଁ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ରେଳବାଇ ପୁଲିସ ୬ଜଣ କର୍ମୀଙ୍କୁ ଉଠାଇ ନେଇ ଥାନାରେ ଅଟକ ରଖିବା ପରେ ରେଳ ଚଳାଚଳ ସ୍ୱାଭାବିକ୍ ହୋଇଥିଲା । ପରେ ଏଆଇସିସିଟିୟୁ ପକ୍ଷରୁ ସକାଳ ୭ଟାରେ ଭଦ୍ରକ କଲେଜ ଛକ ସାଳନ୍ଦୀ ବ୍ରିଜ ଉପରେ ୧୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରାଯାଇଥିଲା । ଦଳର ଜିଲ୍ଲା ସଭାପତି ଶ୍ରୀ ବଳଙ୍କ ସମେତ ଫକୀର ମୋହନ ମଲ୍ଲିକ, ରମାକାନ୍ତ ଦାସ, ରୂପା ପାତ୍ର, ଗାୟତ୍ରୀ ବେହେରା, ସୁଶାନ୍ତ ଦାସ, ଲକ୍ଷ୍ମୀଧର ସାମଲ, ମାନସ ବେହେରା, ବିଷ୍ଣୁ ମୋହନ ସାହୁ, ଦୁଷ୍ମନ୍ତ ପାଢ଼ୀ, ମନୋଜ ପାଲଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ରହି ରାଜପଥ ଅବରୋଧ କରିଥିଲେ । ଫଳରେ ମଧ୍ୟାହ୍ନ ୨ଟା ପର୍ଯ୍ୟନ୍ତ ଜାତୀୟ ରାଜପଥ ସମ୍ପୂର୍ଣ୍ଣ ଠପ ହୋଇ ଯାଇଥିଲା । ତେବେ ସହରର ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ବ୍ୟାଙ୍କ, ବୀମା କାର୍ଯ୍ୟାଳୟ, ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ଦଳର କର୍ମୀମାନେ ପିପେଟିଂ କରି ଏସବୁକୁ ବନ୍ଦ କରି ଦେଇଥିଲେ । ପ୍ରକାଶଯୋଗ୍ୟ ଚାରିଟି ଶ୍ରମକୋର୍ଡ ବାତିଲ, ଅତ୍ୟାବଶ୍ୟକ ପ୍ରତିରକ୍ଷା ସେବା ଆଇନ୍ ବାତିଲ, କୃଷି ଆଇନ୍ ବାତିଲ ଏବଂ ପରବର୍ତ୍ତୀ ସଂଯୁକ୍ତ କିଷାନମୋର୍ଚ୍ଚା ୬ ଦଫାଦାବି ଗ୍ରହଣ, ଘରୋଇକରଣ ବନ୍ଦ କରିବା ସହ ଏମଏନପି ବାତିଲ, ମାସିକ ସର୍ବନିମ୍ନ ମଜୁରୀ ୨୬ ହଜାର ଟଙ୍କା ପ୍ରଦାନ, ଆୟକର ବାହାରେ ଥିବା ପରିବାରକୁ ମାସିକ ୭,୫୦୦ ଟଙ୍କା ଦେବା ସହିତ ଖାଦ୍ୟ ସହାୟତା ପ୍ରଦାନ, ମନରେଗା କାର୍ଯ୍ୟ ଦିବସ ବୃଦ୍ଧି ସହ ସହରାଞ୍ଚଳକୁ ନିଶ୍ଚିତ ରୋଜଗାର ଯୋଜନା ସହ ବିସ୍ତାରିତ କରିବା, ଅଙ୍ଗନବାଡ଼ି, ଆଶା, ପାଚିକା ଭଳି ସ୍କିମ୍ ଶ୍ରମିକମାନଙ୍କୁ ସର୍ବନିମ୍ନ ମଜୁରୀ, ଶ୍ରମିକର ମାନ୍ୟତା ସହ ସାମାଜିକ ସୁରକ୍ଷା ପ୍ରଦାନ ପରି ଦାବିରେ ଏହି ବନ୍ଦ ଡାକରା ଦିଆଯାଇଥିଲା ।

# ବାଲେଶ୍ୱରରେ ଶାନ୍ତି ଶୃଙ୍ଖଳାର ସହ ପ୍ରଥମ ଦିନ ବନ୍ଦ ପାଳନ

ବାଲେଶ୍ୱର,୨୮/୦୩ (ନି.ପ୍ର): କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ଜାତୀୟ ଫେଡେରେସନ୍‌ମାନଙ୍କ ମିଳିତ ଆହ୍ୱାନରେ ଦେଶବ୍ୟାପୀ ଆରମ୍ଭ ହୋଇଥିବା ଦୁଇଦିନିଆ ଧର୍ମଘଟ ତଥା 'ଭାରତବନ୍ଦ' ପ୍ରଥମ ଦିନରେ ବାଲେଶ୍ୱରରେ ଶାନ୍ତିଶୃଙ୍ଖଳାର ସହ ପାଳିତ ହୋଇଯାଇଛି । ଶ୍ରମିକ ସଂଘ ସମନ୍ୱୟ ସମିତି 'ଟିୟୁଏସିସି'ଅନ୍ତର୍ଗତ ଏକାଧିକ ଶ୍ରମିକ ସଂଗଠନଙ୍କ ସମେତ ବ୍ୟାଙ୍କ କର୍ମଚାରୀ ସଂଘ, ଜୀବନବୀମା କର୍ମଚାରୀ ସଂଘ,ସାଧାରଣ ବୀମା କର୍ମଚାରୀ ସଂଘ, ପରିବହନ ଶ୍ରମିକ କର୍ମଚାରୀ ସଂଘ, ପଥ ବିକ୍ରେତା ସଂଘ, ଅଙ୍ଗନୱାଡ଼ି କର୍ମୀ ସଂଘ, ପାଚିକା ସହାୟିକା ସଂଘ, ପ୍ରତିରକ୍ଷା ଠିକା କର୍ମଚାରୀ ସଂଘ, ବିକ୍ରୟ ପ୍ରତିନିଧି ସଂଘ, ପାୱାର ଏମ୍ପ୍ଲୋଇଜ୍ ୟୁନିୟନ, ରିକ୍ସା ଓ ଅଟୋରିକ୍ସା ଚାଳକ ସଂଘ, ମାଲଗୋଦାମ ମୁଟିଆ ସଂଘ ପ୍ରଭୃତିଏହି ଦୁଇଦିନିଆ ଧର୍ମଘଟରେ ସାମିଲ ହୋଇଛନ୍ତି । ବିଭିନ୍ନ ସଂଗଠନର କର୍ମକର୍ତ୍ତା ତଥା ସଦସ୍ୟମାନେ ମିଳିତ ଭାବେ ସକାଳେ ପ୍ରଥମେ ବାଲେଶ୍ୱରରେ ରେଳରୋକ କରିଥିଲେ । ଆନ୍ଦୋଳନକାରୀମାନେ ଭଦ୍ରକ-ହାଓଡ଼ା ଏକ୍ସପ୍ରେସ, କରମଣ୍ଡଳ ସୁପରଫାଷ୍ଟ ଓ ବାଙ୍ଗିରିପୋଷି-ଭୁବନେଶ୍ୱର ସୁପରଫାଷ୍ଟ ଟ୍ରେନକୁ ବାଲେଶ୍ୱର ରେଳ ଷ୍ଟେସନରେ ପ୍ରାୟ ଦେଢ଼ଘଣ୍ଟା ପର୍ଯ୍ୟନ୍ତ ଅଟକାଇଥିଲେ । ସେହିଭଳି ଜିଲାର ଅନ୍ୟାନ୍ୟ ଷ୍ଟେସନଗୁଡ଼ିକରେ ମଧ୍ୟ ଏକାଧିକ ଟ୍ରେନ୍ ଅଟକି ରହିବା ଫଳରେ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । କେବଳ ଟ୍ରେନ୍ ନୁହେଁ ବରଂ ସହର ସମେତ ଜିଲାର ବସ, ଟ୍ରକ, ଟ୍ରେକର, ଅଟୋ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା । ପରେ ଆନ୍ଦୋଳନକାରୀ ଦଳ ଦଳ ହୋଇ ସହରର ବିଭିନ୍ନ ଅଞ୍ଚଳ ବୁଲି ଦୋକାନ ବଜାର ବନ୍ଦ କରିଥିଲେ । ପୂର୍ବାହ୍ନ ପ୍ରାୟ ୧୦ ଟା ବେଳେ ସେମାନେ ବାଲେଶ୍ୱର ଜିଲା ଜଜଙ୍କ କୋର୍ଟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଜିଲା ଜଜଙ୍କ ସମେତ ଅନ୍ୟାନ୍ୟ ବିଚାରପତି ଅଦାଲତକୁ ଆସି ବିକ୍ଷୋଭକାରୀଙ୍କ ବିରୋଧ ଯୋଗୁଁ ଫେରି ଯାଇଥିଲେ । ବାଲେଶ୍ୱର ସହରର ଏକାଧିକ କୋର୍ଟ, ବିଭିନ୍ନ ବ୍ୟାଙ୍କ, ତହସିଲ, ସବ-ରେଜିଷ୍ଟ୍ରାର ଅଫିସ ପ୍ରଭୃତିରେ ସ୍ୱାଭାବିକ କାର୍ଯ୍ୟ ଚାଲିନଥିଲା । ଷ୍ଟେଟବ୍ୟାଙ୍କ କର୍ମଚାରୀ ଓ ଘରୋଇ ବ୍ୟାଙ୍କ କର୍ମଚାରୀମାନେ ଧର୍ମଘଟରେ ଯୋଗ ଦେଇ ନଥିବାରୁ ଆନ୍ଦୋଳନକାରୀମାନେ ଏହି ବ୍ୟାଙ୍କ ଶାଖାଗୁଡ଼ିକ ସମ୍ମୁଖରେ ବିକ୍ଷୋଭ କରଥିଲେ । ଭାରତ ବନ୍ଦର ପ୍ରଥମ ଦିନରେ ଟିୟୁଏସିସିର ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ, ଶ୍ରମିକ ସଂଗଠନ 'ଏଆଇଟିୟୁସି'ର ଶ୍ୟାମସୁନ୍ଦର ଜେନା, ଜୟନ୍ତ ଦାସ, 'ସିଆଇଟିୟୁ'ରୁ ରାଜକିଶୋର ଲେଙ୍କା, ନିର୍ମଳ ନାୟକ, ଈଷାଣୀ ଷଡ଼ଙ୍ଗୀ, ଆଇଏନଟିୟୁସିରୁ ସୁରେଶ ଚନ୍ଦ୍ର ବେହେରା, ବିକାଶ ଦାସ, ବାସନ୍ତି ସାମଲ, 'ଏଆଇୟୁଟିୟୁସି'ରୁ ରବୀନ୍ଦ୍ର ବେହେରା, ପ୍ରଶାନ୍ତ ଦାସ, ଏଚଏମଏସରୁ ଅରୁଣ କୁମାର ସ୍ୱାଇଁ, ଗଦାଧର ପ୍ରଧାନ, ପୀତାମ୍ବର ମାଝି, ସର୍ବେଶ୍ୱର ମିଶ୍ର, ଲକ୍ଷ୍ମୀଧର ଗିରି, କୃଷକ ସଂଗଠନରୁ ଅରୁଣ ଜେନାଙ୍କ ସମେତ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରଦୀପ ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବିଭିନ୍ନ ସ୍ଥାନରେ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା । ଏକାଧିକ ପୁଲିସ ପାଟ୍ରୋଲିଂ ଗାଡ଼ି ସହର ମଧ୍ୟରେ ବୁଲିବା ସହିତ ଅଧିକାରୀମାନେ ପରିସ୍ଥିତି ଅନୁଧ୍ୟାନ କରିଥିଲେ ।

ବାଲେଶ୍ୱର, ମଙ୍ଗଳବାର, ୨୯ ମାର୍ଚ୍ଚ, ୨୦୨୨

# ଧ୍ୱନି ପ୍ରତିଧ୍ୱନି



## ଗୋଟିଏ ଦିନରେ ୪୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୮/୦୩ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୪୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୭୫୧୨କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୭୯୨୧ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୧୯ ରହିଛି । ଆଜି ଚିହ୍ନଟ ହୋଇଥିବା ୪୩ ଜଣଙ୍କ ମଧ୍ୟରୁ ୨୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୧ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସବୁଠାରୁ ଅଧିକ ୧୦ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାର ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ବାଲେଶ୍ୱର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବଲାଙ୍ଗୀର ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୪ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଢେଙ୍କାନାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଜପତି ଜିଲ୍ଲାରୁ ୫, ଗଂଜାମ ଜିଲ୍ଲାରୁ ୧ ଜଣ ସଂକ୍ରମିତ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ଚିହ୍ନଟ ହୋଇ ନାହାନ୍ତି । ଯାଜପୁରରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା, କଳାହାଣ୍ଡି ଓ କନ୍ଧମାଳ ଜିଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

## ବାଲିଆପାଳରେ ଭାରତବନ୍ଦ ପ୍ରଭାବହୀନ

ବାଲିଆପାଳ, ୨୮/୦୩ (ନି.ପ୍ର): ଟ୍ରେଡ ୟୁନିୟନ ଡାକରାରେ ଭାରତବନ୍ଦ ଆଜି ବାଲିଆପାଳ ବ୍ଲକରେ ପ୍ରଭାବ ବିହୀନ ହୋଇଛି । ହାଟ ବଜାର ଛକସ୍ଥାନମାନଙ୍କରେ ଥିବା ସମସ୍ତ ଦୋକାନ ଖୋଲା ରହିଥିଲା । ବସ ଚଳାଚଳ ବ୍ୟାଙ୍କ ସେବା ଆପଣାଛାଏଁ ବନ୍ଦ ରହିଥିଲା । ତେବେ ସକାଳ ୧୦ଟା ସମୟରେ ଟ୍ରେଡ ୟୁନିୟନର କେତେକ ମହିଳା ସମେତ, ନିଖିଳ ଓଡିଶା ଅଙ୍ଗନବାଡି କର୍ମୀ ସଂଘର କିଛି ମହିଳା ପ୍ରିକେଟିଙ୍ଗ କରି ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ ସମେତ ସରକାରୀ ଅଫିସ ଗୁଡିକ ବନ୍ଦ କରିଥିବା ଦେଖିବାକୁ ମିଳିଥିଲା ।

## କଷାଫଳ ବାରୁଣୀସ୍ନାନ ନିମନ୍ତେ ପ୍ରସ୍ତୁତି ବୈଠକ

ବସ୍ତା, ୨୮/୦୩ (ନି.ପ୍ର): ବାରୁଣୀ ସ୍ନାନ ପାଂଇ ଚଳଚଞ୍ଚଳ ହୋଇ ଉଠିଛି ବାଲେଶ୍ୱର ଜିଲ୍ଲା ର ପୂଣ୍ୟାତ୍ମା ସାରଙ୍ଗ ଦେବ ବେଳାଭୂମି କଷାଫଳ ବାରୁଣୀ ଘାଟ, ଆସନ୍ତା ବୁଧବାର ଚୈତ୍ର ମାସ କୃଷ୍ଣପକ୍ଷ ଦ୍ୱାଦଶୀ ତିଥିରେ ଅନୁଷ୍ଠିତ ହେବ ବାରୁଣୀ ସ୍ନାନ, ଭାରତ ବର୍ଷ ରେ ସନାତନ ହିନ୍ଦୁ ଶାସ୍ତ୍ର ମତରେ ବିଭିନ୍ନ ପର୍ବପର୍ବାଣୀ ମଧ୍ୟ ରୁ ଚୈତ୍ର ମାସ ରେ ସ୍ନାନଯୋଗ ଅନ୍ୟତମ, ଏହିଦିନ କଷାଫଳ ବାରୁଣୀ ଘାଟ ରେ ବୁଡ ପକାଇବା ପରେ ସମୁଦ୍ର ବାଲି କୁ ମୁଣ୍ଡରେ ମାରି ପ୍ରଭୁ ଚୈତନ୍ୟ ଦେବଙ୍କ ପଟ୍ଟଶିଷ୍ୟ ସାରଙ୍ଗଦେବ ଙ୍କୁ ଦର୍ଶନ କଲେ ଶ୍ରଦ୍ଧାଳୁ ମାନଙ୍କର ମନସ୍କାମନା ପୂର୍ଣ୍ଣ ହୋଇ ଥାଏ ବୋଲି ବିଶ୍ୱାସ ରହିଛି, ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ ପ୍ରାୟ ୭୦୦୦ ବର୍ଷ ପୂର୍ବରୁ ପ୍ରଭୁ ଚୈତନ୍ୟ ଦେବ ନଗରଦୀପ ରୁ ସମୁଦ୍ର କୂଳ ଦେଇ ପୁରୀ ଯିବା ବାଟରେ ଏହି କଷାଫଳ ବେଳାଭୂମି ରେ ଶ୍ରମଭାର ଲାଘବ ଓ ତୃଷା ନିବାରଣ ପାଂଇ ଏକ ବୃକ୍ଷ ମୂଳରେ ବିଶ୍ରାମ ନେଇଥିଲେ, ଚୈତନ୍ୟ ଦେବ ଙ୍କ ତୃଷା ମେଣ୍ଟାଇବା ପାଂଇ ମଧୁର ପାଣି ନମିଳିବାରୁ ଶିଷ୍ୟ ସାରଙ୍ଗଦେବ ଏକ ଗଛ ର ଫଳ ରୁ ରସ ବାହାର କରି ଚୈତନ୍ୟ ଦେବଙ୍କୁ ପିଇବାକୁ ଦେଇଥିଲେ, ସେହି ଫଳରସ ର ସ୍ୱାଦ କଷା ହୋଇଥିବା ରୁ ଚୈତ୍ୟନ୍ୟ ଦେବ ଗଛ ଟିର ନାମ କଷାଫଳ ରଖିବା ସହିତ ସେହିଦିନ ଠାରୁ ଏହି ଅଞ୍ଚଳ କଷାଫଳ ପଞ୍ଚାୟତ ନାମରେ ନାମିତ ହୋଇଛି, ଏଠାରେ ଥିବା ବାବା ସାରଙ୍ଗଦେବ ଙ୍କ ମନ୍ଦିର ପାର୍ଶ୍ୱ ରେ ପ୍ରଭୁ ଜଗନ୍ନାଥଙ୍କ ମନ୍ଦିର ମଧ୍ୟ ରହିଛି, ବାରୁଣୀ ଘାଟ ରେ ବୁଡ ପକାଇବାକୁ ଆସୁଥିବା ଲକ୍ଷାଧିକ ଶ୍ରଦ୍ଧାଳୁ ସାରଙ୍ଗଦେବଙ୍କ ଦର୍ଶନ କରିବା ସହିତ ଜଗନ୍ନାଥଙ୍କ ଦର୍ଶନ ମଧ୍ୟ କରିଥାନ୍ତି, ସେଥିପାଂଇ ପ୍ରତିବର୍ଷ ଓଡିଶା ସମେତ ପଶ୍ଚିମବଙ୍ଗ, ବିହାର, ଝାଡଖଣ୍ଡ ଆଦି ରାଜ୍ୟ ରେ ଲକ୍ଷାଧିକ ଶ୍ରଦ୍ଧାଳୁ ଏଠାରେ ବୁଡ ପକାଇବାକୁ ଛୋଟି ଆସିଥାନ୍ତି, ତେବେ ଗତ ଦୁଇବର୍ଷ ଧରି କରୋନା କଟକଣା ପାଂଇ ପ୍ରଶାସନ ପକ୍ଷରୁ ବାରୁଣୀ ସ୍ନାନ ବନ୍ଦ କରା ଯାଇ ଥିଲା, ମାତ୍ର ଚଳିତ ବର୍ଷ କଟକଣା କୋହଳ ହୋଇଥିବା ଯୋଗୁଁ ବାରୁଣୀ ସ୍ନାନ ପାଂଇ ଅନୁମତି ମିଳିଥିବାରୁ ଶ୍ରଦ୍ଧାଳୁ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଆନନ୍ଦ ର ଲହରୀ ଖେଳିଯାଇଛି, ଶ୍ରଦ୍ଧାଳୁ ମାନଙ୍କ ପାଂଇ ଅସ୍ଥାୟୀ ବିଶ୍ରାମାଗାର, ପାନୀୟ ଜଳ, ଶୌଚାଳୟ ଇତ୍ୟାଦି ବ୍ୟବସ୍ଥା କରାଯିବା ସହ କିଭଳି ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇ ପାରିବ ସ ନେଇ କଷାଫଳ ପଞ୍ଚାୟତ କାର୍ଯ୍ୟାଳୟ ରେ ସରପଞ୍ଚ ଜୟନ୍ତି ଆଦିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ଏଥିରେ ସମିତି ସଭ୍ୟା ପ୍ରିୟଙ୍କା ଜେନା, ନାଏବ ସରପଞ୍ଚ ପ୍ରୀୟରଞ୍ଜନ ପୃଷ୍ଟି, ପଞ୍ଚାୟତର ସରପଞ୍ଚ ପ୍ରତିନିଧି ମୁକୁନ୍ଦ ଆଦିକ ସମିତି ସଭ୍ୟା ପ୍ରତିନିଧି ସତ୍ୟଜିତ ଜେନା, ସଭ୍ୟ ଓ ସଭ୍ୟା ଏବଂ ଗ୍ରାମର ପ୍ରମୁଖ ଭଦ୍ରବ୍ୟକ୍ତି ମାନେ ଉପସ୍ଥିତ ରହି ସମସ୍ତ ପ୍ରଶାସନିକ ଅଧିକାରୀ ଙ୍କୁ ଶୃଙ୍ଖଳା ରକ୍ଷା ନିମନ୍ତେ ଜଣାଇଥିବା ସରପଞ୍ଚ ସୂଚନା ଦେଇଛନ୍ତି ।

## ଜଳେଶ୍ୱର ପୌରାଞ୍ଚଳର ୩ନଂ ୱାର୍ଡର କଂଗ୍ରେସ ପ୍ରାର୍ଥିନୀ ଆସମିନା ବିବି ଭୋଟରଙ୍କୁ ଜଣାଇଲେ କୃତଜ୍ଞତା

ଜଳେଶ୍ୱର ୨୮/୩ (ନି.ପ୍ର) : ଜଳେଶ୍ୱର ପୌରପାଳିକାର ୧୭ଟି ୱାର୍ଡ ମଧ୍ୟରୁ କଂଗ୍ରେସ ଗୋଟିଏରେ ବିଜୟୀ ହୋଇଥିଲେ ମଧ୍ୟ କର୍ମୀମାନେ ସକ୍ରିୟ ଓ ସଂଗଠିତ ଥିବା ଦେଖିବାକୁ ମିଳିଛି । ୩ନଂ ୱାର୍ଡର ସଭ୍ୟା ପ୍ରାର୍ଥିନୀ ଆସମିନା ବିବିଙ୍କ ସପକ୍ଷରେ ମତଦାନ ଯାଇନଥିଲେ ମଧ୍ୟ ସେ ଭୋଟର ଭାଇ ଭଉଣୀ ମାନଙ୍କୁ କୃତଜ୍ଞତା ଜଣାଇଛନ୍ତି । ଶାସକ ଦଳର ଅର୍ଥ, ବାହୁବଳ ଆଗରେ ସେମାନଙ୍କୁ ହାର ମାନିବାକୁ ପଡିଥିଲା । ମାତ୍ର କଂଗ୍ରେସର ରାଜ୍ୟ ନେତୃବର୍ଗ ପ୍ରଚାରକୁ ଆସିନଥିବା କିମ୍ବା ସହାୟତା କରିନଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି । ହେଲେ ସ୍ଥାନୀୟ ନେତୃମଣ୍ଡଳୀ ଅପସିନ୍ ଅଲ୍ଲୀ (ଭାଲା), ମମତାଜ୍ ଖାଁ, ସେକ୍ ଅନୱାର, ମେହେରବାନ୍ ଖାଁ, ଏସ୍କେ ଜାହିର, ସେକ୍ ବର୍ଣ୍ଣି, ମନୱାର ଖାଁ, ସେକ୍ ରଜାକ୍ ପ୍ରମୁଖଙ୍କ ନେତୃତ୍ୱରେ ସେ ୨୦୬ ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ ।

## ଜଳେଶ୍ୱରରେ ଭାରତ ବନ୍ଦ ଶାନ୍ତିପୂର୍ଣ୍ଣ



ଜଳେଶ୍ୱର, ୨୮/୦୩ (ନି.ପ୍ର): ଦେଶର କେତେକ ଶ୍ରମିକ ସଂଗଠନ ଆହ୍ୱାନରେ ଭାରତବନ୍ଦ ଜଳେଶ୍ୱରରେ ଶାନ୍ତିପୂର୍ଣ୍ଣଭାବେ ପାଳିତ ହୋଇଛି । ପେଟ୍ରୋଲ, ଡିଜେଲ, ଗ୍ୟାସ୍ ଦର ବୃଦ୍ଧି, ସରକାରୀ ସମ୍ପଦ ବିକ୍ରି ବିରୋଧରେ ଠିକା ଶ୍ରମିକଙ୍କୁ ନିଯୁକ୍ତି ଦାବି ନେଇ ଆଜିର ଧର୍ମଘଟ ଆରମ୍ଭ ହୋଇଛି । ୨ ଦିନିଆ ଏହି ଧର୍ମଘଟ ଡାକରାରେ ଜଳେଶ୍ୱରର ଶିକ୍ଷକ-ଶ୍ରମିକ-କର୍ମଚାରୀ ସମନ୍ୱୟ ସମିତି ଯୋଗ ଦେଇଥିଲା । ୬୦ ନଂ ଜାତୀୟ ରାଜପଥରେ ସକାଳ ୬.୩୦ରୁ୯.୩୦ଯାଏ ସମସ୍ତ ଯାଂନ ଚଳାଚଳ ଠପ୍ ହୋଇ ଯାଇଥିଲା । ଫଳରେ ଉପାନ୍ତ ଟୋଲ ପ୍ଲାଜା ଠାରେ ଶହ ଶହ ଯାନ ଦୁଇପଟୁ ଅଟକି ରହିଥିଲା । ଏଥିରେ ସାମଲ୍ୟବାଦୀ ନେତା ଶିଶିର ହୁଇ, ଦିଲ୍ଲିପ ଗିରି, ଜିତାଂଶୁ ନନ୍ଦି, ସିତାଂଶୁ ସେନାପତି, ପଲ୍ଟୁ ଦାସ, ଜୟନ୍ତ ଘୋଷ, ରବିନ୍ଦ୍ର ବାରିକ, ଦିଲ୍ଲିପ ପରିଡା, ସେକ୍ ଅବଦୁଲ ସାଦ୍ଧିକ, ମମି ପଣ୍ଡା, ମିନତି ବାରିକ, ନିରଦ ବେହେରା, ଅଜୟ ପଲେଇ, ସନ୍ତୋଷ ଦାସ, ମଦନ ମାହାଲି, ରାଜେଶ ମହାନ୍ତି, ନରେନ୍ ସିଂ ପ୍ରମୁଖ ସାମିଲ ଥିଲେ ।

## ୬୦ନଂ ଜାତୀୟ ରାଜପଥରେ ବସ୍ ଚାଳକଙ୍କୁ ମାଡ ଘଟଣା : ପୁଲିସ୍ ଉଠାଇଲା ଜଣକୁ

ଜଳେଶ୍ୱର ୨୮/୩ (ନି.ପ୍ର) : ଗତ ୨୪ ତାରିଖ ଅପରାହ୍ନରେ ଜାତୀୟ ରାଜପଥ ୬୦ର ଜଳେଶ୍ୱର ନିକଟ ନହଞ୍ଜରା ବାଇପାସ୍ ଠାରେ ଭୁବନେଶ୍ୱରରୁ କୋଲକତା ଯାଉଥିବା ନୀଳ ମାଧବ ବସ୍‌ର ଚାଳକ ଓ ହେଲପରକୁ ମାଡମାରି ଲୁଟ କରିବା ଘଟଣାରେ ସ୍ଥାନୀୟ ବସ୍ ଚାଳକ ସଂଘ ଆଜି ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା । ୬୦ନଂ ଜାତୀ ରାଜପଥରେ ଚାଳକ ମାନଙ୍କୁ କେତେକ ଦୁର୍ବୃତ୍ତ, ମାଫିଆ ବିଭିନ୍ନ ଘଟଣାରେ ଆକ୍ରମଣ କରିବା, ମାରଧର କରିବା, ଲୁଟ କରିବା ଏପରିକି ହତ୍ରା କରିଆସୁଥିବାର କେତେକ ନଜିର ରହିଛି । ଗତ ୪ ଦିନ ତଳେ ନୀଳ ମାଧବ ବସ୍ କର୍ମଚାରୀ ମାନଙ୍କୁ ବିଚ୍ ରାଜପଥରେ ଦିନ ଦ୍ୱିପ୍ରହରରେ ମାଡଗୋଳ କରିଥିବାରୁ ଚାଳକ ସଂଘ ଏହାର ପ୍ରତିବାଦ କରିବା ସହିତ ଅଭିଯୁକ୍ତକୁ ଗିରଫ ନ କଲେ ଆନ୍ଦୋଳନ ହେବ ବୋଲି ସୂଚନା ଦେଇଥିଲା । ଅଦ୍ୟାବଧି ଅଭିଯୁକ୍ତକୁ ଗିରଫ କରାଯାଇନଥିବାରୁ ଆଜି ଚାଳକ ସଂଘ ଆନ୍ଦୋଳନ କରିଥିଲା । କିନ୍ତୁ ପୁଲିସ୍ ତତ୍ପରତା ପ୍ରକାଶ କରି ଅଭିଯୁକ୍ତ କାଳିଆ ଦାସ (ଶୁଭେନ୍ଦୁ)କୁ ଜେ.ଏଚ୍୦୫ସିୱ୍ୟ-୮୪୦୮ କାର୍ ସହିତ ଗିରଫ କରିଛି । ଫଳରେ ଚାଳକ ସଂଘ ଆଶ୍ୱସ୍ତି ପ୍ରକାଶ କରିବା ସହିତ ଅନ୍ୟ ୯ଜଣଙ୍କୁ ଗିରଫ କରିବାକୁ ଦାବି ଜଣାଇଛି । ଏଥିରେ ସଭାପତି ଚନ୍ଦନ ଭଟାଚାର୍ଯ୍ୟ, ସଂପାଦକ ସୁରେନ୍ଦ୍ର ବିଶ୍ୱାଳ, ଭାସ୍କର ମାହାଲା, ସତ୍ୟନାରାରୟଣ ସେନାପତି, ଅଭିଜିତ୍ ମାଝି, ଲକ୍ଷ୍ମିକାନ୍ତ ସିଂ, କମଳଲୋଚନ ପ୍ରଧାନ, ଭୀମ କିସ୍କୁ, ଜିତୁ ଦାସ, ଗୋପି ମିର୍ଦ୍ଧା ପ୍ରମୁଖ ଶତାଧିକ ଚାଳକ ବିକ୍ଷୋଭରେ ଅଂଶ ଗ୍ରହଣ କରିଥିଲେ ।

## ବିହାରର ଏକ ବିସ୍ଫୋରଣରେ ୭ଜଣ ଗୁରୁତର ଆହତ

ପାଟନା, ୨୮/୦୩ (ନି.ପ୍ର): ବିହାରର ଲଖିସରାୟ ଜିଲ୍ଲାର ପିପିରିୟା ସ୍ଥିତ ବଲୀପୁର ଗ୍ରାମରେ ସୋମବାର ଦିନ ଗୋଟିଏ ଘରେ ହୋଇଥିବା ଏକ ବମ୍ ବିସ୍ଫୋରଣରେ ପୁରା ଅଂଚଳରେ ଆତଙ୍କ ଖେଳିଯାଇଛି । ଏହି ବିସ୍ଫୋରଣରେ ୭ଜଣ ଗୁରୁତର ଆହତ ହୋଇଛନ୍ତି ।। ଏମାନଙ୍କ ମଧ୍ୟରେ ମହିଳା ଓ ପିଲାମାନେ ସାମିଲ ଅଛନ୍ତି । ଏହି ସମସ୍ତଙ୍କର ଚିକିତ୍ସା ଜିଲ୍ଲା ସଦର ହସ୍ପିଟାଲରେ କରାଯାଉଅଛି । ସୂଚନା ପାଇବା ପରେ ଲଖିସରାୟ ଏସପି ସୁଶିଲ କୁମାର ତାଙ୍କ ଦଳବଳ ସହିତ ଘଟଣା ସ୍ଥଳରେ ପହଂଚିଛନ୍ତି ଓ ସେଠାକାର ଅବସ୍ଥା ସଂପର୍କରେ ତଦାରଖ କରିଛନ୍ତି । ପୋଲିସ ଘଟଣା ସ୍ଥଳରୁ ୩ ଟି ଅଫୁଟା ବମ୍ ଜବତ କରିବା ସହିତ ମାମଲା କଡା ଛାନଭିନ କରୁଛି । ମିଳିଥିବା ସୂଚନା ଅନୁସାରେ ଗ୍ରାମରେ ଗୋଟିଏ ଘରେ ୩ଟି ବମ୍ ରଖାଯାଇଥିଲା । ଘରର କୌଣସି ପିଲା ଅଜାଣତରେ ଗୋଟିଏ ବମ୍‌କୁ ଉଠାଇ ଦେବାରୁ ଏହା ଫୁଟି ଯାଇଥିଲା ।

## ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ଅଭିନନ୍ଦନ ସମାରୋହ



ଉଦଳା, ୨୮/୦୩ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦାର ଲାଲବଜାରସ୍ଥିତ ଜିଲ୍ଲା ପ୍ରାଥମିକ ଶିକ୍ଷକ ଭବନ ପରିସରରେ ସଂଘର ସଭାପତି ଆରତ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ନିକଟରେ ଯାଇଥିବା ନିର୍ବାଚନରେ ବିଜୟଲାଭ କରିଥିବା ରାଜନେତା ମାନଙ୍କୁ ଅଭିନନ୍ଦନ ଜଣାଇବା ଉଦେଶ୍ୟରେ ଏକ ସମାରୋହ ଚଳିତ ମାର୍ଚ୍ଚ ୨୭ତାରିଖ ରବିବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ସମାରୋହରେ ମୟୂରଭଞ୍ଜ ଜିଲ୍ଲା ପରିଷଦର ଅଧ୍ୟକ୍ଷ ଭାବରେ ଦାୟିତ୍ୱ ଗ୍ରହଣ କରିଥିବା ଭାରତୀ ହାଁସଦା, ବାରିପଦା ପୌର ପରିଷଦର ନବ ନିର୍ବାଚିତ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଏବଂ ଜିଲ୍ଲା ସଂଘର ବରିଷ୍ଠ ପରାମର୍ଶଦାତ୍ତା ମୁରରିଲାଲ ଶର୍ମାଙ୍କୁ ଶିକ୍ଷକ ସଂଘ ତରଫରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହାପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ । ସଂଘର ସାଧାରଣ ସଂପାଦକ ବିମଳ କୁମାର ଆଚାର୍ଯ୍ୟ ସଭା ପରିଚାଳନା କରିବା ସହିତ କରୋନା କାଳରେ ଶିକ୍ଷାର କିପରି ବ୍ୟାପକ କ୍ଷତି ଘଟିଛି ଓ ଏହାର ମୁକାବିଲା ପାଇଁ କିପ୍ରକାର ସହଯୋଗର ଆବଶ୍ୟକତା ରହିଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ଆଲୋଚନାରେ ଅନ୍ୟ ମାନଙ୍କ ମଧ୍ୟରେ ସମ୍ଭୁନାଥ ପାଣି, ପ୍ରଶାନ୍ତ କୁମାର ଦାସ ଓ ଶିବ ପ୍ରସାଦ ମହାପାତ୍ର ଅଂଶ ଗ୍ରହଣ କରି ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଦୈନନ୍ଦିନ ଜୀବନରେ ସାମନା କରୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ । ଶେଷରେ ରାଜନେତା ମାନେ ତାଙ୍କର ବକ୍ତବ୍ୟରେ ଆମେ ସବୁବେଳେ ଶିକ୍ଷକ ମାନଙ୍କ ସୁଖ ଦୁଃଖରେ ସାଥି ହୋଇ ରହିଛୁ, ପରେ ମଧ ରହିବୁ ବୋଲି ବ୍ୟକ୍ତ କରିଥିଲେ । ସଂଗଠନ ସଂପାଦକ ବଳରାମ ନାଥ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

## ବିଦ୍ୟୁତ୍ ଚାଳିତ ବାଇକ ସୋରୁମ୍ ଉଦ୍‌ଘାଟିତ

ନୀଳଗିରି, ୨୮/୩- ନୀଳଗିରି ବସ୍‌ଷ୍ଟାଣ୍ଡ ଠାରେ ଥିବା ମହାପାତ୍ର ମାର୍କେଟ କଂପ୍ଲେକ୍ସରେ ବିଦ୍ୟୁତ୍ ଚାଳିତ ମେଗା ବାଇକ ସୋରୁମ୍‌କୁ ନୀଳଗିରି ଉପଜିଲ୍ଲାପାଳ ଦୀପ୍ତିରଂଜନ ସେଠୀ, ନୀଳଗିରି ଏନ.ଏ.ସି.ର ନବନିର୍ବାଚିତ ଚେୟାରମେନ୍ ଅମ୍ବିକା ଦାସ ଆନୁଷ୍ଠାନିକ ଭାବେ ଶୁଭ ଉଦ୍‌ଘାଟନ କରିଛନ୍ତି । ଦେବୀ ଟ୍ରେଡିଂ ପକ୍ଷରୁ ଆଜି ଏହି "କୋମାଳି" ବାଇକ ସୋରୁମ୍‌ରେ ଗ୍ରାହକମାନଙ୍କର ପ୍ରବଳ ଭିଡ଼ଦେଖିବାକୁମିଳିଥିଲା । ଏହି ବାଇକ ବ୍ୟବହାର ଦ୍ୱାରା ଇନ୍ଧନ ବଂଚିବା ସହ ସଂପୂର୍ଣ୍ଣ ପ୍ରଦୂଷଣ ମୁକ୍ତ ବୋଲି ଦେବୀ ଟ୍ରେଡିଂ ର ସତ୍ତ୍ୱାଧିକାରୀ ମୁନା ବେହେରା ପ୍ରକାଶ କରିଛନ୍ତି ।

## କେନ୍ଦ୍ରର ବିଜେପି ସରକାର ବିରୁଦ୍ଧରେ ପ୍ରଥମ ଦିନରେ ଧର୍ମଘଟ ସଫଳ

ନୀଳଗିରି, ୨୮/୦୩ (ନି.ପ୍ର): ଜନବିରୋଧି ଓ ଦେଶ ବିରୋଧି କେନ୍ଦ୍ର ବିଜେପି ସରକାର ବିରୁଦ୍ଧରେ ମାର୍ଚ୍ଚ ୨୮ ଓ ୨୯ ତାରିଖରେ ଦେଶବ୍ୟାପୀ ଧର୍ମଘଟ ପାଇଁ ସ୍ୱାଧୀନ କର୍ମଚାରୀ ଫେଡେରେସନ ସମୂହ ଆହ୍ୱାନ ଦେଇଥିବା ବେଳେ ନୀଳଗିରିରେ ଏହାର ପ୍ରଭାବ ପକାଇଛି । ଧର୍ମଘଟକୁ ସମର୍ଥନ ଜଣାଇ ନୀଳଗରିର ସି.ଆଇ.ଟି.ୟୁ.ର ଜିଲ୍ଲା ସଂପାଦକ ବିଜୟ ପାତ୍ର, ଜ୍ୟୋର୍ତିମୟ ରାଉତ, ଯୋଗାନନ୍ଦ ଦାସ, ନୀଳମାଧବ ସିଂ, କାଳିଆ ପାତ୍ର, ଲକ୍ଷ୍ମୀଧର ସାହୁ, ନିରଂଜନ ବାରିକ, ବିଜୟ ସ, କୈଳାସ ପଣ୍ଡା, ପୁରସ୍ତମ ବାରିକ, ସମେତ ବହୁ ନେତୃମଣ୍ଡଳୀ ଏକତ୍ରିତ ହୋଇ ନୀଳଗିରି ବାଇପାସ ଛକ ଠାରେ ରାସ୍ତା ଅବରୋଧ କରି ଗାଡ଼ି ଚଳାଚଳକୁ ବନ୍ଦ କରିଥିଲେ । ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟ ଓ ବ୍ୟାଙ୍କ ପ୍ରତିଷ୍ଠାନକୁ ବନ୍ଦ କରିଥିଲେ । ବିଭିନ୍ନ ଦାବି ନେଇ ଯଥା ଦରଦାମ ବୃଦ୍ଧିକୁ ରୋକିବା, ଠିକା ଶ୍ରମିକ ବ୍ୟବସ୍ଥାକୁ ଉଚ୍ଛେଦ କରିବା, ସ୍କିମ ୱର୍କର ଙ୍କୁ ଶ୍ରମିକ ମାନ୍ୟତା, ଘରୋଇକରଣ ବନ୍ଦ କରିବା, ସର୍ବନିମ୍ନ ମାସିକ ବେତନ ୨୬ହଜାର ଓ ମାସିକ ପେନସନ ୯ ହଜାର ଟଙ୍କା କରିବା , ବେକାରି ନିଯୁକ୍ତି, ସଂଶୋଧିତ ଶ୍ରମ ଆଇନ ବାତିଲ କରିବା ଆଦି ଦାବୀ ସହ ୧୨ ଦଫା ଦାବୀ ନେଇ ଧର୍ମଘନ କରାଯାଇଛି । ପ୍ରଥମ ଦିନ ଧର୍ମଘଟରେ ନୀଳଗିରିର ସମସ୍ତ କାର୍ଯ୍ୟାଳୟ, କୋର୍ଟ , କଚେରୀ, ବ୍ୟାଙ୍କ ଆଦି ବନ୍ଦ ରହିଥିବା ବେଳେ ବଜାରରେ ପିକେଟିଂ କରାଯାଇଥିଲା ।

## ୧୨ଦଫା ଦାବିରେ ନିଖିଳ ଓଡିଶା ଅଂଗନୱାଡି କର୍ମୀ ସଂଘର ବ୍ଲକ ସମ୍ମୁଖରେ ବିକ୍ଷୋଭ

ଜଳେଶ୍ୱର ୨୮/୩ (ନି.ପ୍ର) : ନିଖିଳ ଓଡିଶା ଅଂଗନୱାଡି କର୍ମୀ ସଂଘ ଡାକରାରେ ଜଳେଶ୍ୱର ବ୍ଲକ କମିଟି ପକ୍ଷରୁ ଆଜି ୧୨ଦଫା ଦାବି ନେଇ ବ୍ଲକ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇ ଯାଇଛି । ୨ଦିନ ଧରି ହେବାକୁ ଥିବା ଏହି ବିକ୍ଷୋଭ ଆଜି ଆରମ୍ଭ ହୋଇଥିଲେ ମଧ୍ୟ ଅଂଗନୱାଡି, ଆଶାକର୍ମୀ, ମଧ୍ୟାହ୍ନଭୋଜନ ପାଚିକା, ହେଲପରଙ୍କୁ ସାମାଜିକ ସୁରକ୍ଷା ଓ ସର୍ବନିମ୍ନ ମଜୁରୀ ମୂଳ ପ୍ରଦାନ, ଠିକା ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି, ଅଣ ସଂଗଠିତ କର୍ମଚାରୀଙ୍କୁ ସୁରକ୍ଷା ଦେବା, ଆୟକର ଦେଉନଥିବା ବ୍ୟକ୍ତିଙ୍କୁ ୭୫୦୦ ଟଙ୍କା ପ୍ରଦାନ, ପ୍ରତ୍ୟେକ ଶ୍ରମିକଙ୍କୁ ୨୦୦ ଦିନର କାର୍ଯ୍ୟ ଯୋଗାଇ ଅର୍ଥ ପ୍ରଦାନ କରିବା, ସମସ୍ତଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ସେବା ଯୋଗାଇବା, ସାମଗ୍ରୀ କିଣାରେ ଅଧିକ ଅର୍ଥ ବରାଦ କରିବା ଭଳି ୧୨ ଦାବି ରେ ବ୍ଲକ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା । ଏଥିରେ ଜଳେଶ୍ୱର ଶାଖା ସଭାପତି ଲକ୍ଷ୍ମିପ୍ରିୟା ଦାସ, ଆବାହକ ତୃପ୍ତିରାଣୀ ମହାନ୍ତି, କୋଷାଧ୍ୟକ୍ଷ ମମତାଦାସ ମହାପାତ୍ର, ସଂପାଦିକା କଳ୍ପନା ଦେ, ସୁଚିସ୍ମିତା ନନ୍ଦି, ବାସନ୍ତି ଦାସ, ଚମ୍ପାବତି ନାଗ, କଳ୍ପନା ଘଡେଇ, ପ୍ରତିଭା ପାତ୍ର, ବେଜି ହେମ୍ବ୍ର. ସରସ୍ୱତି ପାଳ, ମାଧୁରୀ ଘୋ, ବିଣାପାଣୀ କର, ତାଇରା ବିବି, କବିତା ଦାସ, ପୁରବି ଦାସ, ବେବି ଦଳପତି, ଯଜ୍ଞେଶ୍ୱରୀ ଡଗର, ସୁଜାତା ରାଓ, ମିନାରାଣୀ ଦେ, ରାଜେଶ୍ୱରୀ କାଟାଲ, ଭାରତୀ ସାହୁ, ଶାନ୍ତି ଚୌଧୁରୀ, ସୀତା ମାରାଣ୍ଡି, ବେବିରାଣୀ ଦାସ, ଗୁରୁବାର ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।

## ମୋ ସ୍କୁଲ ଅଭିଯାନ' ମାଧ୍ୟମରେ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



ବସ୍ତା,୨୮/୦୩ (ନି.ପ୍ର): ବସ୍ତା ବ୍ଲକ୍(ବାଲେଶ୍ୱର ଜିଲ୍ଲା) କୁଳିଦା ଗ୍ରା.ପ. ଅନ୍ତର୍ଗତ ବନବିହାରୀ ଲାଲ ବିଦ୍ୟାଳୟ ପ୍ରାଙ୍ଗଣରେ ଏକ ଉତ୍ସବ ମୁଖରିତ ପରିବେଶ ଭିତରେ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଗତ ତା. ୨୬.୦୩.୨୦୨୨(ଶନିବାର) ଦିନ ସମ୍ପାଦିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧନ ଶିକ୍ଷକ ଶ୍ରୀଯୁକ୍ତ ନରେନ୍ଦ୍ର ନାୟକଙ୍କ ସଭାପତିତ୍ୱ ତଥା ପ୍ରାରମ୍ଭିକ ଉଦବୋଧନ ସାଙ୍ଗକୁ ସ୍ଥାନୀୟ ଅନେକ ଭଦ୍ରବ୍ୟକ୍ତି, ସରପଞ୍ଚ ଅନ୍ନପୂର୍ଣ୍ଣା ସେନାପତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ରବିନ୍ଦ୍ର ମହାନ୍ତି, ସୁଦର୍ଶନ ଚୌଧୁରୀ, ଭାନୁଚରଣ ଗିରି, ଅନେକ ଅତିଥି ଶିକ୍ଷକ, ବର୍ତ୍ତମାନର ଶିକ୍ଷକ ଶିକ୍ଷୟିତ୍ରୀ ତଥା ୧୯୮୩ ମସିହାର ପ୍ରଥମ ପାସ୍‌ଆଉଟ୍ ବ୍ୟାଚ୍‌ରୁ ପ୍ରାରମ୍ଭ କରି ୨୦୨୧ ମସିହାର ପୁରାତନ ଛାତ୍ରଛାତ୍ରୀ ପ୍ରମୁଖ, କାର୍ତ୍ତିକ, ଅଜିତ,ଗୋପ, ଆନନ୍ଦ, ଆଲୋକ, ଆକାଶ, ସମୀର, ଅମୂଲ୍ୟ, ସତ୍ୟଜିତ, ଘନଶ୍ୟାମ, ସୁନୀଲ, ଅଧିର, ଅବନୀ,ଅଜୟ, ଆନନ୍ଦ,ସବିତା, ତୃପ୍ତିଲତା, ଅନୁପମା, ପ୍ରଜ୍ଞାସ୍ମିତା, ବିଷ୍ଣୁପ୍ରିୟା, ରଞ୍ଜିତା,ଲକ୍ଷହୀରା, ସଞ୍ଜିତା, ଉତ୍କଳିକା, ସୁପ୍ରଭା, ସୁଚିସ୍ମିତା, ଚିନ୍ମୟୀ, ଅର୍ଚ୍ଚିତା, ସ୍ମୃତିରେଖା, ସୁଦେଶା, ଭାରତୀ, ସୁଭଦ୍ରା, ପ୍ରୀତି ତଥା ବିଦ୍ୟାଳୟର ଆନେକ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ଏ ବନ୍ଧୁ ମିଳନ କାର୍ଯ୍ୟକ୍ରମର ସଫଳ ପରିଚାଳନା କରିଥିଲେ । ବିଦ୍ୟାଳୟ ଓ ହଷ୍ଟେଲ ଜୀବନର ସ୍ମୃତିକୁ ଆଉଥରେ ପ୍ରଚ୍ଛଦପଟରୁ ଖୋଜି ଆଣି ସମସ୍ତେ ଭାବ ବିହ୍ୱଳ ହେବା ସାଙ୍ଗକୁ ବିଗତ କିଛି ବର୍ଷ ତଳେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ପ୍ରାଣତ୍ୟାଗ କରିଥିବା ଆଦରର ମନ୍ମଥ ସାର, ଗଙ୍ଗାଧର ସାର, ତଥା ବିରଳ ରୋଗରେ ପୀଡିତ ସୁଶାନ୍ତଙ୍କ କଥା ମନେପକାଇ ଅଶ୍ରୁଳ ନୀରବ ପାର୍ଥନା ବି କରାଯାଇଥିଲା । ବିଦ୍ୟାଳୟର ଏବର ଶିକ୍ଷକ ଓ ଛାତ୍ରଛାତ୍ରୀ ମଧ୍ୟରେ ଏକ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସହିତ ସ୍କୁଲ ପରିବେଶ ବେଶ କେତେଘଣ୍ଟା ପାଇଁ ପ୍ରାରମ୍ଭିକ ସ୍ୱାଗତମ ସଙ୍ଗୀତ, ଜାତୀୟ ସଙ୍ଗୀତ ତଥା ସମାପନୀ ସଂଗୀତ ଭିତରେ ଉତ୍ସବ ମୁଖରିତ ହୋଇ ରହିଥିଲା ।

## ଗ୍ରାମ୍ୟ ଜଙ୍ଗଲରେ ହେଉଛି ପ୍ରଧାନମନ୍ତ୍ରୀ ଆବାସ



ବାଲିଆପାଳ, ୨୮/୦୩ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ମଧୁପୁରା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତାତା ହୋଇଥିବା ଦେଖିବାକୁ ମିଳିଛ ।ସରକାର ଏହି ଯୋଜନାରେ ଘର ପାଇବାକୁ ଚିହ୍ନଟ ହୋଇଥିବା ବ୍ୟକ୍ତିଙ୍କ ସମ୍ପର୍କରେ ସର୍ଭେକରି ରିପୋର୍ଟ ପ୍ରଦାନକରିବାକୁ ଏକ ଟିମ ଗଠନ କରିଥିଲେ ।ଟିମ ରିପୋର୍ଟ ଆଧାରରେ ଆବାସ ଗୃହ ବଣ୍ଟନ କରାଯିବାର ନିୟମ ରହିଛି ।ମାତ ମଧୁପୁରା ପଞ୍ଚାୟତରେ ଏବେ ଗ୍ରାମ୍ୟ ଜଙ୍ଗଲ କିସମ ,ଗୋଚରକିସମ ଭଳି ସରକାରୀ ଜାଗାରେ ଆବାସଗୃହ ନିର୍ମାଣ ହେଉଥିବା ଦେଖିବାକୁ ମିଳିଛି ।ମଧୁପୁରା ଗ୍ରାମର ବାବୁଲାଲ ମଣ୍ଡଳ ନାମକ ଜନୈକ ବ୍ୟକ୍ତିଙ୍କୁ ଏହି ଆବାସ ଯୋଜନାରେ ଏକ ଘର ପ୍ରଦାନ କରାଯାଇଛି ।ସେ ଏହି ଗୃହକୁ ମଧୁପୁରା ମୌଜାର ୫୩୧ ନମ୍ବର ଗ୍ରାମ୍ୟଜଙ୍ଗଲ ପ୍ଲଟରେ ନିର୍ମାଣକରୁଛନ୍ତି । ଏହି ପ୍ଲଟର ପାର୍ଶ୍ୱଦେଇ ମଧୁପୁରା ପଞ୍ଚାୟତ ସିମୁଳିଅ ବଜାରର ବର୍ଷାପାଣି ସହିତ ସମସ୍ତ ଆବର୍ଜନା ପାଣି ନିଷ୍କାସିତ ହୋଇଥାଏ ।ବାବୁଲାଲ ଗୃହ ନିର୍ମାଣ କରିବା ଫଳରେ ଗ୍ରାମ୍ୟଜଙ୍ଗଲ ପ୍ଲଟ ପାଖଦେଇଯାଇଥିବା ନାଳଟି ସମ୍ପୂର୍ଣ୍ଣ ଅବରୋଧ ହୋଇଯାଇଛି । ଯାହା ଫଳରେ ଆବର୍ଜନା ପାଣୀ ନିଷ୍କାସିତ ହୋଇ ନପାରି ଲୋକଙ୍କ ବ୍ୟକ୍ତିଗତ ଜାଗାରେ ଆବର୍ଜନା ପାଣି ପଶୁଛି । ଏ ସଂକ୍ରାନ୍ତରେ ଗ୍ରାମବାସୀ ଏକମାସ ପୂର୍ବରୁ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ବବଲୁ ହାଂସଦାଙ୍କୁ ଅଭିଯୋଗ କରିଥିଲେ ମଧ ସେ କୌଣସି କଥାକୁ କର୍ଣ୍ଣପାତ ନକରି ଗୃହକାର୍ଯ୍ୟର ତୃତୀୟକିସ୍ତି ର ବିଲ ପ୍ରଦାନ କରିସାରିଛନ୍ତି ।ବାବୁରାମଙ୍କ ଭଳି ସିମୁଳିଆ, ଖଗଡାପାଳ, ଖାଳଡିହା ସମେତ ମଧୁପୁରା ପଞ୍ଚାୟତର ବିଭିନ୍ନ ଗ୍ରାମରେ ୪୦ରୁ ଉର୍ଦ୍ଧ୍ୱ ଅଯୋଗ୍ୟ ହିତାଧିକାରଙ୍କୁ ଆବାସ ଯୋଜନାରେ ଗୃହ ବଣ୍ଟନ କରାଯାଇଥିବାର ଅଭିଯୋଗ ହୋଇଛି । ଏସମ୍ପର୍କରେ କିଛି ଗ୍ରାମବାସୀ ବାଲିଆପାଳ ବିଡିଓ ସମେତ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଏହାର ତଦନ୍ତ କରି କାର୍ଯାନୁଷ୍ଠାନ ଗ୍ରହଣ କରାନଗଲେ ଗ୍ରାମବାସୀ ଉଚ୍ଚନ୍ୟାୟାଳୟର ଆଶ୍ରୟନେବେ ବୋଲି ଗଣମାଧ୍ୟମକୁ କହିଛନ୍ତି । ତେବେ ଏ ସମ୍ପର୍କରେ ବାଲିଆପାଳ ତହସିଲଦାର ଦୀପକ କୁମାର ଦାସଙ୍କୁ ପଚାରିବାରୁ ତଦନ୍ତକରି ପଦେକ୍ଷପ ନେବେ ବୋଲି କହିଛନ୍ତି ।

## ରାଜ୍ୟ ସଭାପତିଙ୍କୁ ଭେଟିଲେ କଟକର ନବନିର୍ବାଚିତ ବିଜେପି କର୍ପୋରେଟର

ଭୁବନେଶ୍ୱର, ୨୮/୦୩ (ନି.ପ୍ର): କଟକ ମହାନଗର ନିଗମ ନିର୍ବାଚନରେ ବିଜୟୀ ହୋଇଥିବା ସମସ୍ତ ବିଜେପି କର୍ପୋରେଟର ଆଜି ରାଜ୍ୟ କାର୍ଯ୍ୟାଳୟକୁ ଆସି ରାଜ୍ୟ ସଭାପତି ସମୀର ମହାନ୍ତିଙ୍କୁ ଭେଟିଛନ୍ତି । ରାଜ୍ୟ ସଭାପତି ଶ୍ରୀ ମହାନ୍ତି ନବନିର୍ବାଚିତ କର୍ପୋରେଟର ମମତା ମହାନ୍ତି, ଲିପ୍ସା ନାୟକ, ଲକ୍ଷ୍ମୀଧର ବେହେରା, ଗଗନ ଓଝା, ଗୋପାଳ ବେହେରା, ଦୀପକ ଦାସ ଏବଂ ରାକେଶ ସ୍ୱାଇଁଙ୍କୁ ଶୁଭେଚ୍ଛା ଜଣାଇ ସମ୍ବର୍ଦ୍ଧିତ କରିଥିଲେ । ରାଜ୍ୟର ସର୍ବପୁରାତନ ସହର କଟକ ଆଜି ବିଭିନ୍ନ ସମସ୍ୟା ଘେରରେ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ତେଣୁ ଲୋକଙ୍କ ସମସ୍ୟାର ସମାଧାନକୁ ପ୍ରାଥମିକତା ଦେଇ କଟକବାସୀଙ୍କ ପାଇଁ କାର୍ଯ୍ୟ କରିବାକୁ ଶ୍ରୀ ମହାନ୍ତି ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, ବିଧାୟକ ନାଉରୀ ନାୟକ, ପୂର୍ବତନ ଜିଲ୍ଲା ସଭାପତି ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo